ଧରିତ୍ରୀ 50 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୧/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, December 21/2023 Page 16 ₹ 7.00

୫୦ଶ ଭାଗ ୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 28 ମୂଲ୍ୟ ₹୭/-




## ଚିଲିକାରେ ଫସିଲେ ୫୦ ଯାତ୍ରୀ

**କୃଷ୍ଣପ୍ରସାଦ, ୨୦।୧୨ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ତୀର୍ଥକ୍ଷେତ୍ର ପୁରୀ ଓ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହ ଶହ ଯାତ୍ରୀ ଚିଲିକାରେ ଡଙ୍ଗା ଯୋଗେ ବିପଦଜ୍ଜନକ ଭାବେ ଯାତ୍ରା କରିଥାନ୍ତି। ବୁଧବାର ଅପରାହ୍ନ ୨ଟାରେ ଜହ୍ନିକୁଦାରୁ ଏକ ମୋଟରଚାଳିତ ଡଙ୍ଗା ପ୍ରାୟ ୫୦ ଜଣ ଯାତ୍ରୀ ଏବଂ ୪୦ଟି ବାଇକ୍ ନେଇ ସାତପଡ଼ା ଅଭିମୁଖେ ଆସୁଥିବା ବେଳେ ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ମୋଟର ନ ଚାଲିବା ଯୋଗୁ ଡଙ୍ଗାଟି ଅଟକି ରହିଥିଲା। ଡଙ୍ଗା ଚାଳକଙ୍କ ବହୁ ଚେଷ୍ଟା ସତ୍ତ୍ୱେ ଡଙ୍ଗା ଚାଲି ନ ଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇ ହୋହଲ୍ଲା କରିଥିଲେ। ଡଙ୍ଗା ଚାଳକ ଜହ୍ନିକୁଦା ଘାଟପେଣ୍ଟକୁ ଖବର ଦେବା ପରେ ସେଠାରୁ ଗୋଟିଏ ☞ପୃଷ୍ଠା-୨

# ବିରୋଧୀ ନ ଥାଇ ବିଲ୍ ପାସ୍

**ନୂଆଦିଲ୍ଲୀ, ୨୦।୧୨**

ଲୋକ ସଭାରୁ ବୁଧବାର ସିପିଆଇଏମ୍‌ର ଏ.ଏମ୍. ଆରିଫ୍ ଏବଂ କେରଳ କଂଗ୍ରେସ (ମଣି)ର ଥୋମାସ୍ ଚାଝିକାଦନଙ୍କୁ ନିଲମ୍ବନ କରାଯାଇଛି। ଏହି ଦୁଇ ଏମ୍‌ପିଙ୍କୁ ମିଶାଇ ଲୋକ ସଭାରୁ ନିଲମ୍ବିତ ସଦସ୍ୟଙ୍କ ସଂଖ୍ୟା ୯୭ରେ ପହଞ୍ଚିଛି। ଏହାବାଦ୍ ରାଜ୍ୟ ସଭାରୁ ଏଯାଏ ୪୬ ସଦସ୍ୟ ସସ୍‌ପେଣ୍ଡ ହେଲେଣି। ଶୀତ ଅଧିବେଶନ ସରିବାକୁ ୨ ଦିନ ବାକି ଥିବାବେଳେ ଭାରତୀୟ ନ୍ୟାୟ (ଦ୍ୱିତୀୟ) ସଂହିତା, ଭାରତୀୟ ନାଗରିକ ସୁରକ୍ଷା (ଦ୍ୱିତୀୟ) ସଂହିତା ଏବଂ ଭାରତୀୟ ସାକ୍ଷ୍ୟ (ଦ୍ୱିତୀୟ) ସଂହିତା ଲୋକ ସଭାରେ ଧ୍ୱନିମତରେ ପାରିତ ହୋଇଛି। ବ୍ରିଟିଶ୍ ଅମଳରୁ ପ୍ରଚଳିତ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି-୧୮୬୦), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି-୧୯୯୮) ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଅଧିନିୟମ-୧୮୭୨ ପରିବର୍ତ୍ତେ ଉପରୋକ୍ତ ୩ ବିଧେୟକ ଆଇନର ରୂପ ନେବାକୁ ଯାଉଛି। ତେବେ ଦୁଇତୃତୀୟାଂଶ ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ କେବଳ ଶାସକ ଓ ପରୋକ୍ଷରେ ସହଯୋଗ କରୁଥିବା ଅନ୍ୟ କେତୋଟି ଦଳର ସମର୍ଥନରେ ବିଲ୍‌ଗୁଡ଼ିକୁ ଗୃହୀତ କରାଇନେବା ପଛରେ ସରକାରଙ୍କ ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ ଉଠିଲାଣି।

ଲୋକ ସଭାରୁ ପୂର୍ବରୁ ୩ ଥରରେ ୯୫ ଏମ୍‌ପିଙ୍କୁ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଦର୍ଶାଇ ନିଲମ୍ବନ କରାଯାଇଥିବାବେଳେ ଗୃହରେ ପ୍ଲାକାର୍ଡ ଦେଖାଇବା ଅଭିଯୋଗରେ ବୁଧବାର ଆଉ ୨ ଜଣ ନିଲମ୍ବିତ ହୋଇଛନ୍ତି। ଏମାନଙ୍କୁ ମିଶାଇ ଚଳିତ ଅଧିବେଶନରେ ପାର୍ଲାମେଣ୍ଟରୁ ମୋଟ ୧୪୩ ଏମ୍‌ପି ନିଲମ୍ବିତ ହେଲେଣି। ଲୋକ ସଭାର ଅଧିକାଂଶ ବିରୋଧୀ ଦଳ ଏମ୍‌ପି ଅନୁପସ୍ଥିତ ଥିବାବେଳେ ବୁଧବାର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବିତ ଆପରାଧିକ ଆଇନ ଉପରେ ଆଲୋଚନାକୁ ନେଇ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ନେତ୍ରୀ ହରସିମ୍ରତ କୌର ବାଦଲ ପ୍ରଶ୍ନ ଉଠାଇଥିଲେ। ବିଲ୍‌ଗୁଡ଼ିକୁ ଏଭଳି ଗୃହୀତ କରାଇନେବା ଠିକ୍ ନୁହେଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପାର୍ଲାମେଣ୍ଟରେ ସୁରକ୍ଷା ବିଭ୍ରାଟ ନାଁରେ ଲୋକଙ୍କୁ ବିଭ୍ରାଟ କରାଯାଉଥିବା ଭାଜପା ଏମ୍‌ପି ରମେଶ ବିଧୁରୀ କହିଥିଲେ।

ନୂଆ ଆପରାଧିକ ଆଇନ ବିଲ୍‌ରେ ଯେକୌଣସି ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ପର୍ଯ୍ୟାପ୍ତ କ୍ଷମତା ଦିଆଯାଇଥିବାରୁ ଏହା ନାଗରିକ ସ୍ୱାଧୀନତା ଓ ଅଧିକାର ପ୍ରତି ବିପଦ ବୋଲି ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି କହିଛନ୍ତି। ଉକ୍ତ ବିଲ୍‌ଗୁଡ଼ିକ ଆଇନରେ ପରିଣତ ☞ପୃଷ୍ଠା-୨

## ଭିଡ଼ହିଂସା ପାଇଁ ମୃତ୍ୟୁଦଣ୍ଡ

ପ୍ରସ୍ତାବିତ ଆପରାଧିକ ଆଇନରେ ଭିଡ଼ହିଂସା ଅପରାଧ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଦେଶଦ୍ରୋହ ଆଇନ ବଳରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜେଲରେ ରଖାଯାଇଥିଲା। ପ୍ରସ୍ତାବିତ ଆଇନରେ ଉକ୍ତ ଦେଶଦ୍ରୋହ ଆଇନକୁ ହଟାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପୋଲିସକୁ ଅଧିକ ଉତ୍ତରଦାୟୀ କରିବା ପାଇଁ ବ୍ୟବସ୍ଥା ହୋଇଥିବା ଶାହା କହିଥିଲେ। ନୂଆ ଆଇନ ଅନୁଯାୟୀ ଗିରଫ ବ୍ୟକ୍ତିଙ୍କ ସବିଶେଷ ବିବରଣୀ ପ୍ରତି ଥାନାରେ ରେକର୍ଡ ହେବ ଏବଂ ଦାୟିତ୍ୱରେ ଥିବା ପୋଲିସ ଅଫିସର ଉକ୍ତ ରେକର୍ଡ ପରିଚାଳନା କରିବେ। ସେହିପରି ମାନବ ଚାଲାଣକୁ ନିୟନ୍ତ୍ରଣ କରିବା ପାଇଁ ଥିବା ଆଇନକୁ ଲିଙ୍ଗଗତ ନିରପେକ୍ଷ କରାଯାଇଛି। ୧୮ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କ୍ଷେତ୍ରରେ ସ୍ୱତଃ ପୋକ୍ସୋ ଆଇନର ଧାରା ଲାଗୁ ହେବ ବୋଲି ଶାହା କହିଛନ୍ତି।

**ଆଜିର ସମ୍ପାଦକୀୟ** ମାନବ ଅଧିକାର ଓ ନୈତିକ ବିଶ୍ୱବାଦ







## ସଂକ୍ଷେପରେ

### ପୋଲିସ ଉପରେ ଗାଡ଼ି ମଡ଼ାଇଦେଲେ ମଦ ମାଫିଆ

**ବେଗୁସରାଇ,୨୦।୧୨:** ବିହାର ବେଗୁସରାଇ ଜିଲାରେ ମଦ ମାଫିଆମାନେ ବୁଧବାର ଭୋର ସମୟରେ ପୋଲିସ ଉପରେ କାର୍ ମଡ଼ାଇ ଦେଇଛନ୍ତି। ଏଥିରେ ଜଣେ ପୋଲିସ ଅଫିସରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। କାର୍‌ରେ ଚୋରା ମଦ ଯାଉଥିବା ଖବର ପାଇଁ ପୋଲିସ ଏହାକୁ ପିଛା କରିଥିଲା। କାର୍‌କୁ ଅଟକାଇବାକୁ ଉଦ୍ୟମ କଲାବେଳେ ପୋଲିସ ଉପରକୁ ମାଫିଆମାନେ କାର୍ ମଡ଼ାଇ ଦେଇଥିଲେ।

### ଚା’ ବିଳମ୍ବ ହେବାରୁ ସ୍ତ୍ରୀ ମୁଣ୍ଡକାଟ୍

**ନୂଆଦିଲ୍ଲୀ,୨୦।୧୨:** ସକାଳ ଚା’ ଆଣିବାରେ ବିଳମ୍ବ କରିବାରୁ ଜଣେ ୫୨ ବର୍ଷୀୟ ମହିଳାଙ୍କ ମୁଣ୍ଡକୁ ଖଣ୍ଡାରେ କାଟି ଅଲଗା କରିଦେଇଛନ୍ତି ସ୍ୱାମୀ। ଗାଜିଆବାଦର ଭୋଜପୁର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ହତ୍ୟା ମାମଲାରେ ଧର୍ମବୀରଙ୍କୁ ଗିରଫ କରାଯାଇଛି। ଚା’ ତିଆରିରେ ସମୟ ଲାଗିବ ବୋଲି ସ୍ତ୍ରୀ ସୁନ୍ଦରୀ କହିବାରୁ ରାଗିଯାଇ ଧର୍ମବୀର ତାଙ୍କ ମୁଣ୍ଡ କାଟିଦେଇଥିଲେ।

### ତାମିଲନାଡୁ ବର୍ଷା ବିପ୍ୱାତରେ ୧୦ ମୃତ

**ନୂଆଦିଲ୍ଲୀ,୨୦।୧୨:** ତାମିଲନାଡୁର ଦାକ୍ଷିଣାତ୍ୟ ଜିଲାଗୁଡ଼ିକରେ ଦୁଇଦିନ ଧରି ପ୍ରବଳ ବର୍ଷାରେ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିବା ରାଜ୍ୟ ମୁଖ୍ୟ ସଚିବ ଶିବ ଦାସ ମୀନା ଜଣାଇଛନ୍ତି। ବର୍ଷାକୁ ନେଇ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଭୁଲ୍ ଥିଲା ବୋଲି ସେ ଦର୍ଶାଇଛନ୍ତି। ପ୍ରବଳ ବର୍ଷାରେ ତିରୁନେଲଭେଲି ଏବଂ ଟୁଟିକୋରିନ୍‌ରେ ୧୦ ଜଣ ପ୍ରାଣ ହରାଇଛନ୍ତି।



ଆଇସ୍‌ଲାଣ୍ଡର ରେକ୍‌ଜନେସ୍ ଉପଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣର ଆକାଶମାର୍ଗରୁ ଚିତ୍ର।

# ଆଇସ୍‌ଲାଣ୍ଡ ବିମାନବନ୍ଦର ନିକଟରେ ଲାଭା ଉଦ୍‌ଗିରଣ

**ରେକ୍‌ଜାଭିକ୍,୨୦।୧୨**

ଆଇସ୍‌ଲାଣ୍ଡରେ ଗତ କିଛି ସପ୍ତାହ ମଧ୍ୟରେ ଏକାଧିକ ଭୂକମ୍ପ ଘଟିବା ପରେ ଗ୍ରିଣ୍ଡାଭିକ୍ ସହର ନିକଟରେ ଲାଭା ଉଦ୍‌ଗିରଣ ହୋଇଛି। ଆଇସ୍‌ଲାଣ୍ଡ ପାଣିପାଗ ବିଭାଗ ସୂଚନା ଅନୁଯାୟୀ କ୍ରମାଗତ ଭୂକମ୍ପ ପରେ ସ୍ଥାନୀୟ ସମୟ ସୋମବାର ରାତି ୧୦ଟା ୧୭ରେ ଉଦ୍‌ଗିରଣ ଆରମ୍ଭ ହୋଇଥିଲା। ସେଠାରୁ ସେକେଣ୍ଡ ପ୍ରତି ୩,୫୭୦ରୁ ୭,୦୬୦ ଘନଫୁଟ୍ ଲାଭା ଉଦ୍‌ଗିରଣ ହେଉଥିବା ଯାହା ଉକ୍ତ ଅଞ୍ଚଳରେ ପୂର୍ବରୁ ହୋଇଥିବା ଉଦ୍‌ଗିରଣ ତୁଳନାରେ ଅନେକ ଗୁଣ ଅଧିକ। ଏହି ଉଦ୍‌ଗିରଣ ବହୁ ମାସ ପର୍ଯ୍ୟନ୍ତ ଚାଲିପାରେ ବୋଲି ଆଶଙ୍କା କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଦ୍‌ଗିରଣ ସ୍ଥଳଠାରୁ ଅଳ୍ପ ଦୂରରେ ଆଇସ୍‌ଲାଣ୍ଡର ମୁଖ୍ୟ ବିମାନ ବନ୍ଦର, ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ଗ୍ରିଣ୍ଡାଭିକ୍ ସହର ରହିଛି। ଉଦ୍‌ଗିରଣରେ ବାହାରୁଥିବା ଅର୍ଦ୍ଧତରଳ ଶିଳା ଓ ଲାଲ୍ ରଙ୍ଗର ଧୂଆଁ ୨.୫ ମାଇଲ୍ ପର୍ଯ୍ୟନ୍ତ ବ୍ୟାପିଗଲାଣି। ଭୂକମ୍ପ ବଢ଼ିବା ଯୋଗୁ ନଭେମ୍ବରରେ ଉକ୍ତ ଅଞ୍ଚଳରୁ ୪,୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଲାଭା ଉଦ୍‌ଗିରଣ ବେଳେ ଉକ୍ତ ସ୍ଥାନରେ କେହି ଲୋକ ନ ଥିଲେ ବୋଲି ଗ୍ରିଣ୍ଡାଭିକ୍ ମେୟର ଫନାର ଜୋନାସନ କହିଛନ୍ତି।

# ୨୧ ଜେଏନ୍.୧ ସବ୍‌ଭାରିଆଣ୍ଟ ଚିହ୍ନଟ

### ୩ ରାଜ୍ୟରେ ନୂଆ ଭାରିଆଣ୍ଟ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

### ସତର୍କ ରହିବାକୁ କେନ୍ଦ୍ରର ପରାମର୍ଶ



ବର୍ତ୍ତମାନ ସୁଦ୍ଧା ଭାରତର ୩ ରାଜ୍ୟରୁ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ର ୨୧ ମାମଲା ଚିହ୍ନଟ ହେଲାଣି। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ବୁଧବାର ଏହି ସୂଚନା ଦେଇଥିବାବେଳେ ଭୟଭୀତ ହେବାର କାରଣ ନ ଥିବା କହିଛନ୍ତି। ବୈଜ୍ଞାନିକମାନେ ନୂଆ ଭାରିଆଣ୍ଟ ଉପରେ ଅନୁଧ୍ୟାନ ଚଳାଇଛନ୍ତି। ରାଜ୍ୟଗୁଡ଼ିକ କୋଭିଡ୍ ପରୀକ୍ଷା ବଢ଼ାଇବା ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ମଜଭୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପଲ୍ କହିଛନ୍ତି, ସଂକ୍ରମିତଙ୍କ ମଧ୍ୟରୁ ୯୧ରୁ ୯୨ ପ୍ରତିଶତଙ୍କୁ ଘରେ ରହି ଚିକିତ୍ସିତ ହେବାକୁ କୁହାଯାଉଛି। ସରକାରୀ ତଥ୍ୟ ଅନୁଯାୟୀ ଗୋଆରୁ ଜେଏନ୍.୧ର ୧୯ଟି ମାମଲା ଚିହ୍ନଟହୋଇଥିବାବେଳେ କେରଳ ଏବଂ ମହାରାଷ୍ଟ୍ରରୁ ଗୋଟିଏ ଲେଖାଏ ମାମଲା ସାମ୍ନାକୁ ଆସିଛି। ଗତ ୨ ସପ୍ତାହରେ ବହୁବିଧ ରୋଗ ଥିବା ୧୬ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଦେଶର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଥିଲେ। କରୋନା ଭୂତାଣୁର ନୂଆ ଭାରିଆଣ୍ଟକୁ ନେଇ ସତର୍କ ରହିବାକୁ ସେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସଂକ୍ରମଣ ବଢୁଥିଲେ ମଧ୍ୟ ସାଧାରଣ ଲକ୍ଷଣ ଥିବା ୯୨.୮ ପ୍ରତିଶତ ଆକ୍ରାନ୍ତଙ୍କୁ ଘରେ ଆଇସୋଲେଶନରେ ରଖାଯାଉଥିବା ସ୍ୱାସ୍ଥ୍ୟ ସଚିବ ସୁଧାଂଶ ପନ୍ତ କହିଛନ୍ତି। ଅନ୍ୟାନ୍ୟ ରୋଗ ଥିବା ଖୁବ୍ କମ୍ କୋଭିଡ୍ ଆକ୍ରାନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। କେରଳ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ କର୍ନାଟକରେ ଦୈନିକ ପଜିଟିଭିଟି ହାର ବଢ଼ିଛି।

# ଆଜି ଯନ୍ତରମନ୍ତରରେ ନିଲମ୍ବିତ ଏମ୍‌ପିଙ୍କ ବିକ୍ଷୋଭ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

### ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ସାମିଲ ହୋଇ ମକ୍ ପାର୍ଲାମେଣ୍ଟ କରିବେ

ପାର୍ଲାମେଣ୍ଟରୁ ନିଲମ୍ବିତ ହୋଇଥିବା ୧୪୩ ଜଣ ବିରୋଧୀ ଦଳ ଏମ୍‌ପି ଗୁରୁବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ‘ମକ୍ ପାର୍ଲାମେଣ୍ଟ’ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କାର୍ଯ୍ୟକ୍ରମ ଚୂଡ଼ାନ୍ତ ଲାଗି ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଯନ୍ତରମନ୍ତର ବିକ୍ଷୋଭରେ ନିଲମ୍ବିତ ହୋଇଥିବା ଇଣ୍ଡିଆ ବ୍ଲକ୍‌ର ସମସ୍ତ ଏମ୍‌ପି ସାମିଲ ହେବା ସହ ମକ୍ ପାର୍ଲାମେଣ୍ଟର ଆୟୋଜନ କରିବେ। ସେଥିରେ ଆର୍‌ଜେଡି ଏମ୍‌ପି ମନୋଜ ଝା ବାଚସ୍ପତି ଭୂମିକା ତୁଲାଇପାରନ୍ତି।

ଗତ ୧୩ ତାରିଖରେ ଭିଜିଟର ପାସ୍ ବଳରେ ଲୋକ ସଭା ଗ୍ୟାଲେରିରେ ପ୍ରବେଶ କରିଥିବା ୨ ଜଣ ଦୁର୍ବୃତ୍ତ ଗୃହ ମଧ୍ୟକୁ ଡେଇଁ ସ୍ମୋକ୍ ବମ୍ ଫୁଟାଇ ଆତଙ୍କ ସୃଷ୍ଟି କରିଥିଲେ। ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟ ଉପରେ ଆଲୋଚନା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ବିରୋଧୀମାନେ ଗୃହରେ ହଟ୍ଟଗୋଳ କରିବାରୁ ବିଶୃଙ୍ଖଳିତ ଆଚରଣ ଅଭିଯୋଗ ଆଣି ଲୋକ ସଭା ଓ ରାଜ୍ୟ ସଭାରୁ ୧୪୩ ଜଣ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଥିଲା।

# ଲାଲୁ, ତେଜସ୍ୱୀଙ୍କୁ ଇଡି ସମନ

**ନୂଆଦିଲ୍ଲୀ,୨୦।୧୨**

### ନିଯୁକ୍ତି ପାଇଁ ଜମି ମାମଲା



ଲାଲୁ ଯାଦବ | ତେଜସ୍ୱୀ ଯାଦବ

ଜମି ବଦଳରେ ରେଲୱେରେ ନିଯୁକ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏବଂ ତାଙ୍କ ବାପା ତଥା ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କୁ ଜେରା ପାଇଁ ହାଜର ହେବା ନିମନ୍ତେ ସମନ ଜାରି କରିଛି। ଆସନ୍ତା ୨୨ ତାରିଖରେ ତେଜସ୍ୱୀଙ୍କୁ ଜେରା ପାଇଁ ଇଡିର ଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଥିବାବେଳେ ୭୫ ବର୍ଷୀୟ ଲାଲୁଙ୍କୁ ୨୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଏପ୍ରିଲ ୧୧ରେ ଇଡି ଅଧିକାରୀମାନେ ତେଜସ୍ୱୀଙ୍କୁ ୮ ଘଣ୍ଟା ଜେରା କରିଥିବାବେଳେ ପ୍ରଥମ ଥର ପାଇଁ ଲାଲୁଙ୍କୁ ସମନ କରାଯାଇଛି। ପ୍ରଥମ ପାଳି ଉପା ସରକାରରେ ଲାଲୁ ରେଳମନ୍ତ୍ରୀ ଥିବାବେଳେ ଆଶାୟୀ ପ୍ରାର୍ଥୀମାନଙ୍କଠାରୁ ମୂଲ୍ୟବାନ ଜମି ନେଇ ସେମାନଙ୍କୁ ରେଲୱେରେ ନିଯୁକ୍ତି ଦିଆଯାଇଥିଲା।

# ରାଷ୍ଟ୍ରପତି ନିର୍ବାଚନ ଲଢ଼ି ନ ପାରନ୍ତି ଟ୍ରମ୍ପ୍

**ୱାଶିଂଟନ,୨୦।୧୨(ପି.ଟି.)**



ଡୋନାଲ୍ଡ ଟ୍ରମ୍ପ୍

- ଅଯୋଗ୍ୟ ଘୋଷଣା କଲା କଲରାଡୋ କୋର୍ଟ
- ଆମେରିକା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ପୂର୍ବତନ ରାଷ୍ଟ୍ରପତି

ଆସନ୍ତା ବର୍ଷ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲଢ଼ି ନ ପାରନ୍ତି। ୨୦୨୧ର ୟୁଏସ୍ କ୍ୟାପିଟୋଲ ବିଦ୍ରୋହ ମାମଲାରେ କଲୋରାଡୋ ସୁପ୍ରିମକୋର୍ଟ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ଟ୍ରମ୍ପ୍‌ଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଦେଶର ରିପବ୍ଲିକାନ ରାଷ୍ଟ୍ରପତୀୟ ପ୍ରାଇମେରି ବାଲଟ୍‌ରୁ ତାଙ୍କ ନାଁ ହଟାଇଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ୧୪ତମ ସଂଶୋଧନ ଆଧାରରେ ମଙ୍ଗଳବାର କଲରାଡୋ ସୁପ୍ରିମକୋର୍ଟ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉକ୍ତ ସଂଶୋଧନ ଅନୁଯାୟୀ ଆମେରିକା ସମ୍ବିଧାନକୁ ସମର୍ଥନ ପାଇଁ ଶପଥ ନେଇଥିବା କୌଣସି ଅଧିକାରୀ ଯଦି ବିଦ୍ରୋହରେ ସାମିଲ ହୁଅନ୍ତି, ତେବେ ତାଙ୍କୁ ଭବିଷ୍ୟତ ପଦବୀ ପାଇଁ ନିଷେଧ କରାଯିବ। ୨୦୨୪ରେ ହ୍ୱାଇଟ୍ ହାଉସ୍ ଅକ୍ତିଆର କରିବା ଲାଗି ରିପବ୍ଲିକାନ ଦଳର ମନୋନୟନ ପ୍ରକ୍ରିୟାରେ ଟ୍ରମ୍ପ୍ ଆଗରେ ରହିଛନ୍ତି। କଲରାଡୋ ସୁପ୍ରିମକୋର୍ଟଙ୍କ ତ୍ରୁଟିପୂର୍ଣ୍ଣ ରାୟ ବିରୋଧରେ ଟ୍ରମ୍ପ୍ ଆମେରିକା ସୁପ୍ରିମକୋର୍ଟରେ ଅପିଲ୍ କରିବେ ବୋଲି ତାଙ୍କ ପ୍ରଚାର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କହିଛନ୍ତି। ତେବେ ୭ ସଦସ୍ୟ ବିଶିଷ୍ଟ କଲରାଡୋ ସୁପ୍ରିମକୋର୍ଟ ୪-୩ରେ ରାୟ ଦେଇଥିବାରୁ ଏହା ରାଜ୍ୟ ବାହାରେ ଲାଗୁ ହେବ ନାହିଁ। ମାର୍ଚ୍ଚ ୫ରେ କଲରାଡୋ ପ୍ରାଇମେରି ହେବାକୁ ଥିବାବେଳେ ଅଦାଲତଙ୍କ ରାୟର କାର୍ଯ୍ୟକାରିତା ଉପରେ ଜାନୁୟାରୀ ୪ ପର୍ଯ୍ୟନ୍ତ ସ୍ଥଗିତାଦେଶ ଲାଗୁ ହୋଇଛି।

୨୦୨୧ ଜାନୁୟାରୀ ୬ରେ ଟ୍ରମ୍ପ୍ କ୍ୟାପିଟୋଲ ବିଦ୍ରୋହରେ ସାମିଲ ଥିଲେ ବୋଲି ତଳ କୋର୍ଟ ବିଚାରପତିଙ୍କ ରାୟକୁ କଲରାଡୋ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ତେବେ ରାଷ୍ଟ୍ରପତି ନିର୍ବାଚନ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ ବୋଲି ଟ୍ରାଏଲ୍ କୋର୍ଟ ବିଚାରପତି ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ଆମେରିକାର କୌଣସି ରାଜ୍ୟ ଅଦାଲତ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରି ନ ଥିଲେ। କଲରାଡୋ ସର୍ବୋଚ୍ଚ ଅଦାଲତଙ୍କ ରାୟ ତ୍ରୁଟିପୂର୍ଣ୍ଣ। ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଆମ ସପକ୍ଷରେ ଯିବା ନେଇ ନଶ୍ଚିତ ବୋଲି ଟ୍ରମ୍ପ୍‌ଙ୍କ ମୁଖପାତ୍ର ଷ୍ଟିଭେନ୍ ଚେଉଙ୍ଗ କହିଛନ୍ତି।

ରିପବ୍ଲିକାନ୍ ପ୍ରାର୍ଥୀ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଥିବା ଭାରତୀୟ ବଂଶୋଦ୍ଭବ ନିକ୍କି ହାଲି ଏବଂ ବିବେକ ରାମସ୍ୱାମୀ କଲରାଡୋ କୋର୍ଟଙ୍କ ରାୟକୁ ବିରୋଧ କରିଛନ୍ତି। କଲରାଡୋ ରିପବ୍ଲିକାନ ପାର୍ଟି ପ୍ରାଇମେରି ବାଲଟରେ ଟ୍ରମ୍ପ୍‌ଙ୍କ ନାଁକୁ ଅନୁମତି ନ ମିଳିଲେ ସେ ମଧ୍ୟ ପ୍ରାଇମେରିରୁ ଓହରିଯିବେ ବୋଲି ରାମସ୍ୱାମୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ’ରେ ପୋଷ୍ଟ କରିଛନ୍ତି।

## ଫୁର୍‌ସତ୍

# ୟୁରେନସ୍‌ର ଉଜ୍ଜ୍ୱଳ ବଳୟ

**ନୂଆଦିଲ୍ଲୀ**



ନିକଟରେ ନ୍ୟାଶନାଲ ଏରୋନେଟିକ୍ ଆଣ୍ଡ ସ୍ପେସ୍ ଏଜେନ୍ସି (ନାସା) ନିକଟରେ ଏକ ଫଟୋ ଶେୟାର କରିଛି। ଯେଉଁଥିରେ ୟୁରେନ୍ସ ଗ୍ରହର ଚାରିପଟେ ଏକ ଉଜ୍ଜ୍ୱଳ ବଳୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ କେବେ ୟୁରେନ୍ସର ଏପରି ଦୃଶ୍ୟ ଦେଖାଯାଇନି। ଯେତେବେଳେ ବୈଜ୍ଞାନିକମାନେ ୟୁରେନ୍ସର ଏହି ଫଟୋକୁ ଦେଖିଲେ ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ରିପୋର୍ଟ ମୁତାବକ, ୟୁରେନ୍‌ସର ଏହି ନୂଆ ଫଟୋରେ ତା’ର ବଡ଼ ଆଶ୍ଚର୍ଯ୍ୟଜନକ ରୂପ ଦେଖିବାକୁ ମିଳିଛି। ଏହାକୁ ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ ଦ୍ୱାରା ୟୁରେନ୍ସର ମଧ୍ୟ ଏବଂ ତା’ର ବାହାର ବଳୟର ଫଟୋ ଉତ୍ତୋଳନ କରାଯାଇଛି। ଯେଉଁଥିରେ ଇଲ୍ୟୁସିଭ ଜିଟା ରିଙ୍ଗ୍ ମଧ୍ୟ ଦେଖାଯାଉଛି। ଯାହା ଏହି ଗ୍ରହର ସବୁଠୁ ନିକଟରେ ରହିଛି। ଏହି ଟେଲିସ୍କୋପ ୟୁରେନ୍ସର ୨୭ ଛୋଟ ଛୋଟ ଚନ୍ଦ୍ରର ଫଟୋ ମଧ୍ୟ ନେଇଛି। ପୃଥିବୀଠାରୁ ୟୁରେନସ ଏକ ଆରବ ମାଇଲଠାରୁ ଅଧିକ ଦୂରରେ ରହିଛି। ତେବେ ସୌରମଣ୍ଡଳର ୮ ଗ୍ରହ ମଧ୍ୟରୁ ୟୁରେନ୍ସଠାରୁ ସବୁଠୁ କମ୍ ତଥ୍ୟ ହାସଲ ହୋଇଛି। ଏହା ପୂର୍ବରୁ ନାସା ୧୯୮୦ ଦଶକରେ ୱୋୟାଜୋର ୨ ଅନ୍ତରୀକ୍ଷ ଯାନ ଦ୍ୱାରା ଏକ ଫଟୋ ଉଠାଯାଇଥିଲା। ନାସା ଟେଲିସ୍କୋପ ଏହି ବରଫ ଦୁନିଆର ଚାରିପଟେ ଥିବା ରୋମାଞ୍ଚକର ବାୟୁମଣ୍ଡଳକୁ ମଧ୍ୟ କ୍ୟାମେରା ଲେନ୍ସରେ କ୍ୟାପ୍ଚର କରିଛି। ଯେଉଁଥିରେ ସିଜନାଲ ନର୍ଥ ପୋଲାର କ୍ଲାଉଡ କପ୍ ରହିଛି। ଏହି ପୋଲାର କ୍ଲାଉଡ କପ୍ ୟୁରେନ୍‌ସ ପାଇଁ ଭିନ୍ନ । ଏପରି ପୋଲାର କ୍ଲାଉଡ କପ୍ ଗରମ ଦିନରେ ସୂର୍ଯ୍ୟଙ୍କ ପ୍ରକୋପରେ ନଜରକୁ ଆସିଥାଏ। ଯାହା ଶୀତ ଦିନରେ ଲୁଚିଯାଏ। ୟୁରେନ୍ସ ନିଜ ଆଡ଼କୁ ପ୍ରାୟ ୯୮ ଡିଗ୍ରୀ ଢଳି ରହି ଘୂରୁଥାଏ, ଯାହା ଏହାର ଭିନ୍ନ ଋତୁର କାରଣ।

# ୩.୫ କୋଟିର କାର୍ କିଣିଲେ ଶାହିଦ

**ମୁମ୍ବାଇ**



ବଲିଉଡ ଅଭିନେତା ଶାହିଦ କପୁରଙ୍କ କାର୍ କଲେକ୍ସନରେ ଆଉ ଏକ ବିଳାସପୂର୍ଣ୍ଣ କାର ସାମିଲ ହୋଇଛି। ଶାହିଦ ନିକଟରେ ଏକ କଳା ରଙ୍ଗର ମର୍ସିଡିଜ୍ ମାୟାବାକ୍ ଜିଏଲ୍‌ଏସ୍ ୬୦୦ କିଣିଛନ୍ତି। ଅଭିନେତା ଇନ୍‌ଷ୍ଟାଗ୍ରାମ୍‌ରେ ମୀରା କପୁରଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯାହା ମାଧ୍ୟମରେ ଦମ୍ପତି ନୂତନ କାର୍‌ର ସ୍ୱାଗତ ବିଷୟରେ ସୂଚନା ଦେଇଛନ୍ତି। ଏହି କାର୍ ବିଳାସପୂର୍ଣ୍ଣ ବିଶିଷ୍ଟ। ଅଭିନେତା ଏହି କାର୍‌କୁ ୩.୫ କୋଟି ଟଙ୍କାରେ କିଣିଛନ୍ତି। ଶାହିଦ୍‌ଙ୍କ ପୂର୍ବରୁ ଏହି କାର୍ ରଣବୀର ସିଂ, ଅର୍ଜୁନ କପୁର, କ୍ରୀତି ସାନନ, ଆୟୁଷ୍ମାନ ଖୁରାନା ଏବଂ ନୀତୁ କପୁରଙ୍କ ପାଖରେ ରହିଛି। ଶାହିଦ୍ ୧୯୯୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟ ଯାଦୁରେ ଅନେକଙ୍କ ପ୍ରିୟ ହୋଇପାରିଛନ୍ତି। ୨୦୧୯ରେ ମୁକ୍ତିଲାଭ କରିଥିବା ଫିଲ୍ମ ‘କବିର ସିଂ’ରେ ସେ ଅଧିକ ଲୋକପ୍ରିୟ ହୋଇଥିଲେ। ଏହାପରେ ସେ ‘ଜର୍ସି’ ଏବଂ ‘ବ୍ଲଡି ଡାଡି’ରେ ମଧ୍ୟ ନଜରକୁ ଆସିଥିଲେ। ଆଗକୁ ତାଙ୍କ ପାଖରେ ୨ଟି ଫିଲ୍ମ ରହିଛି।

# ପାକିସ୍ତାନଠାରୁ ୪ ଗୁଣ କାର୍ ଦିଲ୍ଲୀରେ ବିକ୍ରି

**ଇସ୍‌ଲାମାବାଦ**

ପାକିସ୍ତାନର ଅଟୋମୋବାଇଲ ବଜାରର ସ୍ଥିତି ଏବେ ବହୁତ ଦୁର୍ବଳ ହୋଇପଡ଼ିଛି। କାରଣ କାର୍‌ର ବିକ୍ରି ହେଉନାହିଁ। ପାକିସ୍ତାନ ଅଟୋମୋବିଟ୍ ମାନୁଫ୍ୟାକ୍ଟର ଆସୋସିଏଶନ ଅନୁସାରେ, ଚଳିତବର୍ଷ ନଭେମ୍ବରରେ କାର୍‌ର ବିକ୍ରି କମି କେବଳ ୪,୮୭୫ ୟୁନିଟ୍‌ରେ ପହଞ୍ଚିଛି, ଯାହା ମାସର ୬୮ ପ୍ରତିଶତ କମ୍। ପୂର୍ବବର୍ଷ ଏହି ସମୟରେ ୧୫,୪୩୨ କାର୍ ବିକ୍ରି ହୋଇଥିଲା। ଅଧିକାଂଶ କ୍ଷେତ୍ରରେ ବିକ୍ରି ଲଗାତର ଭାବେ କମୁଛି। ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ତୁଳନା କରାଯାଏ, ନଭେମ୍ବର ସମୟରେ ଭାରତରେ ୨.୮୮ ଲକ୍ଷରୁ ଅଧିକ କାର୍ ବିକ୍ରି ହୋଇଛି। କେବଳ ଦେଶରେ ୧. ୩୪ ଲକ୍ଷରୁ ଅଧିକ ମାରୁତି ସୁଜୁକି କାର୍ ବିକ୍ରି ହୋଇଛି। ସବୁଠାରୁ ଅଧିକ କାର୍ ଦିଲ୍ଲୀରେ ବିକ୍ରି ହୋଇଛି। ଦିଲ୍ଲୀରେ କେବଳ ୮୦ ହଜାରରୁ ଅଧିକ ନୂଆ ଯାନର ରେଜିଷ୍ଟ୍ରି ହୋଇଛି। ସେଥିମଧ୍ୟରୁ ୧୮ ହଜାର କେବଳ କାର୍। ଅର୍ଥାତ୍ ପୂରା ପାକିସ୍ତାନରେ ଯେତେ କାର୍ ବିକ୍ରି ହୋଇଛି, ତା’ଠାରୁ ୪ ଗୁଣ କାର୍ କେବଳ ଦିଲ୍ଲୀରେ ବିକ୍ରି ହୋଇଛି। ପାକିସ୍ତାନରେ କାର୍‌ର ମୂଲ୍ୟ ହିଁ ଏହାର ବଡ଼ କାରଣ। ବର୍ତ୍ତମାନ ସମୟରେ ପାକିସ୍ତାନରେ କାର୍‌ର ମୂଲ୍ୟ ବଢି ବଢି ଚାଲିଛି। ଦେଶର ଅର୍ଥ ବ୍ୟବସ୍ଥା ଦୁର୍ବଳ ଏବଂ ସାମାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ହେଉଥିବାରୁ ଲୋକଙ୍କ କ୍ରୟ କ୍ଷମତା କମିବାରେ ଲାଗିଛି। ସେଥିପାଇଁ ସେମାନେ ଯାନବାହନ କିଣିବାରେ ପଛରେ ପଡ଼ିଛନ୍ତି। କେତେକ କାର୍ କମ୍ପାନୀ ମଧ୍ୟ ଦେଶରେ ତାଙ୍କ ଫ୍ୟାକ୍ଟ୍ରି ବନ୍ଦ କରିସାରିଲେଣି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର,ଗୁରୁବାର, ଡିସେମ୍ବର ୨୧/୨୦୨୩ | Bhubaneswar, Thursday, December 21/2023 | ପୃଷ୍ଠା-୧

# ଖଳାରୁ ଛତିଶଗଡ଼ ଯାଉଛି ଧାନ



ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରୁ ଧାନ ଛତିଶଗଡକୁ ଟ୍ରକ୍‌ରେ ଯାଉଛି।

**ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ପଶ୍ଚିମ ଓଡ଼ିଶାରୁ ପଡୋଶୀ ଛତିଶଗଡ଼କୁ ଧାନ ଚାଲାଣ ଜୋର ଧରିଛି। ବ୍ୟବସାୟୀମାନେ ଚାଷୀଙ୍କ ନିକଟରୁ ଧାନ କିଣି ଟ୍ରକ୍ ଯୋଗେ ପଠାଉଛନ୍ତି। ପଡୋଶୀ ଛତିଶଗଡରେ ଚାଷୀଙ୍କୁ ଖରିଫରେ ଧାନ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ଅଧିକ ମିଳୁଛି। ତେଣୁ ଏହାର ପ୍ରଭାବ ପଶ୍ଚିମ ଓଡିଶାର ଜିଲାଗୁଡିକରେ ଅନୁଭୂତ ହେଉଛି। ଏଠାକାର ଚାଷୀମାନେ ମଣ୍ଡି ଅବ୍ୟବସ୍ଥା, କଟ୍‌ନୀ ଛଟ୍‌ନୀରେ ଅତିଷ୍ଠ ହୋଇ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ଆଗ୍ରହ ଦେଖାଉଛନ୍ତି। କୁଇଣ୍ଟାଲ ପ୍ରତି ନଗଦ ୨୧୦୦ରୁ ୨୨୦୦ ଟଙ୍କା ଦେଇ ବାହାର ରାଜ୍ୟର ବ୍ୟବସାୟୀମାନେ ଧାନ କିଣି ନେଉଛନ୍ତି। ବର୍ତ୍ତମାନ ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଗାଁରେ ବ୍ୟବସାୟୀମାନେ ସକ୍ରିୟ ହୋଇଉଠିଛନ୍ତି।

## ପଶ୍ଚିମ ଓଡ଼ିଶାରେ ମଣ୍ଡି ଅବ୍ୟବସ୍ଥା

ଛତିଶଗଡରେ ଚାଷୀଙ୍କୁ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ମିଳୁଛି। ପୁଣି ଚାଷୀଙ୍କୁ ବୋନ୍‌ସ ଆକାରରେ ରାଜ୍ୟ ସରକାର ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଯୋଗେ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ପ୍ରଦାନ କରୁଛନ୍ତି। ସେହିପରି ଏକର ପ୍ରତି ଚାଷୀଙ୍କ ନିକଟରୁ ୨୧ କୁଇଣ୍ଟାଲ ଧାନ କିଣାଯାଉଛି। ସେଠାରେ ଧାନ ଦର ଅଧିକ ରହୁଥିବାରୁ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ବରଗଡ଼ ଓ ସମ୍ବଲପୁର ଜିଲାରୁ ପ୍ରତ୍ୟହ ବହୁ କୁଇଣ୍ଟାଲ ଧାନ ବଡ଼ ବଡ଼ ଟ୍ରକ୍ ଯୋଗେ ଛତିଶଗଡ଼ ଯାଉଛି। ଚାଷୀ ଅଧିକ ଦାମ୍ ପାଉଥିବାରୁ କେହି ପ୍ରତିବାଦ କରୁନାହାନ୍ତି। ଜିଲା ପ୍ରଶାସନ ବାହାର ରାଜ୍ୟକୁ ଯାଉଥିବା ଧାନ ବୋଝେଇ ଟ୍ରକ୍‌ଗୁଡ଼ିକୁ ଜବତ କରୁନାହିଁ। ପରିସ୍ଥିତି ଏଭଳି ଯେ, ସ୍ଥାନୀୟ ଧାନ ମଣ୍ଡିଗୁଡ଼ିକରେ ଆଉ ଚାଷୀଙ୍କ ଭିଡ଼ ପରିଲକ୍ଷିତ ହେଉନାହିଁ। ଓଡିଶାରେ ଚଳିତ ଖରିଫରେ ବମ୍ପର ଧାନ ଉତ୍ପାଦନ ହୋଇଛି। କିନ୍ତୁ ଚାଷୀଙ୍କୁ ଜଳସେଚିତ ଜମିରେ ଏକର ପ୍ରତି ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି ଲାଗି ☞ପୃଷ୍ଠା-୨

# ଗୁପ୍ତ ତଥ୍ୟ ପାଇଁ ହନିଟ୍ରାପ୍

## ନ୍ୟୁଡ୍ କଲ୍ ଲାଗି ଆପ୍ ଖୋଲିଥିଲେ ବୁଖାରୀ

**ଭୁବନେଶ୍ୱର,୨୦।୧୨ (ସୂର୍ଯ୍ୟକାନ୍ତ ବେହେରା)**

ଯାଜପୁର ଧର୍ମଶାଳା ଥାନାଞ୍ଚଳରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିବା ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀଙ୍କଠାରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ୫ଦିନିଆ ରିମାଣ୍ଡର ବୁଧବାର ଦ୍ୱିତୀୟ ଦିନରେ ଏସ୍‌ଟିଏଫ୍ ସହ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା 'ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି)'ର ଅଧିକାରୀମାନେ ତାଙ୍କୁ ଘନଘନ ଜେରା କରିଛନ୍ତି। କେତେବେଳେ ଅଲଗା ତ ଆଉ କେତେବେଳେ ମିଳିତ ଭାବେ ପଚରାଉଚରା କରାଯାଇ ଦେଶଦ୍ରୋହ ସହ ଅନ୍ୟ ଆପରାଧିକ କାର୍ଯ୍ୟକଳାପର ତଥ୍ୟ ସଂଗ୍ରହ କରୁଛନ୍ତି। ତେବେ ବୁଖାରୀ ହନିଟ୍ରାପର ଜାଲ ବିଛାଇ ଟଙ୍କା ସହ ଗୁପ୍ତ ତଥ୍ୟ ହାସଲ କରିଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏକାଧିକ ଯୁବତୀଙ୍କୁ ନେଇ ବୁଖାରୀ ହନିଟ୍ରାପର ଜାଲ ବିଛାଇଥିଲେ। ଏଥିପାଇଁ ବୁଖାରୀ ନିଜର ଏକ ଆପ୍ ଖୋଲିଥିଲେ। ଏହି ଆପ୍‌ରେ ସେ ବହୁ ଯୁବତୀଙ୍କୁ ସାମିଲ କରାଇ ସେମାନଙ୍କ ଦ୍ୱାରା ନ୍ୟୁଡ୍ କଲ୍ କରି ଟାର୍ଗେଟ ହାସଲ କରୁଥିଲେ। ଯୁବତୀମାନେ ☞ପୃଷ୍ଠା-୨



ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀ

# ଭାରତରେ ମିନିଟ୍‌କୁ ୭୬୧ ସାଇବର ଆକ୍ରମଣ ଉଦ୍ୟମ

**ନୂଆଦିଲ୍ଲୀ,୨୦।୧୨**

ଚଳିତ ବର୍ଷ ଭାରତର ୮୫ ଲକ୍ଷ ଏଣ୍ଡପଏଣ୍ଟରେ ୪୦ କୋଟିରୁ ଅଧିକ ସାଇବର ଆକ୍ରମଣ ଉଦ୍ୟମ ହୋଇଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ ମିନିଟ୍ ପ୍ରତି ହାରାହାରି ୭୬୧ ସାଇବର ଆକ୍ରମଣ ଉଦ୍ୟମ ହୋଇଛି। ସୁରଟରେ ସର୍ବାଧିକ ୧୫ ପ୍ରତିଶତ ସାଇବର ଥ୍ରେଟ୍ ଚିହ୍ନଟ ହୋଇଥିବାବେଳେ ବେଙ୍ଗାଲୁରୁରେ ୧୪ ପ୍ରତିଶତ ହୋଇଛି। ୪.୯ କୋଟି ଆଚରଣ ଭିତ୍ତିକ ଚିହ୍ନଟ ଯାହାକି ମୋଟ ଚିହ୍ନଟର ୧୨.୫ ପ୍ରତିଶତ ବୋଲି ଡାଟା ସିକ୍ୟୁରିଟି କାଉନସିଲ୍ ଅଫ୍ ଇଣ୍ଡିଆ (ଡିଏସ୍‌ସିଆଇ) ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ସଂସ୍ଥା ସାଇବରସିକ୍ୟୁରିଟି ସଲ୍ୟୁଶନ ପ୍ରଦାନ କରୁଥିବା ସେକ୍ରିଟ୍ ସହ ମିଶି ସର୍ଭେ କରିଥିଲା। ୫୦ ପ୍ରତିଶତରୁ ଅଧିକ ସାଇବର ଆକ୍ରମଣ ହଟାଇ ଦିଆଯାଇପାରୁଥିବା ଗଣମାଧ୍ୟମ ଏବଂ ନେଟ୍‌ୱର୍କ ଡ୍ରାଇଭରେ ହେଉଥିବାବେଳେ ପାଖାପାଖି ୨୫ ପ୍ରତିଶତ ସାଇବର ଥ୍ରେଟ୍ ଇମେଲ୍ ଏବଂ ୱେବ୍‌ସାଇଟଗୁଡ଼ିକର ଦୁର୍ଭାବନାପୂର୍ଣ୍ଣ ଲିଙ୍କ୍‌ଗୁଡ଼ିକୁ କ୍ଲିକ୍ କରିବାରୁ ହେଉଛି। ୨୦୨୩ରେ ମାସକୁ ପ୍ରତି ଆଣ୍ଡ୍ରଏଡ୍ ଉପକରଣରେ ହାରାହାରି ୩ଟି ଆକ୍ରମଣ ହେଉଛି। ସାଇବର କ୍ରାଇମ୍ ଇଞ୍ଜିନିୟରିଂରେ ମାଲୱେର୍ ସର୍ବାଧିକ ଆକ୍ରମଣ ପଦ୍ଧତି ହୋଇଥିବାବେଳେ ରାନସମ୍‌ୱେର ଆଦି ଅନ୍ୟାନ୍ୟ ପଦ୍ଧତିକୁ ମଧ୍ୟ ବ୍ୟବହାର କରାଯାଉଛି।






**ଆଜିର ମନ୍ତବ୍ୟ**

"ଶିଖ୍ ଆତଙ୍କବାଦୀଙ୍କୁ ହତ୍ୟା ଉଦ୍ୟମରେ ଭାରତର ସମ୍ପୃକ୍ତି ନେଇ ଆମେରିକା ଦେଇଥିବା ତଥ୍ୟ ପ୍ରମାଣକୁ ଅନୁଧ୍ୟାନ କରାଯିବ। ଏଭଳି ଅଭିଯୋଗ ଭାରତ-ଆମେରିକା ସମ୍ପର୍କକୁ ପ୍ରଭାବିତ କରିବ ନାହିଁ। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁକାର ପଦ ମୁଁ ସହିବି ନାହିଁ**
**ତାଟି କିଳା ମାଡ଼ ସହିବି ନାହିଁ**
**କି ଖଣ୍ଡିଆ ପଥୁରୀ ଧୋଇବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ ସହ ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋର ଯାଉ ମୋର ଯାଉ**
**କାହାରି କଥା କେହି ନ କହୁ।**

ମନରେ ଯେତେବେଳେ ଫାଟ ସୃଷ୍ଟି ହୁଏ ସେତେବେଳେ ସମ୍ପର୍କ ତୁଟିଯିବାକୁ ବେଶି ଡେରି ଲାଗି ନ ଥାଏ। ମନ ଥରେ ଛି ହୋଇଗଲେ ପୂର୍ବ ସ୍ନେହ ସରାଗ ମଉଳିଯାଇଥାଏ। ଏପରିସ୍ଥଳେ ଦୁହେଁ ଦୁହିଁଙ୍କୁ ଭୁଲିଯିବା ନେଇ ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭାଷା ସମାଜକୁ ଏକ କରିବାର ମୁଖ୍ୟ ମାଧ୍ୟମ: ଭାଗବତ



ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଦ୍ୱାରା ସର୍ବଭାଷା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ଯୋଗଦେଇ କହିଛନ୍ତି, ଭାଷା ସମାଜକୁ ଏକ କରିବାର ମୁଖ୍ୟ ମାଧ୍ୟମ। ଭାରତର ବିଭିନ୍ନ ଭାଷାର ୧୪ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ସେ ଏହି ଅବସରରେ ସମ୍ମାନିତ କରି କହିଛନ୍ତି, ସାହିତ୍ୟର ସୃଷ୍ଟି କେବଳ ମୁକ୍ତ ପ୍ରବାହ ନୁହେଁ ବରଂ ବହୁମୁଖୀ ହେବା ଉଚିତ। ସାହିତ୍ୟର ସୃଷ୍ଟି କେବଳ ଆତ୍ମସନ୍ତୋଷ ପାଇଁ ନୁହେଁ। ଭାଷା ଉପଯୁକ୍ତ ପ୍ରୟୋଗ ଓ ବ୍ୟବହାର ଦ୍ୱାରା ସମ୍ମାନିତ ହୋଇଥାଏ। ଭାଷା କେବଳ ପୁରସ୍କାର ଏବଂ ସମ୍ମାନ ପାଇ ଅଗ୍ରଗତି କରେନାହିଁ। ବର୍ତ୍ତମାନ ଭାରତର ମାର୍ଗଦର୍ଶନକୁ ସମଗ୍ର ବିଶ୍ୱ ଚାହିଁ ରହିଛି। ଧର୍ମକୁ ନେଇ ଲୋକଙ୍କ ମନରେ ଭ୍ରାନ୍ତଧାରଣା ରହିଛି। ପୂଜା ପଦ୍ଧତି ଧର୍ମ ନୁହେଁ। ଲୋକମାନଙ୍କ ପୂଜାପାଠର ଭିନ୍ନଭିନ୍ନ ପଦ୍ଧତି ଥାଇପାରେ, କିନ୍ତୁ ଧର୍ମ ଏକ। ତାହା ହେଉଛି ଚିରନ୍ତନ ଓ ଶାଶ୍ୱତ। ମନୁଷ୍ୟ ଓ ପ୍ରାଣୀଙ୍କ ମଧ୍ୟରେ ଅନ୍ତର ହେଲା ପ୍ରାଣିଜଗତ କେବଳ ନିଜ ହିତ କଥା ଚିନ୍ତା କରିଥାଏ। ସେମାନେ ଖାଦ୍ୟ, ବିହାର, ନିଦ୍ରା, ମୈଥୁନରେ ରତ ରହିଥାନ୍ତି। କିନ୍ତୁ ମନୁଷ୍ୟ ଏସବୁ ସହିତ ଅନ୍ୟର ହିତ କଥା ଚିନ୍ତା କରିଥାଏ। ବର୍ତ୍ତମାନ ସମୟରେ ମାନବ ସମାଜ ଏଭଳି ଏକ ପରିସ୍ଥିତି ଦେଇ ଗତି କରୁଛି ଯେଉଁଥିରେ ସେ କେବଳ ନିଜ ହିତ କଥା ଚିନ୍ତା କରୁଛି। ଏଭଳି ଆତ୍ମ ସ୍ୱାର୍ଥରେ ବୁଡି ରହିଥିବା ସମାଜ କେବେହେଲେ ଆଗକୁ ବଢ଼ିପାରିବ ନାହିଁ ବୋଲି ସେ କହିଛନ୍ତି।

# ୫-ଟି ଅଧ୍ୟକ୍ଷଙ୍କ ଗସ୍ତର ୨୪ ଘଣ୍ଟା ମଧ୍ୟରେ ଅର୍ଥ ମଞ୍ଜୁର, ସମସ୍ୟା ସମାଧାନ

**କେନ୍ଦ୍ରାପଡ଼ା କେରେଡ଼ାଗଡ଼ ପ୍ରାଥମିକ ବିଦ୍ୟାଳୟର ଉନ୍ନତି, ପଞ୍ଚାୟତ ପୋଖରୀର ସଂରକ୍ଷଣ ପାଇଁ ୨୦ ଲକ୍ଷ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୦।୧୨ (ଅନିଲ ଦାସ)

କେନ୍ଦ୍ରାପଡ଼ା ଜିଲା କେରେଡ଼ାଗଡର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ କେରେଡ଼ାଗଡ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ଏବଂ କେରେଡ଼ାଗଡ ଗ୍ରାମ ପଞ୍ଚାୟତ ପୋଖରୀର ସଂରକ୍ଷଣ ଓ ଉନ୍ନତୀକରଣ କରାଯିବ। ସୂଚନାଯୋଗ୍ୟ ଯେ ଗତ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରାପଡ଼ା ରାଜନଗର ଗସ୍ତରେ ଯାଇ କେରେଡ଼ାଗଡ଼ବାସୀଙ୍କ ଏହି ମୌଳିକ ସମସ୍ୟା ବିଷୟରେ ଜାଣିବାକୁ ପାଇଥିଲେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ନିବେଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଜାଣିବା ପରେ ବୁଧବାର 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠି'ରୁ ୨ଟି ଯାକ ପ୍ରକଳ୍ପ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ସମୁଦାୟ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ପ୍ରକଳ୍ପ ୨ଟିର କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଜନଅଭିଯୋଗର ସମାଧାନ କେରେଡ଼ାଗଡ଼ବାସୀଙ୍କ ପାଇଁ ଏକ ବିରଳ ଅନୁଭୂତି। ରାଜ୍ୟ ସରକାରଙ୍କ ଏହି ତ୍ୱରିତ ପଦକ୍ଷେପ ପାଇଁ କେରେଡ଼ାଗଡ଼ବାସୀ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୩ ରାଜ୍ୟରେ କରୋନାର ନୂଆ ଭାରିଆଣ୍ଟ




# ଜାନୁୟାରୀ ୧୯ରୁ ଝାରସୁଗୁଡ଼ାରେ 'ଏଣ୍ଟରପ୍ରାଇଜ ଓଡ଼ିଶା'



**■ ୨୦୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ ଯୋଗଦେବେ**
**■ ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାଗନେବେ**

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

ଓଡ଼ିଶା ସରକାର ଓ ରାଜ୍ୟର ପ୍ରମୁଖ ଶିଳ୍ପ ସଂଘଗୁଡ଼ିକ ସହଯୋଗରେ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ପକ୍ଷରୁ ଝାରସୁଗୁଡ଼ାରେ ୨୦୨୪ ଜାନୁୟାରୀ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୨୪ତମ ଏଣ୍ଟରପ୍ରାଇଜ ଓଡ଼ିଶାର ଆୟୋଜନ କରାଯାଉଛି। ଏ ସମ୍ପର୍କରେ ସୂଚନା ଦେଇ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁ ବହୁ ଶିଳ୍ପ ସଂସ୍ଥା ସମ୍ବଲପୁର, ବରଗଡ଼, କଳାହାଣ୍ଡି ଭଳି ସ୍ଥାନରେ ସେମାନଙ୍କ ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ପ୍ରତି ମାସରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ ବୈଠକ ଅନୁଷ୍ଠିତ ହେଉଛି। ପ୍ରତି ବୈଠକରେ ମଞ୍ଜୁର ହୋଇଥିବା ଅତିକମ୍‌ରେ ୪ରୁ ୫ଟି ପ୍ରକଳ୍ପ କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡ଼ା ଭଳି ଜିଲାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଆସନ୍ତା ସିଙ୍ଗଲ୍ ୱିଣ୍ଡୋ ବୈଠକରେ ୨୦ଟି ପ୍ରସ୍ତାବ ବିଚାରକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ବହୁ ପ୍ରକଳ୍ପ ରାଜ୍ୟର ଏହି ଅଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେବ। ସରକାର ଏହି ଅଞ୍ଚଳର ଶିଳ୍ପାୟନକୁ ଗୁରୁତ୍ୱ ଦେଉଥିବାରୁ ପ୍ରଥମ ଥର ଲାଗି ଝାରସୁଗୁଡ଼ାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା।

ଏଣ୍ଟରପ୍ରାଇଜ୍ ଓଡ଼ିଶା ସମ୍ପର୍କରେ ଇପିକଲ୍ ଓ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ଯେ ସ୍ଥାନୀୟ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ବ୍ୟାପକ ସୁଯୋଗ ପ୍ରଦାନ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଳ୍ପାୟନରେ ଓଡ଼ିଶା ଜାତୀୟ ସ୍ତରରେ ପରିଚିତ ହୋଇଛି। ଓଡ଼ିଶା ବିଷୟରେ ଆଲୋଚନା ହେଉଛି। ଏହି ଧାରା ବଜାୟ ରହିବା ଲାଗି ରାଜ୍ୟର ସବୁ ଅଞ୍ଚଳରେ ଆନୁଷଙ୍ଗିକ ଶିଳ୍ପ ଓ ମୂଲ୍ୟଯୋଗର ବିକାଶ ହେବା ଦରକାର। ଏହି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟ ବାହାରର ନିବେଶକଙ୍କ ବ୍ୟତୀତ ରାଜ୍ୟ ଭିତରେ ନିବେଶକମାନେ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସୁଯୋଗ ବିଷୟରେ ଜାଣିପାରିବେ।

ଏହି ୩ ଦିନିଆ ପ୍ରଦର୍ଶନୀରେ ୨୦୦ରୁ ଅଧିକ ପ୍ରଦର୍ଶନକାରୀ, ୧୦୦ରୁ ଅଧିକ ସିଇଓ ଓ ସିଏକ୍ସଓ, ୨୦ରୁ ଅଧିକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାଗନେବେ। ଦୁଇ ଦିନ ସମ୍ମିଳନୀ ଆୟୋଜନ କରାଯିବ। ଏହି ପ୍ରଦର୍ଶନୀକୁ ୪ହଜାରରୁ ଅଧିକ ପ୍ରଦର୍ଶନକାରୀଙ୍କ ଆମଗନ ହେବା ନେଇ ଆଶା କରାଯାଉଛି। ପ୍ରଦର୍ଶନକାରୀଙ୍କ ମଧ୍ୟରେ ରାଜ୍ୟର ବୃହତ୍ ଓ ମଧ୍ୟମ ଶିଳ୍ପ ସଂସ୍ଥା, ସେବା କ୍ଷେତ୍ରର ସଂସ୍ଥା, ଆନ୍ତର୍ଜାତିକ ସଙ୍ଗଠନ, ବହୁଦେଶୀୟ ଏଜେନ୍ସି ପ୍ରମୁଖ ଦେଶଗୁଡ଼ିକର ବାଣିଜ୍ୟ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଅଂଶଗ୍ରହଣ କରିବେ। ଷ୍ଟାର୍ଟଅପ୍ ଓ ମହିଳା ଉଦ୍ୟୋଗୀଙ୍କୁ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯିବ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୦ ଡିଗ୍ରୀ ତଳେ ୧୩ ସହର

**ଜି. ଉଦୟଗିରିରେ ୫ ଡିଗ୍ରୀ ସେଲ୍‌ସିୟସ୍**

ଭୁବନେଶ୍ୱର, ୨୦।୧୨(ଅନିଲ ଦାସ)

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ପାରଦ ୫ ଡିଗ୍ରୀକୁ ଖସିଛି। ଜି. ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ବୁଧବାର ଏଠାରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଥିସହିତ ରାଜ୍ୟର ୧୩ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ର କିରେଇରେ ୭.୫ ଡିଗ୍ରୀ, ଅନୁଗୋଳ ୮, କୋରାପୁଟରେ ୮, ସେମିଳିଗୁଡ଼ାରେ ୮.୪, ଦାରିଙ୍ଗବାଡ଼ିରେ ୮.୫, କେନ୍ଦୁଝର ୮.୬, ରାଉରକେଲାରେ ୮.୬, ସୁନ୍ଦରଗଡ଼ରେ ୮.୮, ଭବାନୀପାଟଣାରେ ୮.୯, ରାଣୀତାଲରେ ୯ ଓ ଝାରସୁଗୁଡ଼ାରେ ୯.୨, ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ କରାଯାଇଛି। ଚଳିତ ଋତୁରେ କଟକ ଓ ଭୁବନେଶ୍ୱରରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁରରେ ସର୍ବନିମ୍ନ ରାତ୍ର ତାପମାତ୍ରା ୧୨.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବରଗଡ଼ରେ ୧୧.୭, ବଲାଙ୍ଗିରରେ ୧୧, ଟିଟିଲାଗଡ଼ରେ ୧୨.୫, ନବରଙ୍ଗପୁରରେ ୧୨, ମାଲକାନଗିରିରେ ୧୩.୯, ତାଳଚେରରେ ୧୧.୪, ଢେଙ୍କାନାଳରେ ୧୧.୯, ଭଦ୍ରକରେ ୧୨.୫, ବାଲେଶ୍ୱରରେ ୧୦.୮, ଜଗତସିଂହପୁରରେ ୧୨.୨ ଡିଗ୍ରୀ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ବିରୋଧୀ ନ ଥାଇ ...

ହେଲେ ନାଗରିକଙ୍କ ଅଧିକାରକୁ ଛଡ଼ାଇ ନିଆଯିବ। ଏହା ସାଧାରଣ ଲୋକଙ୍କ ବିରୋଧରେ ଯିବ ବୋଲି ଆଲୋଚନାରେ ଭାଗନେଇ ଓୱାଇସି କହିଥିଲେ। ଭାରତୀୟ ନ୍ୟାୟ ସଂହିତାରେ ଅନେକ ବ୍ୟବସ୍ଥା ସଂଯୋଗ ହୋଇଛି, ଯାହା ବିପଜ୍ଜନକ। ଏଥିରେ ପୋଲିସକୁ ବିଚାରପତି ଓ ଦଣ୍ଡବିଧାନକାରୀ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଥିବା ଓୱାଇସି କହିଛନ୍ତି। ପ୍ରସ୍ତାବିତ ଆଇନରେ ଦେଶଦ୍ରୋହକୁ ଭିନ୍ନ ଏକ ରୂପରେ ଉପସ୍ଥାପନ କରାଯାଇଛି, ଯେଉଁଥିରେ ଦଣ୍ଡ ବ୍ୟବସ୍ଥାକୁ ୩ ବର୍ଷରୁ ୭ ବର୍ଷକୁ ବଢ଼ାଇ ଦିଆଯାଇଛି। ପ୍ରସ୍ତାବିତ ଆଇନ ଦେଶର ମୁସଲମାନ, ଆଦିବାସୀ ଓ ଦଳିତଙ୍କ ପ୍ରତି ବିପଦ ରହିଛି। ଦେଶର ୩୦ ପ୍ରତିଶତ ଏବଂ ଉତ୍ତରପ୍ରଦେଶର ୩୩ ପ୍ରତିଶତ ବନ୍ଦୀ ମୁସଲମାନ ସମ୍ପ୍ରଦାୟର ବୋଲି ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସପ୍ତାହରେ ଲୋକ ସଭାରେ ନୂଆ ବିଲ୍‌ଗୁଡ଼ିକୁ ଆଗତ କରିଥିଲେ। ବିଲ୍‌ଗୁଡ଼ିକ ଉପରେ ବିତର୍କର ଉତ୍ତର ଦେଇ ଶାହା କହିଥଲେ, ବ୍ୟାପକ ବିଚାରବିମର୍ଶ ପରେ ପ୍ରସ୍ତାବିତ ଆଇନ ପ୍ରସ୍ତୁତ ହୋଇଛି। ଗୃହର ଅନୁମୋଦନ ପାଇଁ ଅଣାଯିବା ପୂର୍ବରୁ ଚିଠା ବିଧେୟକର ପ୍ରତି କମା ଓ ପୂର୍ଣ୍ଣଚ୍ଛେଦକୁ ଭଲ ଭାବେ ଅନୁଧ୍ୟାନ କରାଯାଇଛି। ବର୍ତ୍ତମାନର ପ୍ରଚଳିତ ଆପରାଧିକ ଆଇନଗୁଡ଼ିକରେ ନ୍ୟାୟ ନ ଦେଇ ଦଣ୍ଡ ପ୍ରଦାନରେ ଉପନିବେଶୀୟ ମନୋବୃତ୍ତିର ପ୍ରତିଫଳନ ହେଉଥିବା ଶାହା କହିଥିଲେ। ଭାରତୀୟ ଚିନ୍ତାଧାରା ଆଧାରରେ ଏକ ନ୍ୟାୟ ବ୍ୟବସ୍ଥା ପ୍ରତିଷ୍ଠା କରିବା ୩ ନୂଆ ବିଲ୍‌ର ଉଦ୍ଦେଶ୍ୟ। ଏହା ଜନସାଧାରଣଙ୍କୁ ଉପନିବେଶୀୟ ମନୋଭାବ ଓ ଏହାର ପ୍ରତୀକରୁ ମୁକ୍ତ କରିବ ବୋଲି ବିଲ୍ ଗୃହୀତ ହେବା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ। ବର୍ତ୍ତମାନର ଆପରାଧିକ ଆଇନକୁ ନ ହଟାଇବା ଯାଏ ଆମକୁ ବ୍ରିଟିଶ ସରକାରଙ୍କ ଆଇନକୁ ମାନି ଚଳିବାକୁ ହେବ। ସ୍ୱାଧୀନତାର ୭୫ ବର୍ଷ ପରେ ବି ଉକ୍ତ ଆଇନରେ ହର୍ ମାଜେଷ୍ଟି, କ୍ରାଉନ୍, ବାରିଷ୍ଟର ଭଳି ଇଂଲିଶ ଶବ୍ଦ ବ୍ୟବହୃତ ହେଉଥିବା ଶାହା କହିଥିଲେ।

## ଚିଲିକାରେ ଫସିଲେ ...

ଡଙ୍ଗା ଉଦ୍ଧାର ପାଇଁ ଯାଇଥିଲା। ଯାତ୍ରୀମାନେ ପ୍ରାୟ ୧ ଘଣ୍ଟା ଜଳବନ୍ଦୀ ରହିବା ପରେ ଉକ୍ତ ଡଙ୍ଗାରେ ଆସି ସାତପଡ଼ା କୂଳରେ ପହଞ୍ଚିଥିଲେ। ପ୍ରାୟ ପ୍ରତିଦିନ ଚିଲିକାରେ ଯାତ୍ରୀମାନେ କେବେ ଭସାପୋଲ ତ ଆଉକେବେ ଡଙ୍ଗାରେ ଏଭଳି ଅଘଟଣର ସମ୍ମୁଖୀନ ହେଉଛନ୍ତି। ତେଣୁ ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଗୁପ୍ତ ତଥ୍ୟ ପାଇଁ ...

ଯେଉଁମାନଙ୍କ ସହ ନ୍ୟୁଡ୍ କଲ୍ କରୁଥିଲେ, ତାହାର ଭିଡିଓ ବା ସ୍କ୍ରିନ୍‌ଶଟ୍ ଆଣି ବୁଖାରୀ ବ୍ଲାକ୍‌ମେଲ କରି ବିପୁଳ ଟଙ୍କା ଲୁଟୁଥିଲେ। ତାଙ୍କ ଆପ୍ ସହ ଯୋଡି ହେଉଥିବା ଯୁବତୀଙ୍କୁ ସେ ମୋଟା ଅଙ୍କର କମିଶନ ଦେଉଥିଲେ। ଓଡ଼ିଶାର ଦୁଇଜଣ ଯୁବତୀଙ୍କ ସହ ମଧ୍ୟ ବୁଖାରୀର ସମ୍ପର୍କ ଥିବା ସୂଚନା ମିଳିଛି। ଏଥିସହ ଏଭଳି ବ୍ଲାକ୍‌ମେଲ୍ କରି ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରି ଶତ୍ରୁ ଦେଶର ଗୋଇନ୍ଦାକୁ ଦେଇ ବିପୁଳ ଟଙ୍କା ପାଉଥିବା ସନ୍ଦେହ କରାଯାଉଛି। ତାଙ୍କ ନାମରେ ୯ଟି ବ୍ୟାଙ୍କରେ ଥିବା ଆକାଉଣ୍ଟରେ କୋଟି କୋଟି ଟଙ୍କା କାରବାର ହୋଇଥିବା ତଦନ୍ତବେଳେ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ତେବେ ଏସବୁ ଟଙ୍କା କେଉଁ ଉତ୍ସରୁ ଆସିଛି, ତାହାର ଅଧିକ ଖୋଳତାଡ଼ କରୁଛି ମିଳିତ ଟିମ୍।

ଅପରପକ୍ଷରେ ଜମ୍ମୁ ପୋଲିସର ୱାଣ୍ଟେଡ୍ ଥିବାରୁ ବୁଖାରୀଙ୍କ ଦେଶଦ୍ରୋହ କାର୍ଯ୍ୟକଳାପର ଅଧିକ ପ୍ରମାଣ ଯୋଗାଡ଼ ପାଇଁ ତଦନ୍ତକାରୀ ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି। ଏପରିକି ଜମ୍ମୁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଓଡ଼ିଶା ଆସି ବୁଖାରୀଙ୍କୁ ଜେରା କରିବା ସହ ରିମାଣ୍ଡରେ ନେବାକୁ ଯୋଜନା କରୁଥିବାରୁ ଆଗକୁ ଆହୁରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ସେହିଭଳି ବୁଖାରୀ ବିଭିନ୍ନ ରାଜ୍ୟର ବହୁ ମହିଳାଙ୍କୁ ବିବାହ କରି ସେଠାକାର ବାସିନ୍ଦା ହୋଇ ଏଭଳି ଆପରାଧିକ କାର୍ଯ୍ୟ ଜାରି ରଖିଥିବାବେଳେ କେଉଁ ପରିସ୍ଥିତିରେ ଯାଜପୁରରେ ବିବାହ କରି ଓଡ଼ିଶାରୁ କେଉଁ ଟାର୍ଗେଟ ହାସଲ କରିଛନ୍ତି ତାହାକୁ ଗୁରୁତ୍ୱର ସହ ନେଇ ଏସ୍‌ଟିଏଫ୍ ଅଧିକାରୀମାନେ ତଦନ୍ତକୁ ଆଗକୁ ବଢ଼ାଇଛନ୍ତି। ଏପଟେ ଧର୍ମଶାଳା ପୋଲିସ ସହ ବୁଖାରୀଙ୍କ ସୁସମ୍ପର୍କ ଅଭିଯୋଗ ଉଠୁଥିବାରୁ ତାଙ୍କ ର୍‌ୟାକେଟରେ କେଉଁ ଥାନା କର୍ମଚାରୀ ସାମିଲ ଅଛନ୍ତି ତାହା ଜାଣିବାକୁ ସ୍ଥାନୀୟ ଲୋକେ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି।

## ଖଳାରୁ ଛତିଶଗଡ଼ ...

ଅନୁମତି ରହିଛି। ସେହିପରି ବିଳମ୍ବରେ ମଣ୍ଡି ଖୋଲିବା ଓ ଟୋକନ ଠିକ୍ ସମୟରେ ନ ଆସିବା ଚାଷୀଙ୍କୁ ସମସ୍ୟାରେ ପକାଉଛି। ଏଭଳି ସ୍ଥିତିରେ ଚାଷୀ ମଣ୍ଡିକୁ ନ ଯାଇ ଖଳାରୁ ନଗଦ ଟଙ୍କା ନେଇ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି। ଓଡ଼ିଶାରେ ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଏମ୍‌ଏସ୍‌ପି ଅନୁଯାୟୀ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଚାଷୀଙ୍କୁ ବୋନସ କିମ୍ବା ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯାଉନାହିଁ। ଏହା ଚାଷୀଙ୍କୁ ହତୋତ୍ସାହିତ କରୁଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠନାଥ ଶତପଥୀ କୁହନ୍ତି, ଧାନରେ ଆର୍ଦ୍ରତା ଥିବା ଓ ଏଫ୍‌ଏକ୍ୟୁ ମାନ ନ ଥିବା କହି ମଣ୍ଡିରୁ ଧାନ ଫେରାଇ ଦିଆଯାଉଛି। କଟ୍‌ନୀ ଛଟ୍‌ନୀ ନ କଲେ ଧାନ ଉଠୁନି। ଛତିଶଗଡରେ ଚାଷୀ ଧାନ କୁଇଣ୍ଟାଲ ପ୍ରତି ଅଧିକ ୯୧୭ଟଙ୍କା ପାଉଛନ୍ତି । ତେଣୁ ସେଠାକାର ବ୍ୟବସାୟୀ ଅଧିକ ଟଙ୍କା ଦେଇ ଆମ ଅଞ୍ଚଳରୁ ଧାନ କିଣିବାରେ ସକ୍ଷମ ହେଉଛନ୍ତି।

ନବନିର୍ମାଣ କୃଷକ ସଂଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ୀ କୁହନ୍ତି, ସାମୁଦ୍ରିକ ବାତ୍ୟା 'ମିଗ୍‌ଜୋମ୍' ପ୍ରଭାବରେ ଜିଲାରେ ଅମଳ ଧାନ ବର୍ଷାରେ ଭିଜିଥିଲା। ଧାନରେ ଆର୍ଦ୍ରତା ଥିବା କହି ମିଲର୍ସ ଧାନ କିଣିବାକୁ ଅମଙ୍ଗ ହେଉଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ବୋନସ୍ ଦେଉନାହାନ୍ତି। ମଣ୍ଡିରେ ଅବ୍ୟବସ୍ଥା କାରଣରୁ ଚାଷୀ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱାଦଶସ୍ଥ ଚନ୍ଦ୍ର ଯୁକ୍ତ ରାହୁଙ୍କ ଯୋଗୁ ବାହାର ଲୋକଙ୍କ ସକାଶେ ସମୟ ଦେବେ। କାର୍ଯ୍ୟ ତ୍ୱରାନ୍ୱିତ ହେବା ବଦଳରେ ହଠାତ୍ ଅଟକି ରହିଯାଇପାରେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ଓ ଲାଭବାନ୍ ହେବେ। ପରିବାରର ନିର୍ଦ୍ଦେଶକ୍ରମେ ଗୃହକୁ ଧାତୁ, ଅଳଙ୍କାରାଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ବୃଷ**
କର୍ମାଧିପ ସ୍ୱଗୃହୀଶନିଙ୍କ ଯୋଗୁ ଯେମିତି ଚାହୁଁଛନ୍ତି, ସେମିତି ପାଇବେ କିନ୍ତୁ ଟିକିଏ ଝିନଝଟ୍ ମଧ୍ୟରେ। ପିଲାଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମ କ୍ଷେତ୍ର, ଯାନବାହନ, ସଭା ସମିତିରେ ଟେନ୍‌ସନ ଲାଗିରହିବ। ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ**
ରବି ସହ ବୁଧ ସଂଯୋଗରୁ ସକାଳୁ ସକାଳୁ ହଠାତ୍ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେବ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ। ବ୍ୟବସାୟ ବେଶ୍ ଭଲରେ ଚାଲିବ, କିନ୍ତୁ ଲାଭ ବିଶେଷ ହେବ ନାହିଁ।

**କର୍କଟ**
ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କା ପଇସା, ନେବା ଆଣିବା କ୍ଷେତ୍ରରେ ସତର୍କ ନ ରହିଲେ ଅନୁତାପ କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ର, ଯାନବାହନ କ୍ରୟ, ଦୋକାନବାଡି ପ୍ରଭୃତିରେ ଶୁଭଫଳ ପାଇବେ। ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ସିଂହ**
ସାମୟିକ ଭାବେ ଭାଇ, ସ୍ତ୍ରୀ, ବାଣିଜ୍ୟ, ଯାତ୍ରା ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଉପରେ ସନ୍ଦେହ ପାରିପାର୍ଶ୍ୱିକ ପରିସ୍ଥିତିକୁ କେତେକାଂଶରେ ଅସ୍ୱାଭାବିକ କରିବ। ଆକସ୍ମିକ ଆଗନ୍ତୁକ ଅତିଥି ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି। ପରିବହନ,ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶାନୁଯାୟୀ ଫଳ ପାଇବେ।

**କନ୍ୟା**
ଧନସ୍ଥାନରେ ଶୁକ୍ର ଥିବାରୁ ଋଣ ପରିଶୋଧ ଓ ରୋଗପୀଡ଼ା ଉପଶମଜନିତ ଆଶ୍ୱସ୍ତିଲାଭ କରିପାରନ୍ତି। ବହୁତ ଦିନ ହେଲା ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡ଼ା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ସ୍ୱଗୃହୀ ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ଉନ୍ନତି, ସାକ୍ଷାତକାର, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବା ସାଙ୍ଗକୁ ବୁଦ୍ଧିଜୀବୀଙ୍କ ସୁନଜରରେ ଆସିବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା**
କର୍ମକ୍ଷେତ୍ର ଶନିଦୃଷ୍ଟରେ ଥିବାରୁ କାମ ସବୁ ଗଡ୍‌ବଡ୍ ହୋଇଯାଉଥିବାରୁ ମନସ୍ତାପ କରିବେ। କ୍ରୋଧ ସମ୍ବରଣ ନ କରି କଡ଼ା କଥା କହିବା କାରଣରୁ ଅସୁବିଧାର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ମାଲ ପରିବହନ ପାଇଁ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରରେ ସମାଧାନ ମଧ୍ୟ ହୋଇଯିବ।

**ଧନୁ**
ବୁଧାଦିତ୍ୟ ଯୋଗ ପ୍ରଭାବରୁ ଦିନଟି ପ୍ରତ୍ୟେକ ଦୃଷ୍ଟି କୋଣରୁ ବହୁତ ଭଲ ରହିବ। ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ। ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଗଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର**
ସାନମାନଙ୍କ ମତକୁ ସମ୍ମାନ ଦେଲେ ସମାଲୋଚନାରୁ ତ୍ରାହି ମିଳିବ। କର୍ମଭାବର ଶୁଭତ୍ୱ ହେତୁ ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ। ଆଜି ବ୍ୟବସାୟ ଭଲ ହେବାରୁ ଖୁସି ରହିବେ। ହିତୈଷୀଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ରାଗ, ରୁଷା ଓ ଅଭିମାନ ଭିତରେ ସମୟ କଟାଇବେ।

**କୁମ୍ଭ**
ସ୍ୱଗୃହୀ ଶନିଜନିତ କର୍ମକ୍ଷେତ୍ରର ବିବଦମାନ ସ୍ଥିତି ସମାଧାନ ଦିଗକୁ ଗତିକରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବେ। ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**ମୀନ**
ମୁଖଭାବସ୍ଥ ଗୁରୁଙ୍କ ଯୋଗୁ ଆପଣଙ୍କ ମନଭୁଲାଣିଆ କଥାରେ ଶତ୍ରୁମାନେ ମଧ୍ୟ ମିତ୍ର ପାଲଟିଯିବେ। ଭାବପ୍ରବଣତାବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନହାନି ଘଟିପାରେ। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରିଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ନବମୀ ଯୁକ୍ତ ଦଶମୀ, ମାଣବସା ଗୁରୁବାର ଚତୁର୍ଥପାଳି, ଡିସେମ୍ବର ୨୧ ତାରିଖ। ରାଶି ନକ୍ଷତ୍ର-ରେବତୀ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୦ ଗତେ ଘ.୦୭।୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧।୦୫ ଗତେ ଘ.୦୨।୨୬ ମଧ୍ୟରେ ରାହୁ କାଳ ।

“ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ମାନବ ଅଧିକାର ଓ ନୈତିକ ବିଶ୍ୱବାଦ



ମାଇକେଲ୍ ଇଗ୍ନାଟିଫ୍

ପଚିଶ ବର୍ଷ ପୂର୍ବେ ଏହି ସପ୍ତାହରେ ପ୍ୟାରିସ୍‌ରେ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଠକରେ ମାନବ ଅଧିକାରର ବୈଶ୍ୱିକ ଘୋଷଣାନାମା ଗୃହୀତ ହୋଇଥିଲା। ଏହା ବାଧ୍ୟତାମୂଳକ ଆଇନ ନୁହେଁ, କେବଳ ନୀତି ବା ସିଦ୍ଧାନ୍ତର ଏକ ଔପଚାରିକ ଘୋଷଣାନାମା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନରସଂହାର ରାଷ୍ଟ୍ରବାଦକୁ ଲକ୍ଷ୍ୟ କରି ଗଢ଼ାଯାଇଥିବା ଅନ୍ତର୍ଜାତୀୟ ଆଇନରେ ମାନବୀୟ ସମାନତାକୁ ସ୍ଥାନିତ କରିବାରେ ଏହା ଥିଲା ପ୍ରଥମ ଘୋଷଣାନାମା। ଏହି ନୂତନ ନୈତିକ ବିଶ୍ୱବାଦ ମାନବ ଜାତି ପ୍ରତି ହେଉଥିବା ପକ୍ଷପାତରୁ ମୁହଁ ଫେରାଇବାକୁ କହିଲା। ଏହା ଜାତି, ଧର୍ମ, ଲିଙ୍ଗ, ଶ୍ରେଣୀ, ଜାତୀୟତା ଓ ଭାଷାକୁ ନେଇ ଅତୀତର ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ଏବଂ ସହଭାଗୀ ମାନବିକତା ବିଷୟରେ ଚିନ୍ତା କରିବାକୁ କହିଲା। ୧୯୪୮ରେ ହାନ୍ନା ଆରେଣ୍ଡ ଅନୁଭବ କରିଥିଲେ , ‘ଏହା ମନେହୁଏ ଯେ, ଜଣେ ପୁରୁଷ ସେହି ପୁରୁଷ ବ୍ୟତୀତ ଅନ୍ୟ କିଛି ନୁହେଁ ; ଯିଏ ଗୁଣଗୁଡ଼ିକ ହରାଇଛି ଓ ଅନ୍ୟମାନେ ତାଙ୍କୁ ସହକର୍ମୀ ଭାବରେ ବ୍ୟବହାର କରିବା ସମ୍ଭବ ହୋଇଛି।’ ନାଜିଙ୍କ ଦ୍ୱାରା ପରିଚାଳିତ ଅଶୱିଚ ବିର୍କେନାଉ କ୍ୟାମ୍ପର ଅସୁରକ୍ଷିତ କଏଦୀମାନେ ଜାଣିପାରିଥିଲେ ଯେ ମଣିଷ ଭାବେ ଦୟା ଏବଂ ଭଦ୍ରତା, ଅଧିକାର ଦାବିର ମୂଲ୍ୟ ସେମାନଙ୍କ ଉତ୍ପୀଡ଼ନ ଆଗରେ କିଛି ବି ନ ଥିଲା। ଯଦି ଏଭଳି ଅସୁରକ୍ଷିତ ଲୋକ ନିଜକୁ ବଞ୍ଚାଇବା ସ୍ଥିତିରେ ରହିଥା’ନ୍ତେ, ତେବେ ଆରେଣ୍ଡଙ୍କ ମତରେ, ସେମାନେ ନିରାପଦରେ ରହିଥାଆନ୍ତେ କି ? ବିଶ୍ୱର ମାନବ ଅଧିକାର ପାଇବାର ଅଧିକାର ରହିବ, ଯଦି ଆମେ ସମସ୍ତେ ନାଗରିକତ୍ୱର ସୁରକ୍ଷା ଉପଭୋଗ କରିବା।

୧୯୮୯ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏକ ବାସ୍ତବ ସମାଜ ପାଇବାର ଘୋଷଣାନାମାର ଆଶା କେବଳ ପାଶ୍ଚାତ୍ୟରେ ସୀମିତ ଥିଲା। ଘୋଷଣାନାମା ଯେଉଁ ମୂଳ ବୁଝାମଣାକୁ ନେଇ କରାଯାଇଥିଲା, ସେଥିରେ ପୂର୍ବ ଉପନିବେଶୀ ଲୋକମାନେ ଭାଗ ନେଇ ନ ଥିଲେ ଏବଂ ଗୋଷ୍ଠୀ ନିରପେକ୍ଷ ଅଭିଯାନର ପ୍ରାରମ୍ଭିକ ଦଶନ୍ଧିରେ ଉପନିବେଶୀମାନେ ସେମାନଙ୍କ ନୂତନ ଶାସନ ଉପରେ ପାଶ୍ଚାତ୍ୟର ସମାଲୋଚନାକୁ ବିରୋଧ କରିଥିଲେ। ଏହି ସମୟରେ ସୋଭିଏତ୍ ସାମ୍ରାଜ୍ୟର ରାଷ୍ଟ୍ରଗୁଡ଼ିକ ମିଳିତ ଜାତିସଂଘ ଘୋଷଣାର ବୈଧତାକୁ ନେଇ ସ୍ୱର ଉଠାଇଥିଲେ। ୟୁଏସ୍ଏସ୍ଆର୍ ଏବଂ ତାକୁ ଅନୁସରଣ କରୁଥିବା ଦେଶଗୁଡ଼ିକ ମୂଳ ଭୋଟରୁ ଦୂରେଇ ରହିଥିଲେ। ସେମାନଙ୍କ ବିଶ୍ୱାସ ଥିଲା ଯେ ସେମାନେ ପ୍ରଚାର କରୁଥିବା ସମାଜବାଦୀ ଅଧିକାର ଘୋଷଣାନାମାରେ ଦର୍ଶାଯାଇଥିବା ବ୍ୟକ୍ତିଗତ ଅଧିକାରଠାରୁ ଉନ୍ନତ। ୧୯୮୯ରେ ବର୍ଲିନ ୱାଲ ପତନ ପରେ ହିଁ ବିଶ୍ୱାସ କରିବା ସମ୍ଭବ ହେଲା ଯେ ସମଗ୍ର ବିଶ୍ୱ ଶେଷରେ ନୈତିକ ବିଶ୍ୱବାଦକୁ ଗ୍ରହଣ କରିଛି।

ଅବଶ୍ୟ ୟୁକ୍ରେନ୍, ମଧ୍ୟପ୍ରାଚ୍ୟ, ସୁଦାନ, ମ୍ୟାନ୍‌ମାର ଏବଂ ଅନ୍ୟାନ୍ୟ ସ୍ଥାନରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହିପରି ଏକ ଆଶାବାଦ ଆଜି ନିରାଶାଜନକ ମନେହୁଏ। ଆମର ଅତୀତର ବର୍ବରତାକୁ ରୋକିବା ପାଇଁ ୧୯୪୫ ପରେ ଗଠିତ ବୈଧ ଆଇନ ଶେଷ ହେବା ଲକ୍ଷ୍ୟ କରାଯାଉଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାତିସଂଘର ମୌଳିକ ଘୋଷଣାନାମାକୁ ନିଜେ ଉଲ୍ଲଂଘନ କରୁଛି ; ହମାସର ନିଜସ୍ୱ ଘୋଷଣାପତ୍ରରେ ସ୍ପଷ୍ଟ ଭାବରେ ଇହୁଦୀଙ୍କୁ ବିଲୋପ କରିବାକୁ ଆହ୍ୱାନ ଦିଆଯାଇଛି ଏବଂ ଇସ୍ରାଏଲର ଗାଜା ଉପରେ ବୋମା ବର୍ଷଣ ନିଷ୍ଠୁର ମନେହୁଏ। ଏପରିକି ଏହା ଜେନେଭା ସମ୍ମିଳନୀର ଯୁଦ୍ଧ ଅପରାଧର ଅଭିଯୋଗକୁ ଖଣ୍ଡନ କରେ।





କିନ୍ତୁ ଅତୀତ ଏବଂ ବର୍ତ୍ତମାନର ନେତାଙ୍କୁ ଏହି ଅବସ୍ଥା ପାଇଁ ଦାୟୀ କରିବା ଏକ ବଡ଼ ସତ୍ୟକୁ ଆଢ଼ୁଆଳରେ ରଖିପାରେ। ମାନବ ଅଧିକାରର ନୈତିକ ବିଶ୍ୱବାଦ କେବଳ ପରିଚାଳନା ପାଇଁ ନୁହେଁ, ବରଂ ଅଧିକାଂଶ ମାନବଙ୍କ ହିତ ପାଇଁ ସ୍ୱର ଉଠାଏ। ପାଲେଷ୍ଟିନୀୟ, ଇହୁଦୀ କିମ୍ବା ଇସ୍ରାଏଲୀଙ୍କ ବାଦ୍ ଯେକେହି ନୈତିକ ବିଶ୍ୱବାଦକୁ ଅପେକ୍ଷାକୃତ ସହଜ ଅନୁଶାସନ ଭାବେ ଗ୍ରହଣ କରିବା ଉଚିତ। ତଥାପି ଚିନ୍ତା କର, ଗାଜା ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ବିଶ୍ୱ କିପରି ଶକ୍ତ ତଥା ଅପରିବର୍ତ୍ତନୀୟ ଗୋଷ୍ଠୀରେ ବିଭକ୍ତ ହୋଇଯାଇଛି।

ସାମ୍ପ୍ରତିକ ଦୁଃସ୍ୱପ୍ନରେ ଜୀବନ ବିତାଉଥିବା ଲୋକମାନଙ୍କ ପାଇଁ ଏକ ବିଶ୍ୱବାଦୀ ସହାନୁଭୂତି ପ୍ରଦର୍ଶନ କରିବା ପ୍ରଥମ ଘଟଣା ନୁହେଁ। ଅନ୍ୟପଟେ, ଯେଉଁମାନେ ହୋଲ୍‌କୋଷ୍ଟ ବା ଇହୁଦୀ ଗଣହତ୍ୟାର ସ୍ମୃତିକୁ ନେଇ ବଞ୍ଚି ରହିଛନ୍ତି, ସେମାନେ ଅକ୍ଟୋବର ୭ରେ ହମାସ୍ ଅତ୍ୟାଚାର ପରେ ଭୟଭୀତ ହେବା ଛଡ଼ା ଆଉ କିଛି ଅନୁଭବ କରିପାରନ୍ତି ନାହିଁ। ପ୍ରତିଶୋଧ ନେବାକୁ କିମ୍ବା ଅତି କମ୍‌ରେ ସାମରିକ ପ୍ରତିକ୍ରିୟା ସହିତ ପ୍ରତିରୋଧକୁ ପୁନଃସ୍ଥାପନ କରିବାକୁ ଚାହୁଁଛନ୍ତି ସେହି ମଣିଷ। ଅନ୍ୟପଟେ, ୧୯୪୮ରେ ବ୍ରିଟିଶ୍ ଅଧିକୃତ ପାଲେଷ୍ଟାଇନ୍‌ରୁ ବିତାଡ଼ିତ ଶରଣାର୍ଥୀଙ୍କ ବଂଶଧର ଏବଂ ଯେଉଁମାନେ ମାସ ମାସ ଧରି କ୍ରମାଗତ ବୋମା ବିସ୍ଫୋରଣ ଭିତରେ ଅଛନ୍ତି, ସେମାନଙ୍କ ବ୍ୟତୀତ ଅନ୍ୟ କେହି ଯନ୍ତ୍ରଣା କିମ୍ବା କ୍ରୋଧକୁ ହୃଦୟଙ୍ଗମ କରୁଥିବା ମନେ ହୁଏ ନାହିଁ।

ଯଦି ଏହିସବୁ ବିଷୟକୁ ଦେଖିଲେ ମାନବ ଅଧିକାରର ମୂଳଦୁଆ ନୈତିକ ଅନ୍ତଃକରଣକୁ ଅନାବଶ୍ୟକ ମନେକରିବା ଉଚିତ ନୁହେଁ। ଅତି ନିକଟରୁ ଦେଖିଲେ ଜଣାପଡ଼େ ଯେ ଏବେ ଯୁଦ୍ଧରେ ଫସି ରହିଥିବା ଲୋକମାନଙ୍କ ପ୍ରତି ଦୟା ସହାନୁଭୂତି ଅପେକ୍ଷା ନିଷ୍ଠୁରତା ଏବଂ ପ୍ରତିଶୋଧ ଅଧିକ ଗ୍ରହଣୀୟ ହୋଇଛି। ଲକ୍ଷ୍ୟ କଲେ ଜାଣିପାରିବେ, ଇସ୍ରାଏଲୀ ଏବଂ ପାଲେଷ୍ଟିନୀୟଙ୍କ ନୈତିକ ବିଶ୍ୱବାଦ ନ୍ୟାୟ ଓ ଶାନ୍ତି ପାଇଁ ପ୍ରତିବଦ୍ଧ। ସେମାନେ ହିଁ ବୈଶ୍ୱିକ ଘୋଷଣାନାମାର ମୂଳ ଭାବନାକୁ ସିଦ୍ଧ କରନ୍ତି। ୧୯୪୮ରୁ ଆରମ୍ଭ ହୋଇଥିବା ଏହି ଧ୍ୱଂସକାରୀ ସଂଘର୍ଷର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି, ଉଭୟ ପକ୍ଷରେ କେବେ ବି ନୈତିକ ବିଶ୍ୱବାଦର ଅଭାବ ହୋଇ ନାହିଁ। ସଂଘର୍ଷରେ ଜଡ଼ିତ ଲୋକମାନଙ୍କ ମଧ୍ୟରେ ସହାନୁଭୂତି ଓ କରୁଣାର ଅଭାବ ପ୍ରକୃତ ସମସ୍ୟା ନୁହେଁ (ଯଦିଓ ସାମ୍ପ୍ରତିକ ଘଟଣା ନିଶ୍ଚିତ ଭାବରେ ଏହି ନୈତିକ ସମ୍ବଳକୁ ନଷ୍ଟ କରିଦେଇଛି), ବରଂ ସମସ୍ୟା ରହିଛି ଉଭୟ ପାର୍ଶ୍ୱର କୁକର୍ମକାରୀ, ହତ୍ୟାକାରୀ ଲୁଟେରାଙ୍କ ଉପସ୍ଥିତିରେ। ଶାନ୍ତି ସ୍ଥାପନ କରିଥିବା ଦୁଇ ନେତା ହେଉଛନ୍ତି ଇସ୍ରାଏଲ୍‌ର ଯିତ୍‌ହକ ରବିନ୍ (ଯାହାଙ୍କୁ ଜଣେ ଜିହୁଦୀ ଉଗ୍ରବାଦୀ ହତ୍ୟା କରିଥିଲେ) ଏବଂ ଇଜିପ୍ଟର ଅନ୍‌ୱାର ଏଲ–ସାଦତ୍ (ଯାହାଙ୍କୁ ଇସ୍‌ଲାମବାଦୀ ପ୍ରଶଂସକମାନେ ହତ୍ୟା କରିଥିଲେ)। ସେହି ଶାନ୍ତି ଚୁକ୍ତି ଶାନ୍ତିକାମୀଙ୍କ ପାଇଁ ଏକମାତ୍ର କାର୍ଯ୍ୟକ୍ଷମ ପଥ।

ଯେ ପର୍ଯ୍ୟନ୍ତ ଆମେ ସ୍ୱୀକାର କରୁନାହୁଁ ଯେ ରବିନ୍ ଏବଂ ସାଦତ୍‌ଙ୍କ ଶାନ୍ତିର ସହଭାଗୀ ଦୃଷ୍ଟିକୋଣ ସେମାନଙ୍କ ପରେ ଶେଷ ହୋଇଯାଇଛି, ସେ ପର୍ଯ୍ୟନ୍ତ ବିଚାର କରିବାକୁ ହେବ ଯେ, ସବୁ ଲୋକ ସମାନ ଭାବେ ଯନ୍ତ୍ରଣା ଭୋଗୁଛନ୍ତି ଓ ବୈଶ୍ୱିକ ଘୋଷଣାନାମାର ନୈତିକ ଆଲେଖ୍ୟର ବୈଧତା ରହିଛି। ଯନ୍ତ୍ରଣା ଏବଂ କ୍ଷତିକୁ ଠିକ୍ ଭାବେ ବୁଝିପାରିଲେ ଶାନ୍ତି ହାସଲ ହୋଇପାରିବ, କିନ୍ତୁ ଉଭୟ ପାର୍ଶ୍ୱରେ ଥିବା କ୍ଷତିକାରୀମାନେ ଯଥା ୱେଷ୍ଟବ୍ୟାଙ୍କକୁ ଘେରି ରହଥିବା ଉପନିବେଶୀ ଏବଂ ବିଲୟ ଓ ଲୁଣ୍ଠନ ପାଇଁ ବେଞ୍ଜାମିନ ନେତାନ୍ୟାହୁଙ୍କ ସରକାରକୁ ଚଳାଉଥିବା ବ୍ୟକ୍ତି ଏବଂ ଇସ୍ରାଏଲ୍‌କୁ ଧ୍ୱଂସ କରିବା ଛଡ଼ା ଆଉ କିଛି ଚାହୁଁ ନଥିବା ଜେହାଦି ଉଗ୍ରବାଦୀମାନେ ଯେ ପର୍ଯ୍ୟନ୍ତ ହଟିନାହାନ୍ତି ସେଯାଏ ଶାନ୍ତି ସମ୍ଭବ ନୁହେଁ।

ବୈଶ୍ୱିକ ଘୋଷଣାନାମା ଦର୍ଶାଏ ଯେ ଆମେ ଅନ୍ୟମାନଙ୍କର ଅଧିକାରକୁ ସମ୍ମାନ ଦେବା ଉଚିତ ଏବଂ ଏହା କିଭଳି ଉଲ୍ଲଂଘନ ନ ହେବ ତାହା ନିଶ୍ଚିତ କରିବା ଦରକାର। ମଧ୍ୟପ୍ରାଚ୍ୟରେ ଦୁଇ ଦେଶର ସମାଧାନ ହେଉଛି ଶାନ୍ତି ଏବଂ ନ୍ୟାୟ ପାଇଁ ଏକମାତ୍ର ପଥ। କାରଣ ବୈଶ୍ୱିକ ମାନବ ଅଧିକାରର ଏକମାତ୍ର ଗ୍ୟାରେଣ୍ଟି ହେଉଛି ସ୍ୱାଧୀନ ଦେଶର ମାନ୍ୟତା। କେବଳ ଦୁଇଟି ଦେଶ ମାଧ୍ୟମରେ ବିନାଶକାରୀଙ୍କୁ ପରାସ୍ତ କରାଯାଇପାରିବ ଏବଂ ଜାତିସଂଘ ଘୋଷଣାର ନୈତିକ ବିଶ୍ୱବାଦର ଶେଷରେ ହିଁ ବିଜୟ ହେବ।

**ପ୍ରଫେସର, ହିଷ୍ଟ୍ରି ଆଣ୍ଡ ରେକ୍ଟର ଏମ୍‌ରିଟସ୍, ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି(ଭିଏନା)**

## ୟୁରିଆର ଦୁରୁପଯୋଗ



ଡ.ଚିନ୍ତାମଣି ପଣ୍ଡା

୧୮୨୩ ମସିହାରେ ବୈଜ୍ଞାନିକ ସାର୍ ଫ୍ରେଡେରିକ ଓହଲର ଜୈବିକ ଉପାଦାନ ଯଥା ଗୋମୂତ୍ରରୁ ୟୁରିଆ ଉଦ୍ଭାବନ କରିଥିଲେ। କିନ୍ତୁ ଏହାର ମାତ୍ରା ଏତେ କମ୍ ଥିଲା ଯେ ଏକ ବ୍ୟୟବହୁଳ ଆହରଣ ପ୍ରଣାଳୀ କଦାପି ଲାଭଜନକ ହୋଇ ପାରୁ ନ ଥିଲା। କିଛିଦିନ ପରେ ପୁନଃଗବେଷଣା ଦ୍ୱାରା କୃତ୍ରିମ ଉପାୟରେ ରାସାୟନିକ ବିଘଟନ କରାଇ ବିଭିନ୍ନ ଅଜୈବିକ ଉପାଦାନରୁ ଅଳ୍ପ ଖର୍ଚ୍ଚରେ ୟୁରିଆ ଉତ୍ପାଦନ କରାଯାଇ ପାରିଲା। ଫଳରେ ଏହାକୁ ମୁଖ୍ୟ ସାର ହିସାବରେ କୃଷିକ୍ଷେତ୍ରରେ ବ୍ୟବହାର କରି କୃଷକମାନେ ଫସଲ ଅମଳକୁ ବହୁଗୁଣିତ କରିପାରିଲେ। ଫସଲ ଉପରେ ଏହାର ତତ୍କାଳ ପ୍ରଭାବ ହେତୁ ଏହା ଏତେ ଲୋକପ୍ରିୟ ହେଲା ଯେ କ୍ରମେ ଉତ୍ପାଦିତ ସାର କୃଷିକ୍ଷେତ୍ରକୁ ନିଅଣ୍ଟ ପଡ଼ିଲା ଏବଂ ସରକାର ଆଉ ପାଦଟେ ଆଗେଇ ଯାଇ ଏହାକୁ ରିହାତି ଦରରେ ଯୋଗାଇବା ଆରମ୍ଭ କରିଦେଲେ। ଅନ୍ୟ ପକ୍ଷରେ ଏହି ରିହାତି ଯୁକ୍ତ ସାରକୁ ଚତୁର ବ୍ୟବସାୟୀଗଣ ହଡ଼ପ କରିନେଲେ ନିଜ ନିଜର ଶିଳ୍ପରେ ବ୍ୟବହାର ପାଇଁ। ଫଳରେ ବଜାରରେ ଏହାର କୃତ୍ରିମ ଅଭାବ ଅନୁଭୂତ ହେଲା।

ବିଭିନ୍ନ ଆନୁଷଙ୍ଗିକ ଶିଳ୍ପ ଯଥା ପ୍ଲାଇଉଡ, ରେସିନ, ଚିନାମାଟି ବାସନ, ଗୋଖାଦ୍ୟ ଓ ବିସ୍ଫୋରକ ପ୍ରସ୍ତୁତି ପାଇଁ ପ୍ରତିବର୍ଷ ପ୍ରାୟ ୧୦ – ୧୨ ଲକ୍ଷଟନ ୟୁରିଆ ବ୍ୟବହୃତ ହେଉଛି। ଏହାକୁ ଆଖିଆଗରେ ରଖି ସରକାର ସାର ନିୟନ୍ତ୍ରଣ ଅଧାଦେଶ ୧୯୮୫ର ଧାରା ୨୫ ତଥା ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ୧୯୫୫ର ଧାରା ୭ ଓ ୧୦ ଅନୁଯାୟୀ ୟୁରିଆର ଅପବ୍ୟବହାରକୁ ଧର୍ତ୍ତବ୍ୟ ଅପରାଧରେ ସାମିଲ କଲେ। ପୁନଶ୍ଚ ଭାରତୀୟ ପିଙ୍ଗଳ କୋଡ୍ ଧାରା ୪୨୦ ଅନୁଯାୟୀ ଏଥି ନିମନ୍ତେ ଦଣ୍ଡବିଧାନର ବ୍ୟବସ୍ଥା ମଧ କଲେ। ତଥାପି ଏହାର ଦୁରୁପଯୋଗକୁ ରୋକାଯାଇ ପାରିଲା ନାହିଁ। ଖଣି ଖନନ ପାଇଁ ଆବଶ୍ୟକ ହେଉଥିବା ଆଇଡି ବିସ୍ଫୋରକ ପ୍ରସ୍ତୁତିରେ ୟୁରିଆ ନାଇଟ୍ରେଟ୍‌କୁ ବହୁଳଭାବରେ ବ୍ୟବହାର କରାଯାଉଛି। ଦୁଇଟି ପ୍ଲାଇଉଡ୍‌କୁ ଯୋଡ଼ିବା ପାଇଁ ଆବଶ୍ୟକ ପଡୁଥିବା ଅଠା ୟୁରିଆ ଫର୍ମାଲ ଡିହାଇଡ ଓ ରେସିନର ସମ୍ମିଶ୍ରଣରେ ପ୍ରସ୍ତୁତ ହେଉଛି। କେବଳ ଶିଳ୍ପ କ୍ଷେତ୍ରରେ କାହିଁକି ଚିକିତ୍ସା କ୍ଷେତ୍ରରେ ମଧ ଔଷଧ ପ୍ରସ୍ତୁତିରେ ୟୁରିଆର ବ୍ୟବହାର ସର୍ବଜନ ବିଦିତ। କଳକାରଖାନା ତଥା ଯାନବାହନରୁ ନିର୍ଗତ ଧୂଆଁର କୁପ୍ରଭାବରୁ ମଣିଷ ଶରୀରକୁ ରକ୍ଷାକରିବା ପାଇଁ ୟୁରିଆ ମିଶ୍ରିତ ଏକ ପ୍ରଲେପର ବହୁଳ ଆବଶ୍ୟକତା ପଡ଼ିଥାଏ। ଦନ୍ତଶୋଧନ ଚୂର୍ଣ୍ଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ପ୍ରସ୍ତୁତିରେ ୟୁରିଆ ବ୍ୟବହୃତ ହୋଇଥାଏ। ଏତଦ୍‌ବ୍ୟତୀତ ପ୍ରସାଧନ ସାମଗ୍ରୀ ଓ ଶରୀରରୁ ଅନାବଶ୍ୟକ ଲୋମନିର୍ମୂଳକ ପ୍ରସ୍ତୁତିରେ ୟୁରିଆକୁ ବ୍ୟବହାର କରାଯାଏ। ପର୍ଯ୍ୟାବରଣ କ୍ଷେତ୍ରରେ ବାୟୁପ୍ରଦୂଷଣକୁ କମାଇବା ପାଇଁ ଯେଉଁ କୃତ୍ରିମ ମେଘର ସୃଷ୍ଟି କରାଯାଏ ସେଥିରେ ମଧ ୟୁରିଆର ନିର୍ଦ୍ଦିଷ୍ଟ ଭୂମିକା ରହିଛି। ହିମଅଞ୍ଚଳରେ ରାସ୍ତାରେ ଜମୁଥିବା ବରଫର ଆସ୍ତରଣକୁ ତରଳାଇବା ପାଇଁ ୟୁରିଆ ବ୍ୟବହୃତ ହୁଏ। ଯନ୍ତ୍ରପାତିରେ କଳଙ୍କି ନ ଧରିବା ପାଇଁ ଦିଆ ଯାଉଥିବା ବାଦାମୀ ପ୍ରଲେପରେ ୟୁରିଆର ସିଂହଭାଗ ରହୁଥିବା ବେଳେ ଅଗ୍ନି ନିର୍ବାପକ କ୍ଷେତ୍ରରେ ମଧ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ। ଆଜିକାଲି ଗାଁ ଗହଳିରେ ମଧ ବାସନକୁସନ ସଫା କରିବାକୁ ୟୁରିଆ ପ୍ରସ୍ତୁତ ସାବୁନର ଚାହିଦା ଅଧିକ। କିଏ ମୁଢ଼ି, ଲିଆ ଭାଜିବାରେ ୟୁରିଆକୁ ଉପଯୋଗ କଲାଣି ତ ପୁଣିକିଏ ଦେଶୀ ମଦ ପ୍ରସ୍ତୁତିରେ ଶର୍କରା ଅଂଶର ବିଘଟନ ପାଇଁ ୟୁରିଆକୁ ବ୍ୟବହାର କଲାଣି। ଇଟା ପ୍ରସ୍ତୁତକାରୀମାନ ଆଉ ପାଦେ ଆଗେଇ ଯାଇ ଇଟାଭାଟିରେ ୟୁରିଆ ବ୍ୟବହାର କରି କମ୍ ଜାଳରେ ଅଧିକ ଲାଲରଙ୍ଗର ଇଟା ତିଆରି କଲେଣି। ଦୁଗ୍ଧଚାଷୀମାନେ ଦୁଗ୍ଧର ମାନବର୍ଦ୍ଧକ ହିସାବରେ ୟୁରିଆର ଅପମିଶ୍ରଣ କୌଶଳ ଆପଣାଇଲେଣି। ଏତଦ୍‌ବ୍ୟତୀତ ଗୌଖାଦ୍ୟ ପ୍ରସ୍ତୁତିରେ ଘାସକୁ ଶଢ଼େଇ ଆଚାର ବନେଇବା କିମ୍ବା ଛତୁଚାଷରେ ଧିଙ୍ଗିରି ଛତୁର ଆକାର ଓ ଓଜନ ବୃଦ୍ଧି କରିବାରେ ୟୁରିଆ ସହାୟକ ହୋଇପାରୁଛି।

ପାଣି ଭିତରେ ବଢୁଥିବା ମାଛଖାଦ୍ୟ ପ୍ଲାଙ୍କଟନ ଉଦ୍ଭିଦର ବୃଦ୍ଧିପାଇଁ ମତ୍ସ୍ୟଚାଷୀମାନେ ବି ୟୁରିଆର ବହୁଳ ବ୍ୟବହାର କରୁଛନ୍ତି। ଅତଏବ କୁଟୀରଶିଳ୍ପ ଠାରୁ ଆରମ୍ଭ କରି ବଡ଼ ବଡ଼ ଶିଳ୍ପ କାରଖାନା ପର୍ଯ୍ୟନ୍ତ ସବୁଠି ୟୁରିଆର ବ୍ୟବହାର ବଢ଼ିଚାଲିବାରୁ କୃଷି କ୍ଷେତ୍ରରେ ବ୍ୟବହାର ପାଇଁ ଏହା ଟିରୋଟ ପଡୁଛି ଏବଂ କଳାବଜାର ବଢୁଛି। ତେଣୁ କାରଖାନାଗୁଡ଼ିକରେ ୟୁରିଆର ଉତ୍ପାଦନ ବଢ଼ାଇବା ସଙ୍ଗେ ସଙ୍ଗେ ଏହାର ବିତରଣକୁ ନିୟନ୍ତ୍ରଣକୁ ନ ଆଣିଲେ ଆଗକୁ ଅଭାବଜନିତ ସାଂଘାତିକ ପରିସ୍ଥିତି ସୃଷ୍ଟି ହେବା ସହିତ କୃଷି ଉତ୍ପାଦନରେ ସୁଦୂରପ୍ରସାରୀ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି।

**ମୋ: ୯୪୩୭୧୮୫୧୩୫**

## ଏଇ ଭାରତରେ

ଗରିବ ଓ ଅସହାୟଙ୍କ ପାଇଁ ସାହାରା ପାଲଟିଛନ୍ତି ଗୁରୁଗାଁଓର ସଜନ ଭିର୍। ସେ ବ୍ୟବହୃତ ପୋଷାକ ଓ କନା ସଂଗ୍ରହ କରି ସେଥିରେ ବ୍ୟାଗ୍, କମ୍ବଳ ଓ ଡଗ୍ ବେଡ୍ ତିଆରି କରୁଛନ୍ତି। ସେ ୩୦ ପ୍ରକାର ବ୍ୟାଗ୍ ଓ କମ୍ବଳ ପ୍ରସ୍ତୁତ କରୁଛନ୍ତି। ଶିକ୍ଷା ଶେଷ କରି ସେ ଭଲ ଚାକିରି କରିଥିଲେ ଓ ୨୦୧୫ରେ ତାହାକୁ ଛାଡ଼ି ଏହା ଜାରି ରଖିଛନ୍ତି। ଏହି କାର୍ଯ୍ୟ କରିବା ଲାଗି ସଜନ ‘କ୍ଲୋଥେସ୍ ବକ୍ସ ଫାଉଣ୍ଡେଶନ’ ଗଠନ କରିଛନ୍ତି। ସଜନ ଓ ତାଙ୍କ ଟିମ୍ ପ୍ରତିଦିନ କୌଣସି ଏକ ଦୁର୍ଗମ ଅଞ୍ଚଳର ଗାଁଗୁଡ଼ିକୁ ଯାଇ ସେଠାରେ ବସ୍ତ୍ର ବାଣ୍ଟୁଛନ୍ତି। ସେମାନେ ଲୋକଙ୍କଠାରୁ ଟି–ଶାର୍ଟ, ପ୍ୟାଣ୍ଟ ସଂଗ୍ରହ କରି ତାହାକୁ ନିର୍ମାଣ ସ୍ଥଳୀରେ ଶ୍ରମିକମାନଙ୍କୁ ବି ଦେଉଛନ୍ତି। ପ୍ରତି କେ.ଜି. ପୋଷାକକୁ ପୁନଃ ବ୍ୟବହାର ଉପଯୋଗୀ କରିବା ଦ୍ୱାରା ୩୧ କେ.ଜି. କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ରୋକାଯାଇପାରୁଛି ବୋଲି କହନ୍ତି ୩୨ ବର୍ଷୀୟ ସଜନ। ଏହି ହିସାବରେ ଏବେ ସୁଦ୍ଧା ତାଙ୍କ ସଂସ୍ଥା ୭,୪୬,୦୦୦ କେ.ଜି. ବ୍ୟବହୃତ କନା ବା ପୋଷାକ ସଂଗ୍ରହ ଓ ବଣ୍ଟନ କରି ୨୩,୧୨୬ ଟନ କାର୍ବନ ନିର୍ଗମନ ରୋକିପାରିଛନ୍ତି। ଏହି କାର୍ଯ୍ୟରେ ସେ ଅନେକ ଲୋକଙ୍କୁ ଦୈନିକ ୪୦୦ ଟଙ୍କା ମଜୁରିରେ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଡିସେମ୍ବର ୧୯୭୪**

- ୱାଘା ସୀମାନ୍ତରେ ଜଣେ ଜର୍ମାନ ନାଗରିକଙ୍କଠାରୁ ଏକ ଶହ ହତ୍ୟାଧୁନିକ ସ୍ୱୟଂକ୍ରିୟ ରାଇଫଲ ଏବଂ ୫୦୦ ଗୁଳି ଜବତ।
- ଭାରତ ଓ ଭୁଟାନର ବୈଦେଶିକ ନୀତି ପୂର୍ବ ପରି ଭବିଷ୍ୟତରେ ମଧ ନିବିଡ଼ ସହଯୋଗିତା କ୍ରମେ ଅନୁସରଣ କରାଯିବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଆମେରିକାର ଉପରାଷ୍ଟ୍ରପତି ରୂପେ ନେଲ୍‌ସନ୍ ଏ. ରକ୍‌ଫେଲର୍‌ଙ୍କ ଶପଥ ଗ୍ରହଣ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 2 | | | 6 | | 5 |
| 6 | | 9 | | | | | 1 | 2 |
| 8 | | | | | | | | |
| | | | | | | | | 4 |
| | | 8 | | 9 | 7 | | | |
| | 1 | | | 6 | | | 2 | |
| | | | 3 | | | 4 | | |
| 3 | | | | | | | | 1 |
| | 6 | 4 | | | 9 | | 8 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 5 | 7 | 4 | 3 | 2 | 8 |
| 2 | 4 | 8 | 3 | 6 | 1 | 7 | 9 | 5 |
| 3 | 7 | 5 | 2 | 9 | 8 | 1 | 4 | 6 |
| 6 | 1 | 4 | 8 | 2 | 9 | 5 | 7 | 3 |
| 8 | 3 | 2 | 7 | 1 | 5 | 4 | 6 | 9 |
| 7 | 5 | 9 | 6 | 4 | 3 | 8 | 1 | 2 |
| 4 | 6 | 3 | 1 | 5 | 2 | 9 | 8 | 7 |
| 5 | 2 | 1 | 9 | 8 | 7 | 6 | 3 | 4 |
| 9 | 8 | 7 | 4 | 3 | 6 | 2 | 5 | 1 |

ଗତକାଲିର ଉତ୍ତର

# ଶିଶୁ ପ୍ରତି ସମ୍ବେଦନହୀନ କାହିଁକି



ଡ.ବିଧୁପ୍ରଭା ରଥ

ଶିଶୁ ମାନବ ସମାଜକୁ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସୁସ୍ଥ ମା’ ସୁସ୍ଥ ଶିଶୁ ହିଁ ବିକଶିତ ଓଡ଼ିଶା ଓ ଭାରତର ପ୍ରତିରୂପ ବୋଲି ଉଭୟ ରାଜ୍ୟ ଓ ଦେଶକୁ ଚଳାଉଥିବା ସରକାରମାନେ ପ୍ରତିଦିନ ଘୋଷଣା କରୁଛନ୍ତି। ଆମ ଦେଶର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ‘ସୁପୋଷଣ ଦିବସ’ କାର୍ଯ୍ୟକ୍ରମ ଚାଲୁଛି। ଯାହାଦ୍ୱାରା ଶିଶୁ, କିଶୋରୀ ଓ ମହିଳାମାନେ କୁପୋଷଣର ଶିକାର ହେବେ ନାହିଁ। ଯଥେଷ୍ଟ ପରିମାଣରେ ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରତିଷେଧକ ଟିକାଦାନ ଦ୍ୱାରା କୁପୋଷଣକୁ ସମ୍ପୂର୍ଣ୍ଣ ଲୁପ୍ତ କରିଦିଆଯାଇ ପାରିବ। ଏହି ଉଦ୍ଦେଶ୍ୟରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ‘ପୋଷଣ ମାସ’ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଶିଶୁ, ଗର୍ଭବତୀ, ପ୍ରସୂତି ମହିଳାମାନଙ୍କର ସ୍ୱାସ୍ଥ୍ୟ ପୁଷ୍ଟିର ଯତ୍ନ, ସନ୍ତୁଳିତ ଆହାର, ନିୟମିତ ଗର୍ଭାବସ୍ଥାର ପରୀକ୍ଷଣ, ପ୍ରତିଷେଧକ ଟିକାଦାନ, ଶିଶୁ ଜନ୍ମପରେ ସ୍ତନ୍ୟପାନ, ତା’ର ଓଜନ ଓ ଉଚ୍ଚତାର ପରିମାପକ, କିଶୋରୀମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ସମ୍ପର୍କରେ ବିଭିନ୍ନ ପଦକ୍ଷେପ ନିଆଯାଏ। କିନ୍ତୁ ଦୁଃଖର କଥା ବର୍ତ୍ତମାନ ରାଜ୍ୟରେ ଚାଲୁଥିବା ୭୪ଟି ‘ଶିଶୁ ସଦନ’କୁ ବନ୍ଦ କରିବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ୭୪ଟି ଶିଶୁ ସଦନ କେନ୍ଦ୍ରରେ ୧୨୦ପ୍ରତିଶତରୁ ଅଧିକ ଅନ୍ତେବାସୀ ରହିଛନ୍ତି। ଓଡ଼ିଶା ସରକାରଙ୍କର ମହିଳା ଶିଶୁ ବିକାଶ ଅଧୀନରେ ଥିବା ଶିଶୁ ସୁରକ୍ଷା ଆରୋଗ୍ୟ ପକ୍ଷରୁ ଏହି ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଦର୍ଶାଯାଇଛି ଯେଉଁ ଶିଶୁ ଯତ୍ନ ଅନୁଷ୍ଠାନରେ ୭୫ ପ୍ରତିଶତରୁ କମ୍ ଅନ୍ତେବାସୀ ରହିଥିବେ ସେଗୁଡ଼ିକୁ ଦଶଦିନ ମଧ୍ୟରେ ବନ୍ଦ କରିଦିଆଯିବ। ମହିଳା ଶିଶୁ ବିକାଶ ବିଭାଗୀୟ କଟକଣା ଅନୁସାରେ ୨୦୨୩ ନଭେମ୍ବର ସୁଦ୍ଧା ୭୪ଟି ଶିଶୁ ଯତ୍ନ କେନ୍ଦ୍ରରେ ୭୫ ପ୍ରତିଶତରୁ କମ୍ ଶିଶୁ ରହିଛନ୍ତି। ଅର୍ଥାତ୍ ଏହି କେନ୍ଦ୍ରଗୁଡ଼ିକ ବନ୍ଦ ହେବାକୁ ଯାଉଛି। କିନ୍ତୁ ସରକାରଙ୍କ ବିଭାଗ କହୁଛି ଯେ ୮୬ଟି ଶିଶୁ କେନ୍ଦ୍ରରେ ୧୨୦ରୁ ୧୫୦ ପ୍ରତିଶତ ଶିଶୁ ରହିଛନ୍ତି। ଏହି ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଗଲେ ୨୫୪୭ ଶିଶୁ କେଉଁଠି ରହିବେ ? କ’ଣ ହେବ ସେମାନଙ୍କର ଯତ୍ନ, ବର୍ତ୍ତମାନ ଓ ଭବିଷ୍ୟତ। ସାଧାରଣତଃ ଏହି ଶିଶୁମାନେ ଅନାଥ, ଛାଡ଼ପତ୍ର ହୋଇଥିବା ଏକକ ଅଭିଭାବକ, ଅବିବାହିତା କୁମାରୀ ମାତୃତ୍ୱ, ଗଣବଳାତ୍କାର ଦ୍ୱାରା ଜନ୍ମଲାଭ କରିଥିବା ଅବହେଳିତ ସ୍ଥିତିରୁ ଉଦ୍ଧାର ହୋଇ ସରକାରଙ୍କର ଉକ୍ତ କେନ୍ଦ୍ରଗୁଡ଼ିକୁ ଆସିଥାନ୍ତି। ଏହି ଶିଶୁମାନଙ୍କୁ ତିନିବର୍ଷ ହେଲାପରେ ସେମାନଙ୍କୁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର ସହିତ ସଂଶ୍ଳିଷ୍ଟ କରାଯାଇ ତାଙ୍କ ଖାଦ୍ୟ ପୁଷ୍ଟିର ଯତ୍ନ ନିଆଯାଇଥାଏ। ପାଞ୍ଚବର୍ଷ ପୂରିଲା ପରେ ଏହି ଶିଶୁମାନେ ବିଦ୍ୟାଳୟକୁ ଯାଇଥାନ୍ତି।

କିନ୍ତୁ ପରିତାପର ବିଷୟ ଯେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅତ୍ୟାବଶ୍ୟକ ଜନମଙ୍ଗଳକାରୀ ଯୋଜନାଗୁଡ଼ିକୁ ଶିଶୁମାନଙ୍କ ଉପସ୍ଥିତି ଅଭାବରୁ ବନ୍ଦକରି ଦେଉଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହେବାପରେ ଓଡ଼ିଶା ସରକାର ସର୍ବପ୍ରଥମେ ରାଜ୍ୟର ୧୪ ହଜାର ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବାର ନିଷ୍ପତ୍ତି ନେଇଛନ୍ତି। ଏପର୍ଯ୍ୟନ୍ତ ସେଥିରୁ ୬ ହଜାର ବିଦ୍ୟାଳୟ ବନ୍ଦ ହୋଇସାରିଛି। ଆମ ରାଜ୍ୟରେ ଶିକ୍ଷାନୀତି ଆସିବା ପୂର୍ବରୁ ହିଁ ସରକାରୀ ବିଦ୍ୟାଳୟଗୁଡ଼ିକ ବନ୍ଦ ଓ ମିଶ୍ରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏହି ନୀତି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ, ଅନ୍ୟାୟ ଓ ଅସାମ୍ବିଧାନିକ ବୋଲି ବର୍ଣ୍ଣନା କରି ସାରା ରାଜ୍ୟରେ ବହୁ ଅଭିଭାବକ, ସାମାଜିକ କର୍ମୀ, ଛାତ୍ରୀଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସ୍କୁଲ ସୁରକ୍ଷା କମିଟିର ଜନସାଧାରଣ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରିଥିଲେ। ଏହି ସମୟରେ ଭାରତରେ ମଧ ଜାତୀୟ ଶିକ୍ଷା ନୀତିକୁ ନେଇ ଆନ୍ଦୋଳନ ଜୋରଦାର ହୋଇଥିଲା। ଏହି ବିଦ୍ୟାଳୟ ବନ୍ଦ ପାଇଁ ଅନେକ ମାମଲା ଉଚ୍ଚନ୍ୟାୟାଳୟରେ ଦାଏର କରାଯାଇଥିଲା। ଉଚ୍ଚନ୍ୟାୟାଳୟ ସବୁ ପକ୍ଷର ଅଭିଯୋଗ ଶୁଣିଲାପରେ ତାଙ୍କର ରାୟ ଶୁଣାଇଥିଲେ ଯେ, “ରାଜ୍ୟ ସରକାରଙ୍କର ଏହି ବିଜ୍ଞପ୍ତି ଆଇନ ସମର୍ଥିତ ନୁହେଁ। ସରକାରଙ୍କର ବିଜ୍ଞପ୍ତି ସମ୍ବିଧାନର ଧାରା ‘୨୧ଏ’ଏବଂ ଶିକ୍ଷା ଅଧିକାର ଆଇନ ୨୦୦୯ ଓ ନିୟମ ୨୦୧୦ ଅନୁଯାୟୀ ବିରୁଦ୍ଧାଚରଣ କରୁଛି। ଏଭଳି ପରିସ୍ଥିତିରେ ବିଭିନ୍ନ ବର୍ଗର ବିଦ୍ୟାଳୟର ଏକତ୍ରୀକରଣ ମିଶ୍ରଣ ପାଇଁ ପ୍ରସ୍ତାବିତ ପଦ୍ଧତି ଗ୍ରହଣୀୟ ହୋଇପାରିବ ନାହିଁ।”



୨୦୦୯ ଶିକ୍ଷା ଅଧିକାର ଆଇନ ଓ ନିୟମ ୨୦୧୦ ଅନୁସାରେ ଅନ୍ତତଃ ଜଣେ ଶିଶୁ ଓ କିଶୋର ପାଇଁ ପହଞ୍ଚି ପାରୁଥିବା ଏକ କିଲୋମିଟର ଦୂରତା ଭିତରେ ଗୋଟିଏ ବିଦ୍ୟାଳୟ ଉପଲବ୍ଧ ହେବା ଉଚିତ। ଯେଉଁଠାରେ ଏତିକି ଦୂରତା ସ୍ଥାନୀୟ ବାସିନ୍ଦାଙ୍କର ଆବଶ୍ୟକତାକୁ ପୂରଣ କରୁଛି, ସେତେବେଳେ ସେଗୁଡ଼ିକୁ ରାଜ୍ୟ ସରକାର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ, ବିଦ୍ୟାଳୟ ଏକତ୍ରୀକରଣ କହି ବନ୍ଦ କରିପାରିବେ ନାହିଁ। କାହିଁକି ଛାତ୍ର ସଂଖ୍ୟା କମିଛି ତାହାର ଅନେକ କାରଣ ରହିଛି। ସେହିସବୁ ମୂଳ ଅସୁବିଧାଗୁଡ଼ିକର ଯଥାର୍ଥ ବାସ୍ତବ ନିରାକରଣ ନ କରି ବିଦ୍ୟାଳୟ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ରାଜ୍ୟ ସରକାର ହୃଦ୍‌ବୋଧ କରିବା ନିହାତି ଆବଶ୍ୟକ। ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ଅଙ୍ଗନୱାଡି କେନ୍ଦ୍ରରେ ବର୍ତ୍ତମାନ ଶିଶୁମାନେ ପାଞ୍ଚବର୍ଷ ପରିବର୍ତ୍ତେ ଆଠବର୍ଷ ପର୍ଯ୍ୟନ୍ତ ବିଦ୍ୟାଳୟ ଶିକ୍ଷା ଲାଭ କରିବେ। କିନ୍ତୁ ଦେଶରେ ୧୩.୬ ଲକ୍ଷ ଅଙ୍ଗନୱାଡି କେନ୍ଦ୍ରରୁ ୩.୬୨ ଲକ୍ଷ ଅଙ୍ଗନୱାଡି କେନ୍ଦ୍ରରେ ଉପଯୁକ୍ତ ଗୃହ, ଶୌଚାଳୟ, ପାନୀୟ ଜଳର ସୁବିଧା ନାହିଁ। ବିଦ୍ୟାଳୟଗୁଡ଼ିକରେ ହଜାର ହଜାର ସଂଖ୍ୟକ ଶିକ୍ଷକ ପଦବୀ ଖାଲିପଡ଼ିଛି। ମୁଖ୍ୟତଃ ପ୍ରତ୍ୟେକ ସାହି ବା ମହଲ୍ଲାରେ ଅଙ୍ଗନୱାଡି କେନ୍ଦ୍ର ରହିବା କଥା। ସାରା ଦେଶରେ ୪୦ ଲକ୍ଷ ସାହି, ପଡ଼ା ରହିଛି। ଦେଶରେ ବର୍ତ୍ତମାନ ସୁଦ୍ଧା ୧୩ ଲକ୍ଷ ଅଙ୍ଗନୱାଡି କେନ୍ଦ୍ର ରହିଛି। ଆଜିର ଆବଶ୍ୟକତାକୁ ଦେଖିଲେ ଆହୁରି ୨୭ ଲକ୍ଷ ଅଙ୍ଗନୱାଡି କେନ୍ଦ୍ର ତିଆରି ହେବାର ଆବଶ୍ୟକତା ରହିଛି। କିନ୍ତୁ ପରିତାପର ବିଷୟ ହେଉଛି ଯେଉଁ ଅଙ୍ଗନୱାଡି କର୍ମୀ, ସହାୟିକାମାନେ ଶିଶୁମାନଙ୍କର ଉନ୍ନତିର ଦାୟିତ୍ୱ ନେଇଛନ୍ତି ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ୟ ଦରମା ବାବଦରେ ନ ପାଇ ମଜୁରି ବା ପାରିତୋଷିକ ଭାବରେ ପାଉଛନ୍ତି। ସେମାନେ ସ୍ଥାୟୀ କର୍ମଚାରୀ ନୁହନ୍ତି। ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, ଶିଶୁଯତ୍ନ ଭଳି ଜନକଲ୍ୟାଣକାରୀ ଯୋଜନାକୁ ରୁଗ୍ଣ କରିଦେଇଛନ୍ତି।

ଆଜିର ଏହି ପରିସ୍ଥିତିର ପରିଣାମ ସ୍ୱରୂପ ଆଗାମୀ ଦିନଗୁଡ଼ିକରେ ରାଜ୍ୟରୁ ଅଧିକ ସଂଖ୍ୟାରେ ଶିଶୁବିକ୍ରି, କିଶୋର/କିଶୋରୀମାନଙ୍କୁ ‘ମାନବ ଚାଲାଣ’ ଦ୍ୱାରା ବିଭିନ୍ନ ସ୍ଥାନକୁ ପେଟର ଭୋକପାଇଁ ଜୋର ଜବରଦସ୍ତ ଯିବାକୁ ହେବ। ସେମାନେ ସମସ୍ତ ପ୍ରକାର ଅମାନବୀୟ, ଅମାନୁଷିକ, ଯୌନଗତ, ଆର୍ଥିକ, ମାନସିକ, ଶାରୀରିକ ଶୋଷଣର ଶିକାର ହୋଇ ଅକାଳରେ ମୃତ୍ୟୁବରଣ କରିବେ। ସେମାନଙ୍କ ପାଇଁ ଏକ ସୁସ୍ଥ ନିରାପଦ ସମାଜର ସ୍ୱପ୍ନ ଚିରକାଳ କେବଳ ଚିତ୍ରପଟଟିଏ ହୋଇ ରହିଯିବ।

**ଗାନ୍ଧୀନଗର ବ୍ରହ୍ମପୁର,**
**ମୋ:୯୪୩୭୨୬୦୬୯୬**

## ଚିରନ୍ତନୀ

ସେହି ମନ୍ତ୍ରେ ପ୍ରକମ୍ପିତ ସ୍ପନ୍ଦନବିହୀନ କେତେ ଛାତି
ଚମକିବ ଅକସ୍ମାତ ଘୋଷି ଉଠି ଜାତି ! ଜାତି ! ଜାତି !
ମୂକ ମାନବର ମୁଖୁଁ ମୁଖରିତ ହେଉ ପୁଣି ଭାଷା
ଦଳିତର ପୀଡ଼ିତର ତେଜି ଦିଅ ଜ୍ୱଳନ୍ତ ପିପାସା।
–(ଜାଗ ଜାଗ ଗାନ୍ଧୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟଶସ୍ୟ ଦରରେ ଅସ୍ଥିରତା

ମହାଶୟ,

ଦେଶରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ଦ୍ରବ୍ୟର ମୂଲ୍ୟ ଉପରମୁହାଁ ହୋଇଥିବାବେଳେ ମୁଦ୍ରାସ୍ଫୀତି ମଧ ସେହି ହାରରେ ବଢିଚାଲିଛି। ଦେଶର ଗରିବ ଖଟିଖିଆ, ମଧ୍ୟବିତ୍ତ ପରିବାର ପାଇଁ ଏହା ଚିନ୍ତାର କାରଣ ହୋଇଛି। ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ (ଏନ୍ଏସ୍ଓ)ର ରିପୋର୍ଟ ଅନୁଯାୟୀ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ(ସିପିଆଇ) ୫.୫୫ ପ୍ରତିଶତକୁ ବୃଦ୍ଧି ପାଇଥିବା ମୁଦ୍ରାସ୍ଫୀତି ସଂକେତ କରିଛି। ଖାଦ୍ୟ ଶସ୍ୟ ଯାହାକି ସିପିଆଇର ଏକ ଦଶମାଂଶ, ତାହା ଗତ ୧୫ମାସ ମଧ୍ୟରେ ବଢି ଦୁଇ ଅଙ୍କରେ ପହଁଚିଛି। ବିଶେଷ କରି ଗହମ, ଚାଉଳ, ଡାଲି ଆଦି ଶସ୍ୟର ମୂଲ୍ୟ ବଢିବାରେ ଲାଗିଛି। ଗତ ୭ମାସ ଧରି ଅଦାର ମୂଲ୍ୟ ୧୦୦ ପ୍ରତିଶତରୁ ଅଧିକ ବଢ଼ିଛି। ଉଦ୍‌ବେଗର କାରଣ ହେଉଛି ପନିପରିବାର ଦର ବୃଦ୍ଧି। ଏହା ନିଃସନ୍ଦେହ ଯେ, ଯଦି ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରା ନ ଯାଏ ତେବେ ତାହା ଦ୍ରବ୍ୟର କ୍ରୟ ଏବଂ ଅଭିବୃଦ୍ଧି ପ୍ରତି ବାଧକ ହେବ।

**–ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କେରଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରୁ ଚିନ୍ତା

ପଟ୍ଟାମୁଣ୍ଡାଇ,୨୦।୧୨(କଳ୍ପତରୁ ନାୟକ)

ପୁଣି କରୋନା ମହାମାରୀ ସଂକ୍ରମଣ ଫେରିଛି। କରୋନାର ସବ୍‌ଭ୍ୟାରିଏଣ୍ଟ ଜେଏନ୍-୧ କର୍ଣାଟକ ଓ କେରଳରେ ଠାବ ହେବା ପରେ ଭୟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସବୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବଙ୍କ ବୈଠକ ବସିଛି । କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ । ଏହାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ଯେଉଁ ନୂଆ ଭାରିଏଣ୍ଟ କଥା କୁହାଯାଉଛି ତାହା ନ୍ୟାଚୁରାଲ । ଥଣ୍ଡା, ଜ୍ୱର କାଶ ହେଲେ ଟେଷ୍ଟ କରି ନିଅନ୍ତୁ। ଗହଳି ସ୍ଥଳରୁ ନିଜକୁ ଦୂରାଇ ରଖନ୍ତୁ । କେରଳରେ କ୍ରମାଗତ ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିବା ବେଳେ ଇତିମଧ୍ୟରେ ୧୦ ଜଣଙ୍କ ମୃତ୍ୟୁ ଘଟି ସାରିଛି। ଏହାକୁ ନେଇ କେନ୍ଦ୍ରାପଡ଼ା ଜିଲାରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ବୁଦ୍ଧିଜିବୀ ପ୍ରବୀର ନାୟକ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ-ରାଜନଗର ବ୍ଲକ ଅଞ୍ଚଳର ଲୋକମାନଙ୍କ ଉପସ୍ଥିତି କର୍ନାଟକ ଓ କେରଳରେ ଥିବାରୁ ଚିନ୍ତା ବଢିବାରେ ଲାଗିଛି। ଦୈନିକ କେରଳରୁ ବସ ଯୋଗେ ଲୋକେ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଯିବା ଆସିବା କରୁଛନ୍ତି । କରୋନା ନୂଆ

- ଟିଏମ୍‌ସିର ସମସ୍ତ ସାମଗ୍ରୀ ଗାଏବ
- ଅଭିଯୋଗ ପରେ ବି ତଦନ୍ତ ନାହିଁ

ଭାରିଆଣ୍ଟ ଯଦି ତା'ର କାୟା ବିସ୍ତାର କରେ ତା'ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ମୁକାବିଲା କରିବା କଷ୍ଟସାଧ ହୋଇପଡିବ । କରୋନା କାଳରେ ପ୍ରତିଷ୍ଠା କରାଯାଇଥିବା ଟେମ୍ପରାରୀ ହେଲ୍‌ଥ ସେଣ୍ଟର(ଟିଏମ୍‌ସି) ସାମଗ୍ରୀ ଏବେ ଖତ ଖାଉଥିବା ବେଳେ ଅଧିକାଂଶ ମୂଲ୍ୟବାନ ସାମଗ୍ରୀ ଗାଏବ ହୋଇଯାଇଛି। ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କୁହନ୍ତି, ମହାମାରୀ କୋଭିଡ୍ ମୁକାବିଲା ଲାଗି ପ୍ରତି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି) ଖୋଲାଯାଇଥିଲା। ଖଟ,ଗଦି, ବେଡସିଟ୍, ତକିଆ, ଫ୍ୟାନ୍, ଆକ୍ୱାଗାର୍ଡ, ବାଲ୍‌ଟି, ଟିଭି କିଣାଗଲା। ହେଲେ କୋଭିଡ୍ ପ୍ରକୋପ କମିବା ପରେ ଟିଏମ୍‌ସି ପାଇଁ ଯେଉଁ ସବୁ ଭିତ୍ତିଭୂମି ସୃଷ୍ଟି କରାଯାଇଥିଲା, ସେଥିରୁ ଅଧାରୁ ଅଧିକ ଜିନିଷ ଏବେ ନାହିଁ। ବେଡସିଟ୍, ତକିଆ, ବାଲ୍‌ଟି, ମଗ ଇତ୍ୟାଦି ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛି ବୋଲି ଅଭିଯୋଗ ହେଉଛି।

ଆଇନଜୀବୀ ପ୍ରମୋଦ ସାହୁ, ସାମାଜିକ କର୍ମୀ କ୍ଷୀରୋଦ ମଲିକ, କଂଗ୍ରେସ ବ୍ଲକ୍ ସଭାପତି ମଳୟ ଦାସ କୁହଛନ୍ତି, ମହାମାରୀ କରୋନାର



ଅବହେଳିତ ଭାବେ ପଡ଼ିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ବେଡ୍।

ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୦ ମାର୍ଚ୍ଚ ୨୨ରେ ଜନତା କର୍ଫ୍ୟୁ ଘୋଷଣା କଲେ। ୨୦୨୦ ମାର୍ଚ୍ଚ ୨୫ରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଲକ୍‌ଡାଉନ ଘୋଷଣା କଲେ । କେନ୍ଦ୍ରାପଡ଼ା କରୋନା ସଂକ୍ରମଣ ପାଇଁ ଅତ୍ୟନ୍ତ ସମବେଦନଶୀଳ ଜିଲା ଭାବେ ଉଭା ହୋଇଥିଲା। କାରଣ ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଜିଲାର ପଟ୍ଟାମୁଣ୍ଡାଇ ଲୋକମାନଙ୍କ ଉପସ୍ଥିତି ଥିବାରୁ କରୋନା କ୍ଷେତ୍ରରେ ଏହା ସ୍ପର୍ଶକାତର ଅଞ୍ଚଳ ଭାବେ ସରକାରୀସ୍ତରରେ ଚିହ୍ନଟ କରାଗଲା। ସମଗ୍ର ଦେଶରେ ଲକ୍‌ଡାଉନ ଥିବାରୁ ବିଭିନ୍ନ ଦେଶ ଓ ରାଜ୍ୟରୁ ପ୍ରବାସୀମାନଙ୍କ ଗୃହ ଆଗମନ ହୋଇଥିଲା। ପ୍ରବାସୀମାନଙ୍କ ଆଗମନରେ ସଂକ୍ରମଣ ବଢିବାକୁ ଲକ୍ଷ୍ୟ କରି ପ୍ରଶାସନିକ ତତ୍ପରତା ବଢ଼ିବା ସହ ସରକାରଙ୍କ ନିଷ୍ପତ୍ତି କ୍ରମେ ଜିଲାର ପ୍ରତ୍ୟେକ ପଞ୍ଚାୟତ ଓ ପୌରାଞ୍ଚଳରେ ଏକାଧିକ ଟିଏମ୍‌ସି ଖୋଲାଯାଇଥିଲା। ଲକ୍ଷାଧିକ ଟଙ୍କା ବ୍ୟୟରେ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରକୁ ପ୍ରସ୍ତୁତ କରିବା ପାଇଁ ରଙ୍ଗ ଦେବାଠାରୁ ଆରମ୍ଭ କରି ଖଟିଆ, ଗଦି, ବେଡ୍‌ସିଟ୍, ତକିଆ, ବାଲଟି, ମଗ, ଆକ୍ୱାଗାର୍ଡ, ସାନିଟାଇଜର ପ୍ରଭୃତି ସବୁକିଛି ଆକ୍ରାନ୍ତମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର ଠୁଳ କରାଗଲା। ପ୍ରବାସୀ ଓ ଆକ୍ରାନ୍ତଙ୍କ ରହିବା, ଖାଇବାର ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ମାତ୍ର କରୋନା ଟ୍ରେଣ୍ଡ ଖସିବା ପରେ ଏବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ କିଣା ଯାଇଥିବା ସମସ୍ତ ଆସବାବପତ୍ର ଅଲୋଡ଼ା ହୋଇପଡ଼ିଛି।

ମିଳିଥିବା ତଥ୍ୟ ମୁତାବକ, କରୋନା ସମୟରେ ଜିଲାର ଅନ୍ୟ ବ୍ଲକ ତୁଳନାରେ ପଟ୍ଟାମୁଣ୍ଡାଇ ବ୍ଲକକୁ ସର୍ବାଧିକ ୮,୪୭୯ ଜଣ ପ୍ରବାସୀ ଆସି ରହିଥିଲେ। ବ୍ଲକରେ ପ୍ରବାସୀମାନଙ୍କୁ ଦୃଷ୍ଟିରେ ରଖି ୧୬୬ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଥିଲା। ସେଥିପାଇଁ ୬,୪୭୨ଟି ଖଟିଆ କିଣା ଯାଇଥିଲା। ଏସବୁ ଟିଏମ୍‌ସି ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ହୋଇଥିଲେ। ମାତ୍ର କରୋନା କଟକଣା ଖସିବା ପରେ ସମସ୍ତ ସାମଗ୍ରୀ ଯେମିତି ଅଦରକାରୀ ହୋଇପଡ଼ିଛି। ପୁଣି ଥରେ କେରଳରେ କରୋନା ବ୍ୟାପିବା ଓ କେରଳରୁ ଫେରୁଥିବା ପ୍ରବାସୀମାନଙ୍କୁ ପ୍ରଶାସନ କିପରି ମୁକାବିଲା କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟିଏମ୍‌ସିଗୁଡିକୁ ପୁନର୍ବାର ପ୍ରସ୍ତୁତ କରା ନ ଗଲେ ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଏବେଠୁ ଚର୍ଚ୍ଚା ହେଲାଣି। ତେଣୁ ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଉ ବୋଲି ସାଧାରଣରେ ଦାବି ହୋଇଛି। ଏ ବାବଦରେ ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି କୁହିଛନ୍ତି, ଯେଉଁମାନେ କେରଳରୁ ବସ୍ ଯୋଗେ ଆସୁଛନ୍ତି ସେମାନଙ୍କର ମାଣ୍ଡାଟୋରି ଟେଷ୍ଟ କରାଯାଉ ବୋଲି ବୁଧବାର ଜିଲା ମେଡିକାଲ ଅଫିସର,ଓ ଜିଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଛି ।

# ପ୍ଲାଷ୍ଟିକ୍, ପଲିଥିନ ମୁକ୍ତ ହେବ ରାମନଗର



ରାମନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ଲାଷ୍ଟିକ, ପଲିଥିନ ମୁକ୍ତ ପାଇଁ ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନ ସଚେତନତା।

ମହାକାଳପଡା, ୨୦।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରାମଚଣ୍ଡୀ ବିଜୟାନନ୍ଦ ସରକାରୀ ଉଚ୍ଚମାଧ୍ୟମିକବିଦ୍ୟାଳୟଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରାମନଗର ଅଞ୍ଚଳକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ବିଦ୍ୟାଳୟର ଶିକ୍ଷକ ଦୀପକ କୁମାର ଦେବନଥ ଓ ଦୁର୍ଲଭ ମାଝିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିଦ୍ୟାଳୟରୁ ଶୋଭାଯାତ୍ରା ବାହାରି ରାମନଗର ବଜାର ଦୁର୍ଗା ମଣ୍ଡପ ସମ୍ମୁଖରେ ରାମନଗର ବଜାର ସମେତ ସ୍ଥାନୀୟ ଲୋକମାନଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବାକୁ ପଥପ୍ରାନ୍ତ ନୃତ୍ୟ ସଙ୍ଗୀତ ଓ ନାଟକ ମାଧ୍ୟମରେ ଜନସଚେତନତା

- ଅଭିଯାନରେ ସାମିଲ ହେଲେ ବିଦ୍ୟାଳୟ ଛାତ୍ରୀଛାତ୍ର
- ରାମନଗର ବଜାରରେ ପଥପ୍ରାନ୍ତ ନାଟକ

କରିଥିଲେ। ପ୍ଲାଷ୍ଟିକ, ପଲିଥିନରେ ସିଧାସଳଖ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ ହୋଇଥିବାରୁ ଗାଁ ଗଣ୍ଡାର ସାଧରଣ ଲୋକ ଏହାର ଦୁର୍ଗୁଣ ସମ୍ପର୍କରେ ଅବଗତ ହୋଇ ପାରୁନାହାନ୍ତି। ଫଳରେ ପ୍ଲାଷ୍ଟିକ, ପଲିଥିନ ଖାଦ୍ୟ ଦ୍ରବ୍ୟ ଆଣିବାରେ ବ୍ୟବହାର ହୋଇଥିବାରୁ ଏହା ମାନବ ଶରୀର ପାଇଁ କ୍ଷତିକାରକ ବୋଲି ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ବୁଝାଇ ଥିଲେ। ଏହାର କାରଣ ଓ ନିରାକରଣ ପାଇଁ ପଲିଥିନ ବଦଳରେ ପେପର ଓ କପଡ଼ା ବ୍ୟାଗ ବ୍ୟବହାର କରିବାକୁ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଇଥିଲେ। ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପଲିଥିନ ଓ ପ୍ଲାଷ୍ଟିକ କମ୍ପାନୀମାନଙ୍କୁ ପ୍ରସ୍ତୁତ ବାରଣ କରିବା ଓ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ବୁଝାଇଥିଲେ। ଏହି ପଥପ୍ରାନ୍ତ ନାଟକରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ମଧ୍ୟରେ ରାକେଶ ଦାସ, ମଧୁସ୍ମିତା ସ୍ୱାଇଁ, ସଙ୍ଗୀତା ପ୍ରିୟଦର୍ଶିନୀ ଚଇନି, ଗୀତାଞ୍ଜଳି ସ୍ୱାଇଁ, ରିନା ସ୍ୱାଇଁ, ପ୍ରିୟଦର୍ଶିନୀ ଦାସଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଅଭିଯାନରେ ସାମିଲ ହୋଇଥିଲେ। ଏହି ଜନ ସଚେତନତାକୁ ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ବ୍ୟବସାୟୀମାନେ ସ୍ୱାଗତ କରିଥିଲେ।

# ପିପିଏର ଦ୍ରୁତ ଅଭିବୃଦ୍ଧି ଜାରି

ପାରାଦୀପ,୨୦।୧୨(ଶରତ ରାଉତ)

**ଧାର୍ଯ୍ୟ ସମୟ ପୂର୍ବରୁ ରେକର୍ଡ ୧୦୦ ନିୟୁତ ମେଟ୍ରିକ ଟନ୍ ପଣ୍ୟ କାରବାର**

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଚଳିତ ଆର୍ଥିକ ବର୍ଷର ମାତ୍ର ୨୬୨ ଦିନ ମଧ୍ୟରେ ରେକର୍ଡ ୧୦୦ ଏମ୍‌ଏମ୍‌ଟିପିଏ (ମିଲିୟନ ମେଟ୍ରିକ ଟନ୍ ପର ଆନମ୍) ପଣ୍ୟ କାରବାର କରିଛି। ଯାହା ସର୍ବଭାରତୀୟ ବୃହତ ବନ୍ଦର ମଧ୍ୟରେ ସର୍ବାଧିକ ବୋଲି ବୁଧବାର ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ସୂଚନା ଦେଇଛନ୍ତି। ଏପରି ସଫଳତା ଲଗାତାର ୭ ବର୍ଷ ହେଲା ବଳବତ୍ତର ରହିଛି। ଏବେ ଯେପରି ପଣ୍ୟ କାରବାର ଅଭିବୃଦ୍ଧି ହୋଇଛି, ତାହା ଜାରି ରହିଲେ ଆର୍ଥିକ ବର୍ଷ ଶେଷ (୨୦୨୪ ମାର୍ଚ୍ଚ ୩୧) ସୁଦ୍ଧା ୧୪୫ ଏମ୍‌ଏମ୍‌ଟିପିଏ ହେବ ବୋଲି ଆଶା ରହିଛି। ଏପରି ୧୦୦ ଏମ୍‌ଏମ୍‌ଟିପିଏ ପାଇଁ ଗତବର୍ଷ ୨୮୪ ଦିନ (ଜାନୁୟାରୀ ୯) ଲାଗିଥିବା ବେଳେ ଚଳିତବର୍ଷ ୨୬୨ ଦିନ (ଡିସେମ୍ବର ୧୮) ଲାଗିଛି। ଯାହା ପୂର୍ବବର୍ଷ ତୁଳନାରେ ୯.୬୪% ଅଭିବୃଦ୍ଧି ହୋଇଛି ବୋଲି ହାରାନ୍ଧ କହିଥିଲେ। ଅନ୍ୟ ସୂଚନା ମଧ୍ୟରେ ଚଳିତବର୍ଷ ପାରାଦୀପ ବନ୍ଦର ବୋଇତ ବନ୍ଦାଣ ଉତ୍ସବ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବା ବନ୍ଦର ଇତିହାସରେ ପ୍ରଥମ ବୋଲି କହିଥିଲେ। ଏବେ ସାଗରମାଳା ଯୋଜନା ଅଧୀନରେ ବନ୍ଦର ବିକାଶ କାର୍ଯ୍ୟ ପାଇଁ ପ୍ରାୟ ୯ ହଜାର କୋଟି ଟଙ୍କା ନିବାଶ ହୋଇଛି। ୱେଷ୍ଟର୍ଣ୍ଣ ଡକ୍ ବିକାଶ ପାଇଁ ଭୂମି ପୂଜନ ସରିଛି। ଏହି ପ୍ରକଳ୍ପ ୩ବର୍ଷ ମଧ୍ୟରେ ଶେଷ ହେବ ବୋଲି ଲକ୍ଷ୍ୟ ରହିଛି। ଉକ୍ତ ବର୍ଥ କାର୍ଯ୍ୟକାରୀ ହେଲେ ସେଥିରେ ବୃହତ ପାନାମାକ୍ସ ଜାହାଜ ଲାଗି ପାରିବ। ବଲକ କାର୍ଗୋ ପାଇଁ ପାରାଦୀପ ସର୍ବୋତ୍ତମ ସେବା ଯୋଗାଇ ଦେଉଛି। ଜାହାଜ ବର୍ଥ କ୍ଷମତା ସମୟ ତ୍ୱରାନ୍ୱିତ କରାଯାଇଛି। ଯାହାଦ୍ୱାରା ଆମଦାନୀ ରପ୍ତାନୀକାରୀ ସଂସ୍ଥା ପାଇଁ ଉପାଦେୟ ହେଉଛି। ଆସନ୍ତା ଜାନୁୟାରୀ ୧୦ରେ ଭୁବନେଶ୍ୱରଠାରେ ସାଗରମାଳା ଯୋଜନା ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସେମିନାର ହେବ। ସେଠାରେ ଆହୁରି ବିକାଶ ପାଇଁ ବ୍ୟବସ୍ଥା କରାଯିବାର ସମ୍ଭାବନା ଅଛି। ପାରାଦୀପ ବନ୍ଦର ସଫଳତା ପାଇଁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କଠାରୁ ବନ୍ଦର କର୍ମଚାରୀ ଶ୍ରମିକ ବ୍ୟବହାରକାରୀ ସଂସ୍ଥାଗୁଡିକୁ ଧନ୍ୟବାଦ ଜଣାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।



# ଅଶ୍ଳୀଳ ଆଚରଣ କରି ଯୁବକ ଗିରଫ

ଏରସମା,୨୦।୧୨
( ଦୀପ୍ତି ରଞ୍ଜନ ଖଣ୍ଡୁଆଳ )

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠୀ ପଞ୍ଚାୟତସ୍ଥିତ ଖୁରାଣ୍ଟ ଗ୍ରାମର ଜଣେ ଯୁବକ ସ୍ଥାନୀୟ ଜଣେ ବିବାହିତ ମହିଳାଙ୍କୁ ଅଶ୍ଳୀଳ ଆଚରଣ କରି ମଙ୍ଗଳବାର ରାତି ୮ ଟାରେ ଗିରଫ ହୋଇଛନ୍ତି। ସେ ହେଲେ ଖୁରାଣ୍ଟ ଗ୍ରାମର ସର୍ବେଶ୍ୱର ମାଝି (୩୫)। ସ୍ଥାନୀୟ ଜଣେ ବିବାହିତ ମହିଳାଙ୍କ ଘରକୁ ସର୍ବେଶ୍ୱର ଯାଇଥିଲେ। ସେତେବେଳେ ତାଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିଲେ। ମହିଳାଙ୍କ ସହିତ କଥା ହେବା ସମୟରେ ସେ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ। ଏଥିରେ ମହିଳା ରାଗି ଯାଇ ପାଟି କରିଥିଲେ। ପଡୋଶୀ ଆସିଯିବାରୁ ସର୍ବେଶ୍ୱର ଫେରାର ହୋଇଯାଇଥିଲେ। ବୁଧବାର ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ନଂ. ୫୩୫/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ସର୍ବେଶ୍ୱରଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।

# ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଅ: ହାଇକୋର୍ଟ

ଯାଜପୁର,୨୦।୧୨(ହର୍ଷବର୍ଦ୍ଧନ ବେହେରା):

**ଡଙ୍କାରୀ ପାହାଡ଼ରେ କଳାପଥର ଲୁଟ୍ ମାମଲା**

- ୩ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ଅଭିଯୋଗ
- ପ୍ରଶାସନର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଗଚ୍ଛିତ ଥିବା ବହୁ ମୂଲ୍ୟବାନ ଲଘୁ ଖଣିଜ ଦ୍ରବ୍ୟ କଳାପଥର ଲୁଟ୍ କାରବାର ଦିନକୁ ଦିନ ବଢିବାରେ ଲାଗିଛି। ଏପରି କି ଆଇନଗତ ଭାବେ ଲିଜ୍ ନେଇ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଜମା କରିଥିବା ବ୍ୟବସାୟୀଙ୍କୁ କଳାପଥର ଉତ୍ତୋଳନ କରିବାକୁ ସୁଯୋଗ ମିଳୁନାହିଁ। ଏନେଇ ସମ୍ପୃକ୍ତ ବ୍ୟବସାୟୀ ଜଣକ ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ କୌଣସି ସୁଫଳ ନ ମିଳିବାରୁ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଏନେଇ ଡବ୍ଲ୍ୟୁ.ପି.(ସି) ନମ୍ବର ୪୦୦୫୩/୨୦୨୩ରେ ଏକ ମାମଲା ରୁଜୁ କରାଯାଇ ଆଇନ ଅନୁଯାୟୀ ୮ ସପ୍ତାହ ମଧ୍ୟରେ ବେଆଇନ ଖନନକାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ହୋଇଛି। ତେବେ ଅଭିଯୋଗ ଅନୁସାରେ ଉକ୍ତ ବେଆଇନ ଖନନକାରୀ ତାଲିକାରେ ବହୁପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଥିବାରୁ ଜିଲା ପ୍ରଶାସନ କିଭଳି ପଦକ୍ଷେପ ନେଉଛି ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ଓ ଲୁଣିବର ପାହାଡ଼ର ୩ଟି ଖାଦାନକୁ ସରକାରୀ ଆଇନ ଅନୁସାରେ ଭୁବନେଶ୍ୱରସ୍ଥିତ ଠିକାସଂସ୍ଥା ଲକ୍ଷ୍ମୀ ଏକ୍ସପୋର୍ଟକୁ ଲିଜ୍ ମିଳିଛି। ଏହି ଠିକାସଂସ୍ଥା ପକ୍ଷରୁ ଅଗ୍ନିବେଶ ସ୍ୱାଇଁ ହାଇକୋର୍ଟରେ କରିଥିବା ଅଭିଯୋଗ ଅନୁଯାୟୀ, ଧର୍ମଶାଳା ତହସିଲ ଅଞ୍ଚଳରେ ୬୦ରୁ ଉର୍ଦ୍ଧ୍ୱ କଳାପଥର ଖାଦାନଗୁଡିକୁ ଲିଜ୍ ନ ଦେଇ ପକାଇ ରଖାଯାଇଛି। ଫଳରେ କେତେକ ଲିଜ୍‌ଧାରୀ ନିଜ ଅଞ୍ଚଳରୁ କଳାପଥର ଉତ୍ତୋଳନ ନ କରି ଅଣଲିଜ୍ ଅଞ୍ଚଳରୁ ଚୋରି କରୁଛନ୍ତି। ଡଙ୍କାରୀ ପାହାଡ଼ର ୧୭ ନମ୍ବର, ୧/୪ ନମ୍ବର ଓ ୩/୯ ନମ୍ବର ଲିଜ୍‌ଧାରୀମାନେ ତଥା ପି.ଜେ. ମିନେରାଲ୍ସ କମ୍ପାନୀର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଜେନା ଓ ଜ୍ୟୋତ୍ସ୍ନାରାଣୀ ଜେନା ଏବଂ ନିରଞ୍ଜନ ରାଉତ ଏଭଳି ଲୁଟ କାରବାରରେ ସମ୍ପୃକ୍ତ ଅଛନ୍ତି। ଏପରିକି ଡଙ୍କାରୀ ପାହାଡ଼ର ୧୮ ନମ୍ବର ଖାଦାନକୁ ଲକ୍ଷ୍ମୀ ଏକ୍ସପୋର୍ଟ ସହ ଚୁକ୍ତି ହୋଇଥିଲେ ହେଁ ତାକୁ କଳାପଥର ଉତ୍ତୋଳନ କରିବାକୁ ଦିଆଯାଉ ନାହିଁ। ସେଠାରୁ ଜୋରଜବରଦସ୍ତ ଉପରୋକ୍ତ ଲିଜ୍‌ଧାରୀମାନେ କଳାପଥର ଚୋରି କରୁଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଜରିମାନା ଭୟରେ ନିଜ ଲିଜ୍ ଅଞ୍ଚଳରୁ କଳାପଥର ଉତ୍ତୋଳନ ନ କରି ଲକ୍ଷ୍ମୀ ଏକ୍ସପୋର୍ଟ ପାଇଥିବା କଳାପଥର ଖାଦାନରୁ ବ୍ୟାପକ ଭାବେ ଚୋରି କରୁଛନ୍ତି। ତେଣୁ ଏହା ଉପରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲକ୍ଷ୍ମୀ ଏକ୍ସପୋର୍ଟ ପକ୍ଷରୁ ଦାବି ହୋଇଛି। ତେବେ ଉକ୍ତ ମାମଲା ଉପରେ ହାଇକୋର୍ଟ ହୃଦୟଙ୍ଗମ କରି ତଦନ୍ତ ନିର୍ଦ୍ଦେଶ ଦେବା ପରେ ଲୁଟ୍ କାରବାରରେ ସମ୍ପୃକ୍ତ ଥିବା ଲିଜ୍‌ଧାରୀମାନଙ୍କ ମଧ୍ୟରେ ଛନକା ପଶିଥିବା ଚର୍ଚ୍ଚା ହେଉଛି। ଏହାବାଦ୍ ରାହାଡ଼ପୁର, ଲୁଣିବର, ବାରମାଣ, ବରଡା, ବାଜବାଟି, ଆରୁହା ଓ ବିଛାଖଣ୍ଡି ପାହାଡରୁ ଅନେକ କୋଟି ଟଙ୍କାର କଳାପଥର ଚୋରି ହେଉଛି। ଏହିକ୍ରମରେ ଆଖପାଖ ଷ୍ଟୋନ କ୍ରଶରଗୁଡ଼ିକରେ ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ପୋଲିସ ଷ୍ଟେଶନରେ ଏକାଧିକ ଅଭିଯୋଗ କରାଯାଇଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ତେଣୁ ରାଜ୍ୟ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଭାଗ ତତ୍ପର ହୋଇଛି । ତଦନୁସାରେ ଧର୍ମଶାଳା ତହସିଲ ଅଞ୍ଚଳରେ କ୍ରଶର ଏବଂ କଳାପଥର ଖାଦାନଗୁଡ଼ିକରେ ଚଢାଉ ଆରମ୍ଭ ହୋଇଛି। ନୂତନ ଷ୍ଟ୍ରାଟେଜି ଅବଲମ୍ବନ କରାଯାଇ ବେଆଇନ ଉତ୍ତୋଳନ ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ କରାଯିବ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଈଶ୍ୱର



@ ରାକେଶ



@ ରବି



@ ସୋମନାଥ



@ ଶୁଭଶ୍ରୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତହସିଲ ପକ୍ଷରୁ ଚଢ଼ାଉ, ୬ କ୍ରଶର ସିଲ୍

ଧର୍ମଶାଳା,୨୦।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ପକ୍ଷରୁ ବୁଧବାର ବିଛାଖଣ୍ଡି ଓ ଚକ୍ରଧରପୁର ମୌଜାରେ ଥିବା ୬ କ୍ରଶର ଉପରେ ଚଢ଼ାଉ କରାଯାଇ ସିଲ କରାଯାଇଛି। ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ଉବେଶ ମାଝି, ବଳରାମପୁର ଆର୍‌ଆଇ ଚନ୍ଦନ ସାହୁ, ଡଙ୍କାରୀ ଆରଆଇ ମାନସ ବେଜ, ରେଖିରଦେଇପୁର ଆରଆଇ ସୁଶାନ୍ତ ସ୍ୱାଇଁ, ନାକପୋଲ ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ଜେନାପୁର ପୋଲିସ ସହାୟତାରେ ବିଛାଖଣ୍ଡି ମୌଜାରେ ଥିବା ଅଜୟ ଅଗ୍ରୱାଲା ଷ୍ଟୋନ କ୍ରଶର, ଅନୁଆ ବୁଡା, ମା' ଚଣ୍ଡି, ମା' ସମଲେଶ୍ୱରୀ, ସତ୍ୟସାଇ କନ୍‌ଷ୍ଟ୍ରକଶନ ଓ ଚକ୍ରଧରପୁର ମୌଜାର ଇନ୍ଦୁମତି ଷ୍ଟୋନ କ୍ରଶରରେ ଚଢ଼ାଉ କରିଥିଲେ। କ୍ରଶର ପରିସରରେ ପଡ଼ିଥିବା ଶହଶହ ଟ୍ରିପ କଳାପଥରର କାଗଜପତ୍ର ଦେଖାଇ ନ ପାରିବାରୁ ତତକ୍ଷଣାତ ନୋଟିସ କରାଯିବା ସହ ସିଲ କରାଯାଇଥିଲା। ଏହି ତହସିଲ ଅଧୀନରେ ଥିବା ୯୯ କଳାପଥର ଖାଦାନ ମଧ୍ୟରୁ ୪୨ଟି ନିଲାମ ହୋଇଥିବାବେଳେ ୩୨ ସଇରାତ ହାଇକୋର୍ଟରେ ବିଚାରାଧୀନ ରହିଛି। ଅବଶିଷ୍ଟ ନିଲାମ ହୋଇନାହିଁ। ତେବେ ମାମଲା ଥିବା ଓ ନିଲାମ ହୋଇ ନ ଥିବା ସଇରାତଗୁଡ଼ିକରୁ ବେଆଇନ ଭାବେ ପଥର ମାଫିଆମାନେ କ୍ରଶରକୁ କଳାପଥର ଯୋଗାଇ ଆସୁଥିବା ଅଭିଯୋଗ ହୋଇ ଆସୁଥିଲା।

# ମଣ୍ଡି ନାଁରେ ବର୍ଷକୁ ସାଢ଼େ ୪ କୋଟି ଆତ୍ମସାତ୍

- କଟ୍‌ନି ଛଟ୍‌ନିରେ କୁଇଣ୍ଟାଲ ପିଛା ୮ରୁ ୧୦ କେଜି ଲୁଟ୍
- ସାର ଯୋଗାଣ ନାଁରେ ଅନିୟମିତତା
- ତଦନ୍ତ ପାଇଁ ଭିଜିଲାନ୍ସ ଡିଏସ୍‌ପିଙ୍କୁ ସ୍ମାରକପତ୍ର

**ନୟାଗଡ଼,୨୦।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ଚାଷ ବୁଡିବାକୁ ବସିଥିବାବେଳେ ଚାଷୀ ଓ ଚାଷକୁ ବଞ୍ଚାଇବାକୁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନୟାଗଡ଼ ଭିଜିଲାନ୍ସ ଡିଏସ୍‌ପିଙ୍କୁ ଭେଟି ତଦନ୍ତ କରିବାକୁ ମଙ୍ଗଳବାର ନିବେଦନ କରାଯାଇଛି । ଧାନ ମଣ୍ଡି(ପାକ୍ସ)ରେ ଚାଷୀଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନାହିଁ। ବସିବାକୁ ଚେୟାର ନାହିଁ, ଲାଇଟ୍, ପାଲ ଓ ଶୌଚାଳୟ ଓ ରାତ୍ରି ରହଣୀର ବ୍ୟବସ୍ଥା ନାହିଁ । ଏ ବାବଦରେ ବର୍ଷକୁ ସାଢ଼େ ୪ କୋଟି ଟଙ୍କା ଲୁଟ୍ କରାଯାଉଛି । ସେହିପରି କଟ୍‌ନୀଛଟ୍‌ନୀରେ ଜଣେ ଚାଷୀ କୁଇଣ୍ଟାଲ ପିଛା ୮ରୁ ୧୦ କେଜି ଧାନ ମିଲରଙ୍କୁ ଅଲିଖିତ ଭାବେ ଦେଇ ଚାଲିଛି। ୟୁରିଆ ସାର ଚାଷୀ ଠିକ୍‌ରେ ପାଉ ନ ଥିବାବେଳେ ଚାଷୀକୁ ୧ ବସ୍ତା ସାର ଦେଇ ତାଙ୍କ ନାମରେ ଥିବା ଆଧାର କାର୍ଡର ଅପବ୍ୟବହାର କରାଯାଉଛି । ଏପରି କି ଏକାଧିକ ସାର ବସ୍ତା ଯୋଗାଇବା ନାଁରେ ହରିଲୁଟ୍ ଚାଲିଛି । ଚାଷୀ ଓ ଚାଷ ନାଁରେ ହେଉଥିବା ଦୁର୍ନୀତିକୁ ବନ୍ଦ କରିବା ପାଇଁ ଏହି କୃଷକ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଛି ।

ଅଭିଯୋଗ ଅନୁଯାୟୀ, ଧାନ ଅମଳ ସମୟ ଚାଲିଛି । ତେବେ ଡିସେମ୍ବର ଅଧା ପରେ ବି ଧାନ ମଣ୍ଡି ଖୋଲିବାରେ ଜାଣି ଶୁଣି ବିଳମ୍ବ କରାଯାଉଛି। ମଣ୍ଡି ବିଳମ୍ବରେ ଖୋଲିବାରୁ କ୍ଷୁଦ୍ର ଓ ଅଭାବୀ ଚାଷୀଙ୍କ ଧାନ ବ୍ୟବସାୟୀ କିଣି ନେଉଛନ୍ତି। ଏ ବାବଦରେ ଅଭିଯୋଗ ପାଇବା ପରେ ବି ଯୋଗାଣ ବିଭାଗ ଓ ଜିଲା ପ୍ରଶାସନର ଚଢ଼ାଉ ନାହିଁ । ଏବେ ନୟାଗଡ଼ ଜିଲାର ମିଲରମାନେ ନିଜ ମିଲରେ ଧାନ ଗଚ୍ଛିତ କରି ରଖୁଥିଲେ ମଧ୍ୟ ଚଢ଼ାଉ ହେଉ ନାହିଁ। ଧାନ କିଣା ଆରମ୍ଭ ହେଲେ ମିଥ୍ୟ କାଗଜାତ ପ୍ରସ୍ତୁତ କରି ମିଲର ବର୍ତ୍ତମାନର ଗଚ୍ଛିତ ଧାନକୁ ଦେଖାଇ ଲାଭବାନ ହେବ । ଅସାଧୁ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ପ୍ରତିବର୍ଷ ଏପରି ଚାଲିଛି। ଧାନମଣ୍ଡିରେ ଚାଷୀଠାରୁ କୁଇଣ୍ଟାଲ ପିଛା ୮ରୁ ୧୦ କେଜି କଟ୍‌ନୀଛଟ୍‌ନୀ ଚାଲିଛି। ଚାଷୀ ବିରୋଧ, ଆନ୍ଦୋଳନ କଲେ ମିଲର ନାଲି ଆଖି ଦେଖାଉଛି । ଧାନର ମାନ ଭଲ ନାହିଁ କହି ଫେରାଇ ଦେବା ପରେ ଚାଷୀ ବାଧ୍ୟ ହୋଇ କ୍ଷତିରେ ଧାନ ବିକ୍ରି କରୁଛି। ୟୁରିଆ ସାର ୪୫ କେଜି ବସ୍ତାର ଦାମ ୨୬୬.୫୦ ପଇସା ରହିଛି । ତେବେ ଚାଷୀ ତାକୁ ସରକାରୀ ଦରରେ ନ ପାଇ ୪୫୦ ଟଙ୍କାରୁ ଅଧିକ ଦେଇ କିଣୁଛି । ତେବେ ଚାଷୀର ଆଧାର କାର୍ଡକୁ ଅପବ୍ୟବହାର କରି ଲୁଟ୍ ଚାଲିଛି । ଏନେଇ ନବନର୍ମାଣ କୃଷକ ସଙ୍ଗଠନର ଜିଲା ଉପସଭାପତି ରଣଜିତ୍ ଦଳବେହେରା କୁହନ୍ତି, ଚାଷୀ ଓ ଚାଷ ସଙ୍କଟରେ । ଚାଷୀର ସମସ୍ୟା କେହି ବୁଝୁ ନାହାନ୍ତି । ତେବେ ଚାଷୀ ନାଁରେ ଚାଷୀର ସହାୟତାକୁ ଆତ୍ମସାତ ଚାଲିଛି । ଏନେଇ ବିଭିନ୍ନ ସମୟରେ ଅଭିଯୋଗ କଲେ ସୁଫଳ ମିଳୁନି । ଏଣୁ ଭିଜିଲାନ୍ସ ଡିଏସ୍‌ପିଙ୍କୁ ଚାଷୀ ଠକାମିର ଶିକାର ହେଉଥିବା ପ୍ରସଙ୍ଗ ଉପରେ ତଥ୍ୟ ଦିଆଯାଇ ତଦନ୍ତ କରାଯିବାକୁ ଅନୁରୋଧ କରାଯାଇଛି।


ଭିଜିଲାନ୍ସ ଡିଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଲକ୍ଷ୍ମୀପୂଜା ପାଇଁ କଳସଯାତ୍ରା

**ଖଣ୍ଡପଡା,୨୦।୧୨(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ହରିସୁବୁଦ୍ଧି ପାଟଣା ଗ୍ରାମରେ ପ୍ରତିବର୍ଷ ପରିଚଳିତ ବର୍ଷେ ଗୁରୁବାର ଠାରୁ ୪ଦିନ ବ୍ୟାପୀ ପାରମ୍ପରିକ ଲକ୍ଷ୍ମୀପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏ ଅବସରରେ ସ୍ଥାନୀୟ ଅଞ୍ଚଳର ମହିଳା ପୁରୁଷ ଅବୁଧବାର ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରାରେ ନିକଟସ୍ଥ ମହାନଦୀ ଘାଟରୁ ଜଳ ଆଣି ଗ୍ରାମ ପରିକ୍ରମାରେ ପୂଜା ସ୍ଥାନରେ କଳସ ସ୍ଥାପନ କରିଥିଲେ। ଗୁରୁବାର ରାତ୍ରୀରେ ମା' ଙ୍କ ପୂଜା ପରେ ଏକ ନୃତ୍ୟ ପ୍ରତିଯୋଗୀତା ସ୍ଥାନୀୟ କଳାକାରଙ୍କୁ ନେଇ ଅନୁଷ୍ଠିତ ହେବ । ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଅନୁଷ୍ଠାନ ଅର୍ପଣ ଭଜନ କାର୍ଯ୍ୟକ୍ରମ ଓ ଶନିବାର ଏକ ରକ୍ତଦାନ ଶିବିର ସ୍ଥାନୀୟ ରାଧାନାଥ ଉପ୍ରା ବିଦ୍ୟାଳୟ ପରିସରରେ ଓ ରାତ୍ରୀରେ ସ୍ୱାମୀ ଆତ୍ମଧା ନନ୍ଦ ଗିରିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଏବଂ ରବିବାର ଦିନ ବାଲ୍ୟଲୀଳା ସହିତ ମା ଲକ୍ଷ୍ମୀଙ୍କ ଭସାଣୀ ଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ ।

# ଶରଣକୁଳ ମହାବିଦ୍ୟାଳୟର ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଶରଣକୁଳ,୨୦।୧୨(ଦୀପକ କର)**

ଶରଣକୁଳ ମହାବିଦ୍ୟାଳୟର 'ନୂଆ-ଓ' କାର୍ଯ୍ୟକ୍ରମ ଅଧୀନରେ ସଙ୍ଗୀତ, ନୃତ୍ୟ ଓ ନାଟକ ପ୍ରତିଯୋଗିତା ଆଦି ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗଦେଇ ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ରଥ ଓ ପ୍ରଶାସନିକ ଅଧିକାରୀ ଡ. ବ୍ୟାମକେଶ ରଥ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ +୨ ଓ +୩ ସ୍ତରର ବହୁ ସଂଖ୍ୟରେ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଯୋଗୀମାନେ ସଙ୍ଗୀତ ପରିବେଷଣ କରିବା ସହିତ ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ସରକାରଙ୍କ ଏହି କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଏକ ସୁଯୋଗ ବୋଲି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ପୀତବାସ ବିଶ୍ୱାଳ, ଦୁର୍ଗାଚରଣ ନାୟକ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ରୋଜାଲିନ ରଥ, ସ୍ମିତାରାଣୀ ଦାଶ, ଶୁଭଶ୍ରୀ ସାହୁ, ଡ଼ ମନୋଦିନୀ ଦଳବେହେରା, ଅନ୍ତର୍ଯ୍ୟାମୀ ପରିଡା ତଥା ନୋଡାଲ ଅଧିକାରୀ ବିଭୁତି ଭୁଷଣ ବେହେରା ଆଦି ପରିଚାଳନା କରିଥିଲେ।

# ରକ୍ତଦାନ ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ




**ନୟାଗଡ଼,୨୦।୧୨(ଲୋକନାଥ ମିଶ୍ର)**

ରାଜ୍ୟ ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଧାରରେ ନୟାଗଡ଼ ବ୍ଲକ ଇଟାମାଟି ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇତଛି । ଉକ୍ତ ଶିବିରରେ କେନ୍ଦ୍ର ସମବାୟ ବ୍ୟାଙ୍କ ନୟାଗଡ଼ର ଡାଇରେକ୍ଟର ତଥା ଜିଲା ବିଜୁ ଯୁବ ଜନତା ଦଳର ସଭାପତି ଦୁର୍ଯ୍ୟୋଧନ ବେହେରା ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ଅଧ୍ୟକ୍ଷ ହରପ୍ରସାଦ ରଣସିଂହଙ୍କ ତତ୍ତ୍ୱାବଧାନରେ ନୋଡାଲ ଅଫିସର ଅଧ୍ୟାପକ ଚିତ୍ତରଞ୍ଜନ ରାଉତ, ଶାନ୍ତନୁ କୁମାର ପ୍ରଧାନ, ଭଗବାନ ଦାଶ, ରମେଶ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ପ୍ରଧାନ, ରମେଶ ଚନ୍ଦ୍ର ସାଥୁଆ, ଦୀପକ କୁମାର ଲେଙ୍କା, ସନ୍ତୋଷ କୁମାର ସାଥୁଆ ଓ ଅଧ୍ୟାପିକା ରୀନାବାଳା ସାହୁ, ନମିତା ଦଳେଇ ପ୍ରମୁଖ କର୍ମଚାରୀଙ୍କ ସହଯୋଗରେ ୨୫ ୟୁନିଟ ରକ୍ତ ଛାତ୍ରୀଛାତ୍ର ଦାନ କରିଥିଲେ। ନୟାଗଡ଼ ରକ୍ତ ଭଣ୍ଡାରର ଡାକ୍ତର ଅମ୍ରିତ ଶତପଥୀଙ୍କ ସହଯୋଗରେ ଉକ୍ତ ରକ୍ତଦାନ ଶିବିର ସଫଳ ହୋଇଥିଲା ।

# ସଙ୍ଗୀତଧାରା ପକ୍ଷରୁ ଭକ୍ତି ସଙ୍ଗୀତ ପ୍ରତିଯୋଗିତା

**ଖଣ୍ଡପଡ଼ା,୨୦।୧୨(ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲାର ସଙ୍ଗୀତାନୁଷ୍ଠାନ 'ସଙ୍ଗୀତଧାରା' ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଜୋନ ସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଖଣ୍ଡପଡ଼ା ସାମନ୍ତଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଓ ଭାପୁର ବ୍ଲକର ପ୍ରତିଯୋଗୀମାନଙ୍କୁ ନେଇ ଅନୁଷ୍ଠିତ ଜୋନ୍‌ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଅବସରପ୍ରାପ୍ତ ଶିକ୍ଷକ ଲଡୁକିଶୋର ସିଂହ ସାମନ୍ତ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଡ. ବିଜୟ ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସଙ୍ଗୀତଧାରାର ମୁଖ୍ୟ ପୃଷ୍ଠପୋଷକ ପ୍ରମୋଦ ପଟ୍ଟନାୟକ ଅନୁଷ୍ଠାନର ଆଭିମୁଖ୍ୟ ଏବଂ ପ୍ରତିଯୋଗିତାର ନିୟମାବଳୀ ତଥା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ସାମନ୍ତଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ ଯୋଗଦାନ କରିଥିବା ବେଳେ ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ୧୪ରୁ ୨୪ ବର୍ଷ ବୟସ୍କ ୨୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣ ପ୍ରତିଯୋଗୀ ଦ୍ୱିତୀୟ ପର୍ଯ୍ୟାୟ ତଥା ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ପ୍ରତିଯୋଗୀତାରେ ବିଚାରକ ଭାବେ ଗୀତିକାର ଜଗଦୀଶ ରଥ, ସଙ୍ଗୀତ ନିର୍ଦ୍ଦେଶିକା ଜୟଶ୍ରୀ ଦେବୀ ଓ ସଙ୍ଗୀତ ନିର୍ଦ୍ଦେଶକ କଣ୍ଠଶିଳ୍ପୀ ଶ୍ରୀଦାଶ ଯୋଗଦାନ କରି ଶ୍ରେଷ୍ଠ ୧୦ ଜଣ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ସଙ୍ଗୀତଧାରା ପକ୍ଷରୁ ଲକ୍ଷ୍ମୀଧର ସାହୁ, ଅଶୋକ ମଲ୍ଲ, ଭବାନୀ ଶଙ୍କର ସିଂହସାମନ୍ତ, ଦୀନବନ୍ଧୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାନୁୟାରୀ ୭ରେ ଦଶପଲ୍ଲାଠାରେ ଦଶପଲ୍ଲା, ଗଣିଆ ଏବଂ ନୂଆଗାଁ ବ୍ଲକର ପ୍ରତିଯୋଗୀମାନଙ୍କୁ ନେଇ ଜୋନ୍‌ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରାକେଶ


@ ଈଶ୍ୱର


@ ରବି


@ ସୋମନାଥ


@ ଶୁଭଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଅପହରଣ, ୩ ଗିରଫ

**ଶରଣକୁଳ,୨୦।୧୨(ଦୀପକ କର)**

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦରୁ ନୟାଗଡ ନିକଟ ରଣପୁରକୁ ଆସୁଥିଲା ଦେଶୀ ମଦ ପାଉଚ ବୋଝେଇ ହୋଇଥିବା ପିକ୍‌ଅପ୍ ଭ୍ୟାନ । ସୋମବାର ବିଳମ୍ବିତ ରାତିରେ ସେହି ଭ୍ୟାନ୍‌ଟି ମଦ ନେଇ ରଣପର ଅଭିମୁଖେ ଯାଉଥିବା ବେଳେ ଶରଣକୁଳ ଥାନା ଅନ୍ତର୍ଗତ ଜଗନ୍ନାଥ ସଡ଼କ ଡିମିଶର କୁସୁମୀ ସେତୁ ନିକଟରେ ୩ ଯୁବକ ଉକ୍ତ ଭ୍ୟାନକୁ ଅଟକାଇବା ସହ ଅପହରଣ କରି ନେଇଥିଲେ। ଏହା ପରେ ଦେଶୀ ମଦ ପଠାଇଥିବା ମାଲିକଙ୍କୁ ଗାଡି ଛାଡିବା ପାଇଁ ୫ଲକ୍ଷ ଟଙ୍କା ଦାବି କରିଥିଲେ । ୨ଲକ୍ଷ ଟଙ୍କା ଦେବା ପାଇଁ ମାଲିକ ରାଜି ହେବା ପରେ ଶରଣକୁଳ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଶରଣକୁଳ ପୋଲିସ ଭ୍ୟାନଟିକୁ ଟ୍ୟାକ୍ କରି ପହଞ୍ଚିଥିଲା। ସେଠାରୁ ୩ ଜଣଙ୍କୁ ପୋଲିସ ଗିରଫ କରିଛି । ମଦ ବୋଝେଇ ଭ୍ୟାନକୁ ଜବତ କରାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ଶରଣକୁଳ ମହାବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ।

**ଶରଣକୁଳ,୨୦।୧୨(ଦୀପକ କର)**

ଶରଣକୁଳ ମହାବିଦ୍ୟାଳୟରେ 'ନୂଆ-ଓ'କାର୍ଯ୍ୟକ୍ରମ ଅଧୀନରେ କ୍ରୀଡା ପ୍ରତିଯୋଗିତା ମହାବିଦ୍ୟାଳୟର ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର +୨ ଓ +୩ ସ୍ତରର ଛାତ୍ରୀଛାତ୍ର ମାନେ ୧୦୦, ୨୦୦ ଓ ୪୦୦ ମିଟର ଦୌଡ, ଡିସକସ ଥ୍ରୋ, ଜାଭଲିନ ଥ୍ରୋ, ଶଟପୁଟ ଥ୍ରୋ ଆଦି ବିଭାଗରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସଭାପତି ଯୋଗେଶ୍ୱର ନାୟକ, ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ରଥ ଉଦ୍‌ଘାଟନ କରିଥିଲେ। କ୍ରୀଡା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ସାମୁହିକ ବିକାଶ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ସରକାରଙ୍କର 'ନୂଆ-ଓ' କାର୍ଯ୍ୟକ୍ରମ ଯୁବ ଶିକ୍ଷାର୍ଥୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ବର୍ଣନା କରିଥିଲେ। ଏଥିରେ ମହାବିଦ୍ୟାଳୟର କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର, ନୋଡାଲ ଅଧିକାରୀ ବିଭୁତି ଭୂଷଣ ବେହେରା, ଆଧାପକ ନାରାୟଣ ପ୍ରଧାନ, ଅଜୟ ମହାରଣା ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ମନୋରଞ୍ଜନ ଦାଶ, ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ବଳଭଦ୍ର ବରା, ଜଗନ୍ନାଥ ପରିଡା ଓ ବୈକୁଣ୍ଠ ନାଥ ପାଳ ଆଦି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଓଡ଼ଗାଁ କଲେଜରେ ନୂଆ ଓ କ୍ରୀଡ଼ା ଉଦ୍‌ଘାଟିତ

**ଓଡ଼ଗାଁ, ୨୦।୧୨(ଆଦର୍ଶ କୁମାର ପଟ୍ଟନାୟକ)**

ନୂଆ ଓ ମାଧ୍ୟମରେ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ବୁଧବାର ଆରମ୍ଭ ହୋଇଛି।ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ରଘୁନାଥ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି କଲେଜରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ରିବନ କାଟି କ୍ରୀଡା ଉତ୍ସବର ଉଦଘାଟନ କରିଥିଲେ। ନୂଆ ଓ ସଂଯୋଜକ ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ସଭାରେ ବିଧାୟକଙ୍କ ସମେତ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ପରିଚାଳନା ପରିଷଦ ସଭାପତି ସୁରେଶ ଚନ୍ଦ୍ର ହୋତା ଓ ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚେସ,କ୍ୟାରମ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ବିଧାୟକ ସାହୁ ଛାତ୍ରଛାତ୍ରୀମାନେ ପ୍ରତ୍ୟହ ବ୍ୟାୟାମ କରିବା ସହ ଶାରୀରିକ କ୍ରୀଡାରେ ଅଂଶଗ୍ରହଣ କରି ଶରୀର ଫିଟ ରଖିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ରାଜକିଶୋର ସାହୁ ପୌରୋହିତ୍ୟ କରିଥିବାବେଳେ ନୂଆ ଓ କ୍ରୀଡା ସଂଯୋଜକ ଜିତେନ କୁମାର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଅଧ୍ୟାପକ ପବିତ୍ର କୁମାର ସାହୁ, ସନ୍ଦୀପ ନନ୍ଦ, ରତ୍ନଭୂଷଣ ପାଢ଼ୀ, ଶତାବ୍ଦୀ ପଟ୍ଟନାୟକ, ଗ୍ରନ୍ଥଗାର ଅର୍ଜୁନ ସାହୁ ସହଯୋଗ କରିଥିଲେ। ଡିସେମ୍ବର ୨୩ ତାରିଖ ପର୍ଯ୍ୟନ୍ତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।


କ୍ରୀଡ଼ା ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ ପାଇଁ ପ୍ରତିଯୋଗିତା

କାଏମା,୨୦।୧୨(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଧୀନ କାଏମା ଲାଲାହାଦୁର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ପର୍ବ ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବମ ଓ ଦଶମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ମଧ୍ୟରେ ଶ୍ରୁତଲିଖନ, ୩ୟରୁ ୫ମ ଶ୍ରେଣୀ ମଧ୍ୟରେ ବର୍ଷବୋଧ ଶବ୍ଦ ଗଠନ, ୧ମ ଓ ୨ୟ ମଧ୍ୟରେ ବର୍ଷବୋଧ ଶବ୍ଦ ଲେଖ ପ୍ରତିଯୋଗିତା କରାଯାଇଛି। ପ୍ରତିଯୋଗିତାକୁ ପୂର୍ବତନ ଶିକ୍ଷକ ହରିହର ପଣ୍ଡା, ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ଓ ବହୁ ପୂରାତନ ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ଆସନ୍ତା ୨୪ ତାରିଖ ରବିବାର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହେବ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

### ଚଣ୍ଡିଖୋଲ କୋର୍ଟ ପକ୍ଷରୁ ଆଇନ ସଚେତନତା ଶିବିର

ଚଣ୍ଡିଖୋଲ,୨୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ଚଣ୍ଡିଖୋଲ ନିକଟ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ ପରିସରରେ କର୍ମଜୀବୀ ମହିଳାମାନଙ୍କ ନିମନ୍ତେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତାଲୁକ କେନ୍ଦ୍ର ଅଧ୍ୟକ୍ଷ ତଥା ସବ୍‌ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କିପରି ମହିଳାମାନେ ସୁରକ୍ଷିତ ଭାବରେ ଚଳପ୍ରଚଳ କରିବେ ଓ ସେମାନଙ୍କ ନିମନ୍ତେ କେଉଁ ଆଇନ ରହିଛି ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଜେଏମ୍‌ଏଫ୍‌ସି ପରବିନ ମଣ୍ଡଳ, ଆଇନଜୀବୀ ଦେବରାଜ ବେହେରା, କିଶୋର ନାୟକ, ଦୀନବନ୍ଧୁ ନାୟକ, ମନୋଜ ଦାସ ଓ କାମିନୀ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଇଚ୍ଛାପୁର ଗ୍ରାମରେ କୁରାଳ ପଞ୍ଚମୀ ଉତ୍ସବ

ରସୁଲପୁର,୨୦।୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ କୁରାଳ ପଞ୍ଚମୀ ଉତ୍ସବ ଧୁମଧାମରେ ପାଳିତ ହେଉଛି। ଏହି ପର୍ବକୁ ୫ଦିନଧରି ପାଳନ କରାଯାଉଛି। ପ୍ରତ୍ୟେହ ପ୍ରାତଃହ ସମୟରେ ଷୋଡଶ ଉପଚାର ପୂଜା, ଇଷ୍ଟଦେବ ପୂଜା, ମଙ୍ଗଳାଆଳତୀ, ଅବକାଶପୂଜା, ସ୍ୱତନ୍ତ୍ର ବୀଜମନ୍ତ୍ର, ଗାୟତ୍ରୀମନ୍ତ୍ର ସହ ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶ୍ରୀଧର ରଣା କର୍ତ୍ତା ଭାବରେ ପୂଜା କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ପଣ୍ଡିତ ସୁରେନ୍ଦ୍ର ପଣ୍ଡା(କୁନା ନନା), ମାନସ ପତି ପ୍ରମୁଖ ଯଜ୍ଞକାର୍ଯ୍ୟକୁ ପରିଚାଳନା କରିଥିଲେ।

# ୧୧ ମାସ ପରେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

## ୨ ମାସରେ ଥରେ ବସୁନି ପଞ୍ଚାୟତ ସମିତି ବୈଠକ

ରସୁଲପୁର,୨୦।୧୨(ରଞ୍ଜିତ ରାଉତ): ବିଧି ମୁତାବକ ପ୍ରତ୍ୟେକ ୨ ମାସରେ ଥରେ ଅର୍ଥାତ୍ ବର୍ଷକୁ ୬ଥର ପଞ୍ଚାୟତ ସମିତି ବୈଠକ ବସିବ। ମାତ୍ର ଏ ଦିଗରେ ରସୁଲପୁର ବ୍ଲକରେ ବ୍ୟତୀକ୍ରମ ଘଟିଛି। ୨୦୨୩ ଜାନୁୟାରୀ ୧୬ରେ ପଞ୍ଚାୟତ ସମିତି ବୈଠକ ଆହ୍ୱାନ କରାଯାଇଥିଲା। ୧୧ମାସ ପରେ ବୁଧବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଛି। ତାହା ପୁଣି ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଆଳରେ। ବୈଠକ ନିୟମିତ ବସୁ ନ ଥିବାରୁ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ। ପ୍ରଶାସନିକ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ବଢ଼ିଯାଉଛି। ପଞ୍ଚାୟତରେ ଜନପ୍ରତିନିଧିଙ୍କ ଭୂମିକାକୁ ଗୌଣ୍ୟ କରିଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ଏହାକୁ ନେଇ ପ୍ରତିନିଧିମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଲୋକଙ୍କ ଯୋଜନା ଅଭିଯାନ-୨୦୨୩(ପିପିସି-୨୦୨୩) ପାଇଁ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି। ପ୍ରଥମ ଗ୍ରାମ ସଭାରେ ଯୋଜନାକୁ ନେଇ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ। ପ୍ରସ୍ତାବଗୁଡ଼ିକୁ ୧୬ ଜାନୁୟାରୀ ୨୦୨୪ ଗ୍ରାମ ସଭାରେ ଦୃଢ଼ୀକରଣ କରାଯିବ। ସେହି ମୁତାବକ ପଞ୍ଚାୟତ ସମିତି ପକ୍ଷରୁ ସ୍ୱତନ୍ତ୍ର ବୈଠକ ଜରିଆରେ ପିପିସି-୨୦୨୩ ଯୋଜନା ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଜରିଆରେ ଜନପ୍ରତିନିଧିଙ୍କୁ ସୂଚନା ଦିଆଯାଇଛି। ଏହାଛଡ଼ା ବୈଠକ ପାଇଁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ଖସଡ଼ାରେ ଆମ ଓଡ଼ିଶା, ନବୀନ ଓଡ଼ିଶା ପ୍ରକଳ୍ପ କାର୍ଯ୍ୟ ବ୍ଲକ ପକ୍ଷରୁ ତଦାରଖ କରାଯାଉଥିବାରୁ ଏଥିରେ ସରପଞ୍ଚମାନଙ୍କ ଭୂମିକାକୁ ଶୂନ୍ୟ କରିଦିଆଯାଇଛି। ଏହି ପ୍ରକଳ୍ପର କାର୍ଯ୍ୟକାରିତାରେ ପ୍ରଶାସନିକ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହୁଥିବାରୁ ଜନପ୍ରତିନିଧିଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉନାହିଁ। ଖସଡ଼ା ମୁତାବକ ଟାଟା ପାୱାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତଗୁଡ଼ିକରୁ ଟାଟା ପାୱାର ବିଲ୍ ଜରିଆରେ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ କରାଯାଇଥିଲା। ରାହାମ୍ବା ସରପଞ୍ଚ ବୈଠକରେ ଏହି ଅଭିଯୋଗ କରିଥିଲେ। ବିଭାଗ ପକ୍ଷରୁ ଅଧିକାରୀ ନ ଥିବାରୁ ଏ ଦିଗରେ ଆଲୋଚନା ହୋଇପାରି ନ ଥିଲା। ପଞ୍ଚାୟତରେ ପମ୍ପହାଉସ ପରିଚାଳନା ଓ ଗ୍ରାମ୍ୟ ରାସ୍ତା ପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇଟ୍‌ଗୁଡ଼ିକ ପାଇ ଲକ୍ଷାଧିକ ଟଙ୍କା ବିଲ୍ କରାଯାଉଛି। ଏହି ଅର୍ଥ ସରକାରୀ ତହବିଲରୁ ବିଭାଗ ଖାତାକୁଯାଉଛି। ଜନପ୍ରତିନିଧି ବିଲ୍‌ର ଠିକ୍ ଯାଞ୍ଚ ନ କରି ଅର୍ଥ ପୈଠ କରିଦେଉଛନ୍ତି, ଯାହାକୁ ନେଇ ନାନା ସମୟରେ ପଞ୍ଚାୟତ ଓ ବିଭାଗ ମଧ୍ୟରେ ବିବାଦ ଉପୁଜୁଛି। ଏ ଦିଗରେ ସ୍ୱଚ୍ଛତା ଆଣିବା ପାଇଁ ଦାବି କରାଯାଇଥିଲା। ବୈଠକରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତି ଦାଶ ପ୍ରମୁଖ ଯୋଗ ଦେଇ ନ ଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ବୈଠକରେ ପୌରୋହିତ୍ୟ କରିଥିବାବେଳେ ବିଡିଓ ଅବନିକାନ୍ତ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଜିପିଓ ସୁଧୀର ମହାନ୍ତି ପୂର୍ବ ବୈଠକର ବିବରଣୀପାଠ କରିଥିଲେ। ବୈଠକରେ ୬ ସରପଞ୍ଚ ଓ ୯ ସମିତିସଭ୍ୟା/ସଭ୍ୟ ଯୋଗଦେଇ ନ ଥିଲେ। ଅନେକ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଅଂଶଗ୍ରହଣ କରି ନ ଥିଲେ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତ ସମିତି ଅଂଶ ଭାବେ ୧୫ତମ କେନ୍ଦ୍ରୀୟ ଅନୁଦାନରୁ ୧.୪୪କୋଟି ଓ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରୁ ୧.୧୩କୋଟି ଟଙ୍କା ଅନୁଦାନ ଆସିଥିବା ନେଇ ସୂଚନା ଦିଆଯାଇଥିଲା। ଏହି ଅନୁଦାନ ବିନିଯୋଗର ମାଧ୍ୟମ ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲା। ଏବିଡିଓ ଦିବ୍ୟକାନ୍ତି ମିଶ୍ର ଧନ୍ୟବାଦ ଦେଇଥିଲେ। ବୈଠକ ନିୟମିତ ନ ହେବା ସମ୍ପର୍କରେ ବ୍ଲକ୍ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।



ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକରେ ବିଧାୟିକା, ବିଡିଓ ଓ ଅନ୍ୟମାନେ।

# ସଡ଼କ ସୁରକ୍ଷା ସଚେତନତା

ବ୍ରହ୍ମବରଦା,୨୦।୧୨(ଯଯାତି କେଶରୀ ବେହେରା) ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ତୃତୀୟ ଦିବସରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମବରଦାର ସାମାଜିକ କର୍ମୀ ବିପିନ ବିହାରୀ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ଅଧ୍ୟାପକ ଅମୂଲ୍ୟ ପତି, ଡ. ରଶ୍ମିରଞ୍ଜନ ଦାଶ, ସଞ୍ଜୟ ପ୍ରଧାନ, ଶିବପ୍ରସାଦ ସାହୁ, ସୌଭାଗ୍ୟ ସାହୁ ଓ ବିବେକାନନ୍ଦ ଜେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ବାବୁଲି ରଣାଙ୍କ ତତ୍ତ୍ୱାବଧନାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏକ ପଟୁଆରରେ ଗ୍ରାମ ପରିକ୍ରମା କରି ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକମାନଙ୍କୁ ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ପିନ୍ଧିବା ଏବଂ ନିଶାମୁକ୍ତି ହୋଇ ଗାଡ଼ି ଚଳାଇବାକକୁ ସଚେତନ କରାଇଥିଲେ। ବିନୟ ରାଉତ, କୁଞ୍ଜବିହାରୀ ମାହାନ୍ତି, ଧର୍ମେନ୍ଦ୍ର ମାହାନ୍ତି, ସୁନୀଲ ଓଝା ପ୍ରମୁଖ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଅନୁମତି ଥାଇ କ୍ଷୁଦ୍ର ଶିଳ୍ପକୁ ବିରୋଧ

କଳିଙ୍ଗନଗର,୨୦।୧୨(ଶୁଭାଶିଷ ରାଉତ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଳ୍ପ ପାଇଁ ଜମି ଓ ସମସ୍ତ ଅନୁମତି ପାଇଥିବା ମହେଶ ଇନଫ୍ରା ଶିଳ୍ପ ସଂସ୍ଥା ବିରୋଧର ସମ୍ମୁଖୀନ ହୋଇଛି। ୩ ବର୍ଷ ତଳୁ ରାଜ୍ୟ ସରକାରଙ୍କ ଗୋ ସୁଇଫ୍ଟ ବ୍ୟବସ୍ଥାରେ କାରଖାନା ସ୍ଥାପନା ପାଇଁ ଜମି ଓ ସମସ୍ତ ଅନୁମତି ମିଳିଛି। ବୁଧବାର କମ୍ପାନୀ ଜମିରେ ମେଶିନ ଲଗାଇ କାମ କରିବାକୁ ଆସିଥିବାବେଳେ ପୁନର୍ବାର ବିରୋଧ କରାଯାଇଛି। ଉକ୍ତଜମିରେ କାମ କରିବାକୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡୁନାହିଁ। ଉକ୍ତ ଜମିରେ କାମ କରିବା ପାଇଁ ସ୍ଥାନୀୟ କିଛି ଲୋକେ ବାରଣ କରିଛନ୍ତି। ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଶିଳ୍ପାଞ୍ଚଳର ଜିନ୍ଦଲ କାରଖାନା ସମ୍ମୁଖରେ ଥିବା ଇଡ୍‌କୋର ୧୯ ଏକର ଜମିକୁ ୪ ସଂସ୍ଥାକୁ ପ୍ରଦାନ କରାଯାଇଛି। ମାତ୍ର କୌଣସି ସଂସ୍ଥା ଦୀର୍ଘ ବ୍ୟବଧାନ ପରେ ମଧ୍ୟ ଜମି ଗୁଡିକର ଦଖଲ ପାଇ ପାରିନାହାନ୍ତି। ସେମାନଙ୍କ ମଧ୍ୟରୁ ୯ ଏକର ଜମିରେ ୧୫ କୋଟି ଟଙ୍କା ବ୍ୟୟରେ ଏକ ଓୟାର ହାଉସ ଓ ଲଜିଷ୍ଟିକ ପାର୍କ ପ୍ରତିଷ୍ଠା ପାଇଁ ଅନୁମତି ପାଇଥିବା ମହେଶ ଇନଫ୍ରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫୦ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାକୁ ଘୋଷଣା କରି କାର୍ଯ୍ୟ ଆରମ୍ଭ କରିବାକୁ ଆଗେଇ ଆସିଥିଲା। ମାତ୍ର ଉକ୍ତ ଜମିରୁ ବିସ୍ଥାପିତ ହୋଇଥିବା ସ୍ଥାନୀୟ ଲୋକେ ସେମାନଙ୍କ ଅଧିକାର ପାଇ ନ ଥିବା ଅଭିଯୋଗ କରି ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଆସୁଛନ୍ତି। ବିବାଦ ଥିବା ଜମିକୁ ଶିଳ୍ପପତିଙ୍କୁ ପ୍ରଦାନ କରି ଇଡ୍‌କୋ ଓ ପ୍ରଶାସନ ଚୁପ ହୋଇ ବସିଛି। ଫଳରେ ଜମି ବାବଦରେ ଅଢ଼େଇ କୋଟି ଟଙ୍କା ଜମା କରି ଶିଳ୍ପପତି କିପରି ଫସି ଯାଇଛନ୍ତି ତାହା ଦେଖିବାକୁ ମିଳିଛି। ଏହି ସଂସ୍ଥାକୁ ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରାଯାଉଥିବା ସମ୍ପୃକ୍ତ ଶିଳ୍ପପତି ଅଭିଯୋଗ କରିଛନ୍ତି।

# ଭେଙ୍କଟେଶ୍ୱର ବିଦ୍ୟାଳୟରେ ବିଜ୍ଞାନ ମେଳା

କାଏମା,୨୦।୧୨(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଭେଙ୍କଟେଶ୍ୱର ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରତିଷ୍ଠାତା ତପନ କିଶୋର ଷଡ଼ଙ୍ଗୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ପିଲାମାନଙ୍କ ଭିତରେ ସୃଜନ ଶକ୍ତିର ବିକାଶ ସହିତ ନୂତନ ଜ୍ଞାନ କୌଶଳ ଦ୍ୱାରା ଉପସ୍ଥିତ ସମସ୍ୟାଗୁଡ଼ିକର ସମାଧାନ କରିବାର ମହାନ ଉଦ୍ଦେଶ୍ୟ ନେଇ ବିଦ୍ୟାଳୟରେ ବିଜ୍ଞାନ ମେଳା ହେବାର ଆବଶ୍ୟକତା ରହିଛି। ଏହାପରେ ବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରଣବ କିଶୋର ଦାସ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ମେଳାରେ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ଜଗନ୍ନାଥ ପଣ୍ଡା ଓ ସତୀଶ ଜେନା ଯୋଗଦେଇ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। ମେଳାରେ ୭୧ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ମେଳାକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ ଏରେ ତୃତୀୟ, ଚତୁର୍ଥ, ଗ୍ରୁପ ବିରେ ପଞ୍ଚମ ଓ ଷଷ୍ଠ, ଗ୍ରୁପ ସିରେ ସପ୍ତମ ଓ ଅଷ୍ଟମ ଏବଂ ଗ୍ରୁପ ଡିରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରକଳ୍ପଗୁଡ଼ିକ ପ୍ରଶଂସନୀୟ ହୋଇଥିବା ବିଚାରକ ମତ ଦେଇଥିଲେ। ପ୍ରତିଯୋଗୀଙ୍କଠାରୁ ବିଚାରକମାନେ ପ୍ରକଳ୍ପ ସମ୍ପର୍କରେ ଅନେକ କଥା ବୁଝି ଆନନ୍ଦିତ ହୋଇଥିଲେ। ମେଳାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ୨୩ ତାରିଖ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଶିକ୍ଷକ ୟାସିନ ଅଲ୍ଲୀ, ଦୀପକ ନାୟକ, ଅଶୋକ ସାହୁ, ଶିକ୍ଷୟିତ୍ରୀ ଶୋଭା ଯାଦବ ଓ ବିଶ୍ୱରୂପା ନାୟକ ପ୍ରମୁଖ ସହଯୋଗ କରିଥିଲେ।



ବିଚାରକମାନେ ପିଲାଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ଭେରାଇଟି ଷ୍ଟୋରରୁ ପୁଣି ଚୋରି

ରସୁଲପୁର,୨୦।୧୨(ରଂଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ମାନପୁର ଗାଁ ଛକରେ ଥିବା ଭେରାଇଟ୍‌ଷ୍ଟୋରରୁ ମଙ୍ଗଳବାର ରାତିରେ ପୁଣି ଚୋରି ହୋଇଛି। ଦୋକାନରୁ ବର୍ଷକରେ ୨ଥର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ଦୋକାନ ମାଲିକ ନିରଞ୍ଜନ ସାମଲ।

ସାମଲଙ୍କ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତ ବହୁ ସାମଗ୍ରୀ ଚୋରି କରିନେଇଛନ୍ତି। ସେ ଧାରକରଜ କରି ଦୋକନା କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ରାତିରେ ଦୋକାନରେ ଶୋଇଥାଆନ୍ତି। ମାତ୍ର ମଙ୍ଗଳବାର ତାଙ୍କ ପୁଅର ଦେହ ଖରାପ ଥିବାରୁ ସେ ଡାକ୍ତରଖାନା ଯାଇଥିଲେ ଓ ଦୋକାନକୁ ନ ଆସି ଘରେ ରହିଯାଇ ଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୪୭୫/୨୩ ରୁଜୁ ହୋଇଛି। ପୋଲିସ ପକ୍ଷରୁ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ କରାଯାଇଛି। ଚୋରି ସମ୍ପର୍କରେ ପୋଲିସ ହାତରେ କିଛି ସୁରାକ ଲାଗିଥିବା ସ୍ପଷ୍ଟ ହୋଇନାହିଁ।

# ଷଠିପୁରରେ କୁରାଳ ପଞ୍ଚମୀ ଉତ୍ସବ

ପାଣିକୋଇଲି,୨୦।୧୨(ବିକାଶ ମଲ୍ଲିକ): ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନ୍ଦନପୁର ପଞ୍ଚାୟତ ସଠିପୁର ଗ୍ରାମର କୁମ୍ଭର ସାହିରେ କୁରାଳ ପଞ୍ଚମୀ ଉତ୍ସବ ପାଳିତ ହେଉଛି। ପ୍ରତ୍ୟେକ କୁମ୍ଭକାର ପରିବାର ପକ୍ଷରୁ ଉତ୍ସାହର ସହ ୫ ଦିନ ଧରି ଏହି ପର୍ବ ପାଳନ କରାଯାଉଛି। ପ୍ରତ୍ୟେକ ଘରେ ଉଆ, ଚକ, ପିଟଣା ଓ ପିଣ୍ଡ ଆଦିକୁ ନିଷ୍ଠା ସହକାରେ ପୂଜା କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ହରିନାମ, ଭଜନ, ମହିଳା ପାଲା ଦଳର ପାଲା ପରିବେଷଣ ଆଦି ଚାଲୁ ରହିଛି। ରଙ୍ଗୀନ ଆଲୋକମାଳାରେ ମଣ୍ଡପକୁ ସୁସଜ୍ଜିତ କରାଯାଇଛି। କୃଷ୍ଣଚନ୍ଦ୍ର ରଣା, ଶରତ ରଣା, କାଳନ୍ଦୀ ରଣା, ବିନ୍ଦୁ ରଣା, ବାଟିଆ ରଣା, ବସନ୍ତ ମୁଦୁଲି, କୀର୍ତ୍ତନ ରଣା, ଉମାକାନ୍ତ ରଣା, ଶ୍ରୀଧର ରଣା, ଶ୍ରୀକାନ୍ତ ରଣା, ଉମେଶ ରଣା, ବାଇଧର ରଣା, ଶରତ ରଣା, ବଳରାମ ରଣା, ଗୌରାଙ୍ଗ ରଣା ଓ ବାବୁଲି ରଣା ପ୍ରମୁଖ ସହଯୋଗ କରୁଛନ୍ତି।



# ନବୀନ ନିବାସମୁହାଁ ବନ୍ଦେ ବ୍ୟାସନଗର

## ସ୍ୱାଭିମାନ ଦୌଡ଼କୁ ସ୍ୱାଗତ କଲେ ବ୍ୟାସନଗରବାସୀ

ଯାଜପୁରରୋଡ୍,୨୦।୧୨(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ଜିଲାରେ ବନ୍ଦେ ବ୍ୟାସନଗର ଧାରଣା ଏବେ ଚର୍ଚ୍ଚାରେ ରହିଛି। ଜିଲାର ସବୁ ନିର୍ବାଚନମଣ୍ଡଳୀରେ କ୍ରୀଡ଼ା କ୍ଷେତ୍ରରେ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମକୁ ଅଣଦେଖା କରିଛି ପ୍ରଶାସନ। ଷ୍ଟାଡିୟମର ଜରାଜୀର୍ଣ୍ଣ ଅବସ୍ଥା ସହରର କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇଛି। ଏହି ଷ୍ଟାଡିୟମର ଉନ୍ନତୀକରଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ଏଯାଏ ପ୍ରଶାସନ ଏହାକୁ କର୍ଣ୍ଣପାତ କରୁନାହିଁ। ଏନେଇ କ୍ରୀଡ଼ାବିତମାନେ ବିଭିନ୍ନ ଶୈଳୀରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ବଜ୍ରବାହୁ ସୀମାନ୍ତ କେଶରୀ ସାମଲ ଦୁଇ ମାସ ଧରି ଧାରଣାରେ ବସିଥିଲେ ମଧ୍ୟ ଜିଲା ପ୍ରଶାସନ ଓ ନେତାମାନେ ଧାରଣାସ୍ଥଳକୁ ବାରଣ କରି ଆଖିବୁଜି ଦେଇଥିଲେ। ଶେଷରେ ଏହି ଦାବିପୂରଣ ପାଇଁ ମଙ୍ଗଳବାର କ୍ରୀଡ଼ାବିତମାନେ ନବୀନ ନିବାସ ମୁହାଁ ହୋଇଛନ୍ତି। ସକାଳୁ ସାମଲ ଶତାଧିକ କ୍ରୀଡ଼ାବିତମାନଙ୍କୁ ଧରି ସହରରୁ ବାହାରିଛନ୍ତି ନବୀନ ନିବାସ ଅଭିମୁଖେ। ସହରର ବିଭିନ୍ନ ସ୍ଥାନରେ ଜନସାଧାରଣ ଏକତ୍ରିତ ହୋଇ ସାମଲଙ୍କୁ ଫୁଲ ହାର ପିନ୍ଧାଇ ଆଶୀର୍ବାଦ କରିଛନ୍ତି। ଏହି ସ୍ୱାଭିମାନ ଦୌଡ଼ ଆସନ୍ତା ୨୧ ତାରିଖରେ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ପହଞ୍ଚିବ। ଏଥିରେ ପ୍ରାୟ ୫୦ରୁ ଅଧିକ ସଂଗଠନ ଯୋଗଦେବା ସହ ଶତାଧିକ ଜନସାଧାରଣ ସାମିଲ ହୋଇଛନ୍ତି ବୋଲି ସୂଚନା ମିଳିଛି। କ୍ରୀଡ଼ାବିତମାନେ ରାସ୍ତାରେ ବ୍ୟାସନଗର ସହରର ହକ ଦାବିରେ ସ୍ୱାଭିମାନ ଦୌଡକୁ ଜାରି ରଖିଛନ୍ତି।




ନବୀନ ନିବାସ ଅଭିମୁଖେ ବାହାରିଥିବା କ୍ରୀଡ଼ାବିତ୍।

# ଯାଜପୁର କଥା ମହାଭାରତରେ ବର୍ଣ୍ଣିତ



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

ଯାଜପୁର ଟାଉନ,୨୦।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକଭାବେ ପ୍ରାକ୍ତନ ପ୍ରଶାସକ ରତ୍ନାକର ରାଉତ ଯୋଗଦେଇ କହିଥିଲେ, ପ୍ରାଚୀନ ଯାଜପୁର ଓ ଆଧୁନିକ ଯାଜପୁରର ମହତ୍ତ୍ୱ ଅଛି। ରତ୍ନଗିରି, ଲଳିତଗିରି ଓ ଉଦୟଗିରି ସଂସ୍କୃତିର ପ୍ରାଣକେନ୍ଦ୍ର, ପ୍ରସିଦ୍ଧ ଶକ୍ତିପୀଠ ଭାବେ ଯାଜପୁରର ଖ୍ୟାତି ରହିଛି। ଏହି ଯାଜପୁର କଥା ମହାଭାରତରେ ବର୍ଣ୍ଣିତ ହୋଇଛି। ମୁଖ୍ୟବକ୍ତା ଗୀତିକବି ଧନଞ୍ଜୟ ସ୍ୱାଇଁ ପୁସ୍ତକ ବିନାମଣିଷର ଜ୍ଞାନ ବିକାଶ ହୋଇ ପାରିବ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ପଣ୍ଡିତ ଭୂପତି ଭୂଷଣ ମିଶ୍ର ତାଙ୍କ ଅଭିଭାଷଣରେ ସମାଜର ହିତ ପାଇଁ ସାହିତ୍ୟ ସୃଷ୍ଟି କରାଯାଉ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରାକ୍ତନ ଜିଲା ପରିଷଦ ସଭାପତି ରଞ୍ଜିତା ରାଉତ, ପ୍ରାଧାପିକ ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ତାଙ୍କ ବକ୍ତବ୍ୟରେ ପୁସ୍ତକ ମେଳାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ସନ୍ଧ୍ୟାରେ ଡ. ପ୍ରଜ୍ଞା ପ୍ରବର୍ତିକା ଦାଶଙ୍କର ଗଳ୍ପ ପୁସ୍ତକ କାନ୍‌ଭାସ୍ ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ ଚେତନାର ଚିତ୍ର ଲିପି ଲୋକାର୍ପିତ ହୋଇଥିଲା। ଅପରାହ୍ନରେ ହରେରାମ ପଣ୍ଡାଙ୍କ ନିର୍ଦ୍ଦେଶିତ ଓ ଡ. ବାସୁଦେବ ମିଶ୍ରଙ୍କ ରଚିତ ନାଟକ 'ତୋ ଖୁସିରେ ମୋ ଖୁସି' ପରିବେଷଣ କରାଯାଇଥିଲା।

ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ବିଭୂତିଭୂଷଣ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାମ୍ପାଦକ ଡ. କାହ୍ନୁଚରଣ ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ କରିଥିଲେ। ଅନନ୍ୟା ସାହିତ୍ୟ ସାହିତ୍ୟ ସଂସଦ ସଦସ୍ୟା ସ୍ୱର୍ଣ୍ଣପ୍ରଭା ପଣ୍ଡା, ଉଦୟ ନାରାୟଣ ପରିଡ଼ା, ଡ. ଗିରିଶ ବିହାରୀ ମିଶ୍ର, ଡ. ପ୍ରତିମା କୁମାରୀ ମହାନ୍ତି, ଡ. କାନ୍ତିବାଳା ପଣ୍ଡା, ଘନ ପରିଡ଼ା, ସୁବାସ ମହାପାତ୍ର, ପଣ୍ଡିତ ଅଦ୍ୱୈତ ପ୍ରସାଦ ମିଶ୍ର, ଅଧିକାରୀ ନବ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର କଳିଙ୍ଗ ଭାରତୀ ଫୋକ୍ ଡ୍ୟାନ୍ସ ଓ ମ୍ୟୁଜିକାଲ ରିସର୍ଚ୍ଚ ସେଣ୍ଟର ପରିଚାଳକ ଡ. କୈଳାସ ଚନ୍ଦ୍ର ବେହେରାଙ୍କ ଦ୍ୱାରା ସାଂସ୍କୃତିକ ସମ୍ପାଦକ ବୃନ୍ଦାବନ ମିଶ୍ର ଓ ସନ୍ତୋଷ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନବଜାତ କନ୍ୟାର ମୁଣ୍ଡବିହୀନ ମୃତଦେହ ଜବତ

କେନ୍ଦ୍ରାପଡ଼ା, ୨୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ନିକଟ କାକଟ ଲକ୍ କେନାଲ ବନ୍ଧ ନିକଟରେ ମୁଣ୍ଡବିହୀନ ନବଜାତ କନ୍ୟାର ମୃତଦେହ ବୁଧବାର ଜବତ ହୋଇଛି। ଏହି ମୃତଦେହ ସଦ୍ୟ ଜନ୍ମପ୍ରାପ୍ତ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତଦେହକୁ ଏପରି ଫୋପାଡ଼ି ଦେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଅସନ୍ତୋଷ ଦେଖାଦେଇଛି।

### ବାଇକ୍ ଦୁର୍ଘଟଣାରେ ବାଳିକା ମୃତ

ରାଜନଗର, ୨୦।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାମୁଦ୍ରିକ ଥାନା ଅନ୍ତର୍ଗତ ବଜାର ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ୧୭ ବର୍ଷୀୟା ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗ୍ରାମର ମନୋଜ ତରାଇଙ୍କ ଝିଅ ପୂର୍ଣ୍ଣିମା । ସେ ଟେଲରିଂ ଶିଖିବା ପାଇଁ ଗାଁ ରୁ ସାଇକେଲରେ ତାଲଚୁଆ ବଜାରକୁ ଯାଉଥିଲେ। ଗାଁ ରୁ ରାସ୍ତା ଉପରକୁ ଉଠିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ବାଇକ ଧକ୍କା ଦେଇଥିଲା। ଫଳରେ ପୂର୍ଣ୍ଣିମା ରାସ୍ତା ତଳକୁ ଖସି ପଡିଥିଲେ। ମୁମୂର୍ଷ ଅବସ୍ଥାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨୩ରେ ଗରାପୁର ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା

କେନ୍ଦ୍ରାପଡ଼ା, ୨୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ନିକଟ ଗରାପୁରଠାରେ ଶିରିଡି ସାଇ ମନ୍ଦିର ଆସନ୍ତା ୨୩ ତାରିଖରେ ପ୍ରତିଷ୍ଠା ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀସିରିଡି ସାଇ ଜନକଲ୍ୟାଣ ଟ୍ରଷ୍ଟ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି। ଏଥିରେ ଟ୍ରଷ୍ଟ ଅଧକ୍ଷା ଅର୍ଚ୍ଚନା ନାୟକ ଯୋଗଦେଇ କହିଥିଲେ ଯେ, ଜିଲାର ଏହି ଭବ୍ୟ ମନ୍ଦିର ନିର୍ମାଣ ସରିଛି। ଏହାର ପ୍ରତିଷ୍ଠା ପାଇଁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଆସୁଛନ୍ତି। ଏହି ସମ୍ମିଳନୀରେ ଶିକ୍ଷାବିତ୍ ବିକାଶ କୁମାର ଦାସ, ବିକ୍ରମାଦିତ୍ୟ ସାହୁ, ମୃଣାଳିକାନ୍ତ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ବାର୍ଷିକ କ୍ରୀଡ଼ାରେ ୨ ଛାତ୍ରୀ ଅସୁସ୍ଥ

ରାଜନଗର, ୨୦।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବାର୍ହାପୁରସ୍ଥିତ ସପନେଶ୍ୱର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଚାଲିଥିବା ବେଳେ ୨ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ଅସୁସ୍ଥ ଛାତ୍ରୀ ହେଲେ ନବମ ଶ୍ରେଣୀର ଏଲିନା ନାୟକ ଓ ଅଷ୍ଟମ ଶ୍ରେଣୀର ନର୍ମଦା ନାୟକ। ସ୍କିପିଂରେ ଭାଗ ନେଇଥିବା ଏଲିନା ଓ ନର୍ମଦା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଉଭୟଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# କେନ୍ଦ୍ରାପଡ଼ା ରାଜନୀତିରେ ଭୀଷ୍ମପିତାମହ ଥିଲେ ବେଦପ୍ରକାଶ

ଡେରାବିଶ, ୨୦।୧୨ (ବେବର୍ତ୍ତା ଅଜୟ ଦାସ)

## ୮୮ ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ଗୁଆଳସିଂଠାରେ ଥିବା ଜିଲା ସଂସ୍କୃତି ଭବନରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପାଟକୁରା ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲାଙ୍କ ୮୮ ତମ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବେଦପ୍ରକାଶ ଅଗ୍ରୱାଲ୍ ସ୍ମୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥିଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଏ. ସୂର୍ଯ୍ୟନାରାୟଣ ନାଇଡୁ ଯୋଗଦେଇ କେନ୍ଦ୍ରାପଡ଼ା ରାଜନୈତିକ ଇତିହାସରରେ ବେଦୁବାବୁ ପିତାମହ ଭୀଷ୍ମ ପାଲଟିଥିଲେ ।

ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ରାଜନୈତିକ କ୍ଷେତ୍ରରେ ଥିବା ବେଦୁବାବୁ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରିବା ସହ ନିଜର ଦକ୍ଷତାକୁ ପ୍ରମାଣିତ କରିଥିଲେ ବୋଲି ମୁଖ୍ୟଅତିଥି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ତଥା ବୈଜ୍ଞାନିକ ଡ.ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ବେଦୁବାବୁ କେନ୍ଦ୍ରାପଡ଼ା ମାଟିର ଜଣେ ସୁଯୋଗ୍ୟ ସନ୍ତାନ ବୋଲ ଅଭିହିତ କରିଥିଲେ। ପରିଷଦର ସଭାପତି ରାଜେଶ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ, ପରିଷଦର ଅଧକ୍ଷା ମଧୁମତି ଅଗ୍ରୱାଲା, ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ଯୋଗଦେଇ କେନ୍ଦ୍ରାପଡ଼ା ଓ ପାଟକୁରା ନିର୍ବାଚନ ମଣ୍ଡଳୀରେ ସେ କରିଥିବା ବହୁ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥିମାନେ ଉଲ୍ଲେଖ କରିଥିଲେ । ଏହି ଅବସରରେ ସ୍ମୃତି ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କେତେଜଣ କୃତୀଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ନାଇଡୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମହାମାରୀ କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବାରେ ବ୍ରତୀ ଥିବା ପାଟକୁରା ନିର୍ବାଚନ ମଣ୍ଡଳୀର କେତେଜଣ ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସମ୍ପାଦକ ଶାନ୍ତିସ୍ୱରୂପ ଭୂୟାଁ ଅତିଥି ପରିଚୟ ଓ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ସେଠୀ, ସନ୍ତୋଷ ମାହାଲି, ଡେରାବିଶ ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ଉମାକାନ୍ତ ନାୟକ, ବଟକୃଷ୍ଣ ସେଠୀ, ପ୍ରକାଶ ସାହୁ, ଶାରଦା ସାମନ୍ତରାୟ, ଶାରଦା ପ୍ରସାଦ ନାଥ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତୃପ୍ତିମୟୀ କର, ନମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।



ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

# ଗୋଟିଏ ଦିନରେ ଗାଁ ଶ୍ମଶାନରେ ଜଳିଲା ୩ ଜୁଇ

ରାଜନଗର, ୨୦।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହେଡକ୍ୱାର୍ଟର ରାଜନଗର ଗାଁ ବଡଦାଣ୍ଡରେ ଗୋଟିଏ ଦିନରେ ଆଗ ପଛ ହୋଇ ୩ଜଣଙ୍କ ଦେହାନ୍ତ ଘଟିଛି। ଗାଁର ସ୍ୱର୍ଗତ ଆକୁଳି ମହାରଣାଙ୍କ ସ୍ତ୍ରୀ ମଇ (୭୫), ଦୋଳଗୋବିନ୍ଦ ସାହୁ (୫୩ ) ଏବଂ ବେଣୁଧର ଦାସଙ୍କ ସ୍ତ୍ରୀ ବାସନ୍ତୀ (୬୦) ବୁଧବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମଇ ନିଜ ବାପଘର ଆଳି ବ୍ଲକ ସାନମଙ୍ଗ ଗାଁକୁ ବୁଲି ଯାଇଥିଲେ। ସେଠାରେ ହୃଦଘାତ ଯୋଗୁ ତାଙ୍କର ପରଲୋକ ଘଟିଥିଲା । ଏପଟେ ସେହି ଗାଁର ଦୋଳଗୋବିନ୍ଦ ଓ ବାସନ୍ତୀ ଦାସଙ୍କ ପରଲୋକ ଘଟିଥିଲା । ଗୋଟିଏ ଦିନରେ ୩ଜଣଙ୍କ ଦେହାନ୍ତ ହେବା ପରେ ଗାଁ ମଶାଣିରେ ୩ ଜୁଇ ଜଳିଥିଲା । ଏପରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ଶୋକସନ୍ତପ୍ତ ପରିବାର ନିକଟରେ ପହଁଚି ସମବେଦନା ଜଣାଇଛନ୍ତି।

# ଘରପୋଡ଼ି ସହାୟତା ଅର୍ଥ ରେଡକ୍ରସକୁ ଦେଲେ ବିଜୟ ମହାପାତ୍ର



କେନ୍ଦ୍ରାପଡ଼ା, ୨୦।୧୨ (ଜଗନ୍ନାଥ ଧଳ)

ବରିଷ୍ଠ ରାଜନେତା ବିଜୟ ମହାପାତ୍ର ନିଜ ଘରପୋଡ଼ି ବାବଦ ସରକାରୀ ସହାୟତା ଅର୍ଥକୁ ଜିଲା ରେଡକ୍ରସକୁ ବୁଧବାର ପ୍ରଦାନ କରିଛନ୍ତି। ଏ ବାବଦ ଚେକ୍ ସେ ଜିଲାପାଳ ଅମୃତ ଋତୁରାଜଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଏହି ଅର୍ଥ ଜିଲାର ଅସହାୟ ଓ ପୀଡିତ ବ୍ୟକ୍ତିଙ୍କ କାମରେ ଲଗାଇବାକୁ ଅନୁରୋଧ କରିଛନ୍ତି। ପ୍ରାୟ ବର୍ଷକ ପୂର୍ବେ ବରିଷ୍ଠ ନେତା ମହାପାତ୍ରଙ୍କ ତଳକୁସୁମା ଘରେ ଅଗ୍ନିକାଣ୍ଡ ହୋଇଥିଲା। ଏଥିରେ ତାଙ୍କର ଘରଟି ପୋଡି ଯାଇଥିଲା। ସରକାରୀ ସହାୟତା ପାଇଁ ଆବେଦନ ପତ୍ର ଦିଆଯାଇ ନ ଥିଲେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ସହାୟତା ଅର୍ଥ ମଞ୍ଜୁର ହୋଇଥିଲା। ଦୁଇଦିନ ପୂର୍ବେ ତାଙ୍କ ଆକାଉଣ୍ଟରେ ଏହି ଟଙ୍କା ଜମା ହୋଇଥିବା ଜାଣି ସହାୟତା ରାଶି ୧ ଲକ୍ଷ ୨୫ ହଜାର ଟଙ୍କାକୁ ଚେକ୍ ଆକାରରେ ପ୍ରଦାନ କରିଥିଲେ। ଏହି ସମୟରେ ଜିଲା ଭାଜପା ପୂର୍ବତନ ସଭାପତି ସୁକାନ୍ତ କୁମାର ଦ୍ୱିବେଦୀ, ପୂର୍ବତନ ଜୋନ ସଭ୍ୟ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ଶିଶୁ ଉତ୍ସବ




ଆଳି, ୨୦।୧୨ (ବନମାଳୀ ସେନାପତି)

ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକର ପାଠ ପଢୁଥିବା ଛୋଟ ଛୋଟ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ପ୍ରତ୍ୟେକ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ଓଷ୍ଟା ଶିଶୁ ଉତ୍ସବ ଅନୁଷ୍ଠିତ କରାଇ ଆସୁଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ୪୦ ତମ ଶିଶୁ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଆଳି ହାଇସ୍କୁଲ ପରିସରରେ ମଙ୍ଗଳ ବାର ଦିନ ଅନୁଷ୍ଠିତ ହୋଇଛି। ଆଳି ବ୍ଲକ ଓଷ୍ଟା ସଭାପତି ସୁଶାନ୍ତ କୁମାର କର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଆଳିବ୍ଲକ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତ ରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟାର ପ୍ରାକ୍ତନ ଯୁଗ୍ମ ସଂପାଦକ ବାସୁଦେବ ମଲ୍ଲିକ, ସମ୍ମାନୀତ ଅତିଥି ଭାବରେ ଆଳି ହାଇସ୍କୁଲ ସଭାପତି ଶରତ ଚନ୍ଦ୍ର ମହାନ୍ତି , ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ବିରଂଚି ନାରାୟଣ ମହାପାତ୍ର, ଆଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ରଶ୍ମିତା ସେନାପତି ପ୍ରମୁଖ ଯୋଗ ଦେଇ ଆଜିର ଏହି ପ୍ରତିଯୋଗିତା ପୂର୍ଣ୍ଣ ସମାଜରେ ସମସ୍ତଙ୍କୁ ପ୍ରତି ଯୋଗୀ ମନୋଭାବ ନେଇ ଆଗେଇ ଚାଲିବାକୁ ଉପଦେଶ ଦେଇଥିଲେ। ଏହା ପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଗଳ୍ପ ଲିଖନ, କବିତା ଲିଖନ, କବିତା ଆବୃତ୍ତି,ତର୍କ ପ୍ରତିଯୋଗିତା,ଏକକ ଅଭିନୟ,ଏକକ ନୃତ୍ୟ,କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଓଷ୍ଟା ସମ୍ପାଦକ ନିର୍ମଳ କୁମାର ନାୟକ, ମୁଖ୍ୟବକ୍ତା ଭାବରେ ଓଷ୍ଟା ରାଜ୍ୟ ସଂଘ ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ମାନୀତ ବକ୍ତା ଭାବରେ କେନ୍ଦ୍ରାପଡ଼ା ଜିଲାର ଓଷ୍ଟାର ପ୍ରାକ୍ତନ ସଂପାଦକ ତପନ କୁମାର ସିଂହ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ର ପ୍ରାକ୍ତନ ସଭାପତି ବିଜୟ କୁମାର ଦାସ,ରାଜ କନିକା ବ୍ଲକ ଓଷ୍ଟା ସମ୍ପାଦକ ଅରବିନ୍ଦ ନାୟକ, ଆଳି ହାଇସ୍କୁଲ ପୁରାତନ ଛାତ୍ର ସଂସଦ ର ସଭାପତି ଜଗତାନନ୍ଦ ବଳ ପ୍ରମୁଖ ଯୋଗଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ସଦ୍ୟ ଅବସର ଗ୍ରହଣ କରିଥିବା ଆଠଜଣ ଶିକ୍ଷୟିତ୍ରୀ,ଶିକ୍ଷକ ମାନଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାର ସମସ୍ତ କୃତି ଛାତ୍ରୀଛାତ୍ର ଜିଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶ ଗ୍ରହଣ କରିପାରିବେ। ଉତ୍ସବରେ ଶିକ୍ଷକ ଶିବ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିନୋଦ ବିହାରୀ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଆଳି ବ୍ଲକ ଓଷ୍ଟା ର ସମସ୍ତ କର୍ମକର୍ତ୍ତା ଓ ଆଳି ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

### ବରିଷ୍ଠ ବିଜେଡି ନେତା କରୁଣାକର ସେଠୀଙ୍କ ପରଲୋକ

ଡେରାବିଶ, ୨୦।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କେଉଟକଣ୍ଡିଆ ଗ୍ରାମର କରୁଣାକର ସେଠୀ(୬୦)ଙ୍କ ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି । କରୁଣାକର ପାଟକୁରା ନିର୍ବାଚନ ମଣ୍ଡଳୀର ଜଣେ ବରିଷ୍ଠ ବିଜେଡି ନେତା ଥିଲେ । ବୁଧବାର କରୁଣାକର କୌଣସି କାମରେ ଡେରାବିଶ ଥାନାକୁ ଯାଇଥିଲେ। ସେଠାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜଣେ ମିଷ୍ଟଭାଷୀ, ପରୋପକାରୀ ମଣିଷ ହିସାବରେ ସେ ଡେରାବିଶ ବ୍ଲକ ନୁହେଁ ପାଟକୁରା ନିର୍ବାଚନ ମଣ୍ଡଳୀରେ ପରିଚିତ ଥିଲେ। କରୁଣାକରଙ୍କ ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।


କରୁଣାକର ସେଠୀ

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଆଳି, ୨୦।୧୨ (ବନମାଳୀ ସେନାପତି)

ଆଳିର ଶେଷ ସୀମାରେ ଥିବା ପାଳିମି ଗ୍ରାମ ପଞ୍ଚାୟତ ଗଣେଶ୍ୱର ଦେରାୟ ସମରସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଅମୀୟ ସମର ସିଂହ ମହାପାତ୍ର ଓ ସରପଞ୍ଚ ରଞ୍ଜିତ ସାମଲ, ସମିତି ସଭ୍ୟା ନିରୁପମା ସାମଲ ମୁଖ୍ୟଅତିଥି ଓ ସମ୍ମାନୀତ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଭଞ୍ଜନ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ କଲେଜରେ ଆୟୋଜିତ କରାଯାଉଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ସଂଗ୍ରାମ କିଶୋର ସାମଲ ବକ୍ତବ୍ୟ ପ୍ରଦାନ କରିଥିବାବେଳେ କଲେଜର ଅଧାପିକା,ଅଧ୍ୟାପକ, ଛାତ୍ରୀଛାତ୍ର ପରିଚାଳନା ସହଯୋଗ କରିଥିଲେ । ନୋଡାଲ ଅଫିସର୍ ପତନ କୁମାର ସ୍ୱାଇଁ ସଭା ପରିଚାଳନା କରିଥିବାବେଳେ ଅଭିମନ୍ୟୁ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ରସାୟନ ବିଜ୍ଞାନ ଆଡ୍ ଅନ୍ କୋର୍ସ ପ୍ରଦର୍ଶନ

ପଟ୍ଟାମୁଣ୍ଡାଇ, ୨୦।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଡ୍ ଅନ୍ କୋର୍ସରେ ପ୍ରୟୋଗାତ୍ମକ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁ ଉଦଘାଟନ କରିଥିଲେ । ଏଥିରେ ସାଲେପୁର କଲେଜ ସହକାରୀ ପ୍ରଫେସର ଡ.ରଞ୍ଜନ କୁମାର ଗିରି ରିସୋର୍ସ ପର୍ସନ ଭାବେ ଯୋଗ ଦେଇ ଆଲୋହଲ ନେସଡ଼ ହ୍ୟାଣ୍ଡ ସାନିଟାଇଜର ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ.ଦୁଃଶାସନ ପରିଡା ସ୍ୱାଗତଭାଷଣ ଓ ଡ.ଫକୀର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ରଞ୍ଜନ କୁମାର ଗାହାଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଶେଷରେ ଆଇକ୍ୟୁଏସି ସଂଯୋଜକ ଡ.ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏଥିରେ ରସାୟନ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ର ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ପାଣ୍ଡିଆନଙ୍କୁ ଭେଟିବାର ୪୮ ଘଣ୍ଟା ମଧ୍ୟରେ ମିଳିଲା ଅନୁଦାନ

ରାଜନଗର, ୨୦।୧୨ (ଭାସ୍କର ରାଉତରାୟ)

ଆମ ଓଡ଼ିଶା ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ରାଜନଗର ଗସ୍ତରେ ଆସିଥିଲେ। ଏହି ବ୍ଲକର କେରେଡାଗଡ଼ ଠାରେ ସାଧାରଣ ସଭାରେ ଯୋଗଦେଇ ରାଜନଗରର ବିକାଶ ପାଇଁ ୬ମାସରେ ୧୩୫କୋଟି ଦିଆଯାଇଥିବା କହିଥିଲେ। ଏହି ସଭାରେ କେରେଡାଗଡ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ଓ ଗ୍ରାମ ପଞ୍ଚାୟତ ପୋଖରୀର ସଂରକ୍ଷଣ ପାଇଁ ଗ୍ରାମବାସୀଙ୍କ ତରଫରୁ ଲିଖିତ ଭାବେ ତାଙ୍କୁ ଅବଗତ କରାଯାଇଥିଲା । ପାଣ୍ଡିଆନଙ୍କ ଗସ୍ତର ୪୮ ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ମଞ୍ଜୁରୀ ପାଇବା ପରେ କେରେଡାଗଡବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ଚଳିତମାସ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ଆମ ଓଡ଼ିଶା, ନବୀନ ଓଡିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ରାଜନଗର ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ କେରେଡାଗଡବାସୀଙ୍କ ପକ୍ଷରୁ ଅଧ୍ୟକ୍ଷ ପାଣ୍ଡିଆନଙ୍କୁ ବିଦ୍ୟାଳୟର ଉନ୍ନତି ଏବଂ ପୋଖରୀ ସଂରକ୍ଷଣ ଉପରେ ଏକ ଦାବିପତ୍ର ଦେଇଥିଲେ। ଅଭିଯୋଗର ତ୍ୱରିତ ସମାଧାନ କରିଥିବାରୁ କେରେଡାଗଡ଼ ଗ୍ରାମର ଅରୁଣ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ, ମନମୋହନ ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାରିପଦାକୁ ହରାଇ ସେମିରେ ସୋନପୁର

ଆଳି, ୨୦।୧୨ (ବନମାଳୀ ସେନାପତି)

## ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଆଳି ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ୧୭ ତମ ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ବାରିପଦା ସ୍ପୋର୍ଟ୍ସ ହଷ୍ଟେଲକୁ ୩-୦ ଗୋଲରେ ହରାଇ ରାମଧୁନ କ୍ଲବ ସୋନପୁର ସେମି ଫାଇନାଲରେ ପ୍ରବେଶ କରିଛି । ରାମଧୁନ କ୍ଲବର ଭାବଗ୍ରାହୀ ପରିହାରୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ୧୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହିଖେଳରେ ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୧୯ନଂ.ଜୋନ ଜିଲା ପରିଷଦ ସଭ୍ୟା କନକଲତା ବେହେରା, ୨୯ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ଅମିତା ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଳି ପଞ୍ଚାୟତ ସମିତିର ଅଧକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଆଳି ଆଥଲେଟିକ ଆସୋସିଏଶନର ସମ୍ପାଦକ ବିଜୟ କୁମାର ସେନାପତି, ନିର୍ମଳ ବେହେରା, ସୁବ୍ରତ ଦାଶ, କୃଷ୍ଣ ଚନ୍ଦ୍ର ପରିଡା, ଅରୁଣ ଖଣ୍ଡୁଆଳ, ଶରତ ଦାସ, ଗଣେଶ୍ୱର ସାମଲ, ମନୋଜ ମହାନ୍ତି, ରବୀନ୍ଦ୍ର ମହାନ୍ତି ଓ ଆଥଲେଟିକ ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ତୃତୀୟ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜକନିକା ଆଥଲେଟିକ ଆସୋସିଏଶନ ଓ ବାଦଲ ଏକାଡେମୀ ମଧ୍ୟରେ ମୁକାବିଲା ହୋଇଥିଲା। ରାଜକନିକାକୁ ୩-୦ ରେ ହରାଇ ବାଦଲ ଏକାଡେମୀ ବିଜୟ ଲାଭ କରିଛି । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବାଦଲ ଏକାଡେମୀର ମୁନା ସିଂ କୁ ପୁରସ୍କୃତ କରାଯାଇଥିଲା ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# କଳାତ୍ମକ ଗୁଣ ବିକାଶକୁ ଗୁଣାତ୍ମକ କରିବା ଦରକାର

ପଟ୍ଟାମୁଣ୍ଡାଇ, ୨୦।୧୨ (କଳ୍ପତରୁ ନାୟକ)

## ଖଡ଼ିଅଣ୍ଡା ପଞ୍ଚାୟତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡ଼ିଅଣ୍ଡା ପଞ୍ଚାୟତ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟର ୪୭ତମ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ବିଦ୍ୟାଳୟରେ ଶିକ୍ଷକ, ଘରେ ଅଭିଭାବକମାନେ ଲକ୍ଷ୍ୟ ରଖିଲେ ଭଲ ପିଲା ଗଠନ ସମ୍ଭବ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ୧୭ ନଂ. ଜୋନ ଜିଲାପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରୈଲକ୍ୟ ମିଶ୍ର, କଷଣଅଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ସଚିତ୍ର ବେହେରା ଓ କଷଣଅଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରି ପିଲାମାନଙ୍କ ଶିକ୍ଷା ସହ କଳାତ୍ମକ ଗୁଣ ବିକାଶକୁ ଗୁଣାତ୍ମକ କରିବା ଦିଗରେ ଆଲୋକପାତ କରିଥିଲେ। ମୋ ବିଦ୍ୟାଳୟ ସଭାପତି ପ୍ରବୀର ନାୟକ, ସମ୍ପାଦକ ସଚ୍ଚି ରାଉତ, କଳାକାର ପ୍ରଧାନ, ମଳୟ ଜେନା ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ପ୍ରଦାନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ଛାତ୍ର ମଳୟ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ନିର୍ଦ୍ଦେଶନା ତାଲିମ କ୍ରମେ ପରୀ ଗୀତିନାଟ୍ୟ ପ୍ରଦର୍ଶନ କରି ସମସ୍ତଙ୍କ ମନରେ ଉତ୍ସାହ ଭରି ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସହକର୍ମୀ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସ୍କୁଲର ପୁରାତନ ଛାତ୍ର ଅକ୍ଷୟ କୁମାର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ପ୍ରେମାନନ୍ଦ ମଲିକ ଧନ୍ୟବାଦ ଦେଇଥିଲେ।



ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ତହସିଲସ୍ତରରେ ରାଜସ୍ୱ ମେଳାକୁ ଗୁରୁତ୍ୱାରୋପ

ଛତ୍ରପୁର,୨୦।୧୨(ଦିଲୀପ ସାମଲ):

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ବୁଧବାର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶେଷକରି ତହସିଲସ୍ତରରେ ରାଜସ୍ୱ ମେଳା କରିବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ମେଳା ଦ୍ୱାରା ଜନସାଧାରଣ ରାଜସ୍ୱ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ଜାଣିପାରିବେ। ଜିଲାରେ ଯେଉଁ ସବୁ ସ୍ଥାନରେ ଜାଗା ସମସ୍ୟା ରହିଛି, ତାହାର ସମାଧାନ କରିବାକୁ ତହସିଲଦାରମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବା ଓ ବେବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ କୁହାଯାଇଥିଲା।

**ଜିଲା ରାଜସ୍ୱ ସମୀକ୍ଷା ବୈଠକ**


ବୈଠକରେ ଆଲୋଚନା ଚାଲିଛି।

୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗର ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବା ପାଇଁ କୁହାଯାଇଛି। ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ୯୬.୬୫ କୋଟି ଟାର୍ଗେଟରୁ ୬୦.୫୪ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଭଞ୍ଜନଗର ପରିବହନ ବିଭାଗ ପକ୍ଷରୁ ୧୬.୪ କୋଟି ଧାର୍ଯ୍ୟରୁ ୧୦.୨୦ କୋଟି ରାଜସ୍ୱ ଆଦାୟ ହୋଇଥିବା ସୂଚନା ଦିଆଯାଇଥିଲା। ବଳକା ରାଜସ୍ୱ ନିର୍ଦ୍ଧାରିତ ସମୟରେ ଶେଷ କରିବା, ସଡ଼କ ଦୁର୍ଘଟଣା ରୋକିବା ଲାଗି ବ୍ୟାପକ ସଚେତନତା ଓ ଗାଡିମୋଟର ଚେକିଂକୁ ଜୋରଦାର କରିବାକୁ କୁହାଯାଇଛି। ସେହିପରି ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ବିଭାଗକୁ ଟିକସ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଏବଂ ଜିଲାରେ ବେଆଇନ ମଦ କାରବାର ରୋକିବାକୁ କୁହାଯାଇଛି। ଏଥିପାଇଁ ଏକ ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଭୂ-ଅର୍ଜନ ଅଧିକାରୀ ଡ.ଦୟାସିନ୍ଧୁ ପରିଡା, ଗଞ୍ଜାମ ଅବକାରୀ ଅଧୀକ୍ଷକ ଦେବୀ ପ୍ରସାଦ ଦାସ , ମାଇନିଂ ଅଧିକାରୀଙ୍କ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୫୪ ୟୁନିଟ ରକ୍ତ ସଂଗୃହୀତ

ଭଞ୍ଜନଗର,୨୦।୧୨(ବାବୁଲା ପ୍ରଧାନ)

ଉତ୍କଳ ସାମ୍ବାଦିକ ସଂଘ ଓ ଲାଲସିଙ୍ଗି ପଞ୍ଚାୟତର ମିଳିତ ସହଯୋଗରେ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଭଞ୍ଜନଗର ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମାଜିକ କର୍ମୀ ବିଷ୍ଣୁ ଚରଣ ପ୍ରଧାନ, ଏସଡ଼ିଏମଓ ସିତାଂଶୁ ଶେଖର ଶତପଥୀ, ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ, ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏମ୍ପି ପ୍ରତିନିଧି ପଞ୍ଚାନନ ପାଳ, ଲାଲସିଙ୍ଗି ସରପଞ୍ଚ ଶିବରାମ ସାହୁ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶୂଳପାଣି ଶତପଥୀ, ଅନୁପମ ବାନାର୍ଜୀ, ଅନିଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ମୋଟ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଜିଲା ସମ୍ପାଦକ ଜୟକୃଷ୍ଣ ପଟ୍ଟନାୟକଙ୍କ ୭୧ ଥର ପାଇଁ ରକ୍ତଦାନ କରିଛନ୍ତି। ୟୁଜେଏ ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ଉପସଭାପତି ଭବାନୀ ଶଙ୍କର ପାଳ, ସମ୍ପାଦକ ରାଜେଶ କୁମାର ପଣ୍ଡା, ସହ ସମ୍ପାଦକ ମନୋଜ ଗୌଡ଼, ସଂଯୋଜକ ଧନଞ୍ଜୟ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଖଜୁରିପଡ଼ା,୨୦।୧୨(ବିଦୁର ବେହେରା):

ଆଜିର ଯୁବ ପିଢ଼ି ଶାରୀରିକ ମାନସିକ କ୍ଷେତ୍ରରେ ଅଗ୍ରସର ହେବା ପାଇଁ ଓଡ଼ିଶା ସରକାର କାର୍ଯ୍ୟକ୍ରମ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ କରିଛନ୍ତି। ଏହି କାର୍ଯ୍ୟକ୍ରମଟି ୧ ଡିସେମ୍ବରରେ ଉଦ୍‌ଘାଟିତ ହୋଇଥିବା ବେଳେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସରେ ଖଜୁରିପଡ଼ା ଆମ୍ବେଦକର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ଅଧ୍ୟକ୍ଷା ଅନିମା କହଁର, ତହସିଲଦାର ଭିକାରୀ ଚରଣ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗୁ ଡୁଙ୍ଗୁ, ସହକାରୀ ଯନ୍ତ୍ରୀ ଶୁଭସ୍ମିତା ନାଥ, କମିଟି ସଦସ୍ୟ ଗୌତମ ପ୍ରଧାନ, ଅଧ୍ୟାପକ ବାସୁଦେବ ସାହୁ, ସମୀର କୁମାର ବେହେରା ପ୍ରମୁଖ ଯୋଗ ଦେଇ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ସେହିପରି ମୁଖ୍ୟଅତିଥି ବିଧାୟକ ଅଙ୍ଗଦ କହଁର ସାମାଜିକ କର୍ମୀ ବିଦୁର ବେହେରା, ବଳଦେବ ବେହେରା, ଗୌର ଚରଣ ବେହେରାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରମୋଦ କୁମାର ନାୟକ, ଖେଳ ଶିକ୍ଷକ ଶ୍ରୀପଦ କୁମାର ନାୟକ, ରଶ୍ମିରଞ୍ଜନ ଲେଙ୍କା, ରଞ୍ଜନ କୁମାର ନାୟକ,ରାମକୃଷ୍ଣ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି କଲା ଋଷିକୁଲ୍ୟା ରୟତ ମହାସଭା

ପୋଲସରା,୨୦।୧୨(ସୁବ୍ରତ ବେହେରା)

ଦୁଇ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଭି.କେ. ପାଣ୍ଡିଆନ ଆସି ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମପଞ୍ଚାୟତ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ନିକଟରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ଉକ୍ତ ସମୟରେ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ପୋଲସରା ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ଅଧ୍ୟକ୍ଷଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ନୂତନ ବସ୍‌ଷ୍ଟାଣ୍ଡ୍ ଓ ମଥୁରା ମାର୍ଜା ମନ୍ଦିର ନିକଟରେ ପ୍ରସ୍ତାବିତ ଆଇଟିଆଇ କେନ୍ଦ୍ର ଯଥାଶୀଘ୍ର ନିର୍ମାଣ, ଖଜୁରିବନ୍ଧ ଓ ଓଇରାଣି ବନ୍ଧ ପୁନରୁଦ୍ଧାର କରିବା ସହିତ ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ, ସିଦ୍ଧପୁର ନିକଟ ଡାବୁରିଆ ନାଳରେ ଗୋଟିଏ ବ୍ରିଜ୍ ନିର୍ମାଣ କରିବା ଓ କାଶୀନାଥପୁରକୁ ରାସ୍ତା ନିର୍ମାଣ କରିବା, ସିଦ୍ଧପୁରଠାରୁ ଜକୁଆଦଣ୍ଡା ନାଣ୍ଡିଆ ଯାଏ ରାସ୍ତାର ଉନ୍ନତୀକରଣ କରିବା ସହିତ ନାଣ୍ଡିଆସ୍ଥିତ ମା’ କନକଦୁର୍ଗା ମନ୍ଦିର, ମା’ ଝାଙ୍କରେଇ ମନ୍ଦିର, ମା’ ସୁନାଦେଇ ମନ୍ଦିର ଆଦି ତିନୋଟି ମନ୍ଦିରର ନବୀକରଣ, ଉନ୍ନତୀକରଣ, ପୋଲସରା ସହରରେ ଥିବା ସମସ୍ତ ପୋଖରୀ ହୁଡା, ଶିଶୁ ଉଦ୍ୟାନ, ରାମେଶ୍ୱର ମନ୍ଦିର ପାର୍କ ଓ ଶ୍ମଶାନଗୁଡ଼ିକର ସୌନ୍ଦର୍ଯ୍ୟକରଣ। କୃଷକମାନେ ନିଜ ନିଜ ଜମିରେ ସୁଚାରୁ ରୂପେ ଜଳସେଚନ ଦ୍ୱାରା ରବି, ଖରିଫ୍ ଓ ଫଳଚାଷ କରି ବିଶେଷ ଉପକୃତ ହେବେ ବୋଲି ଋଷିକୁଲ୍ୟା ରୟତ ମହାସଭାର ସଭାପତି ସତ୍ୟବାନ ପ୍ରଧାନ ଲିଖିତ ଅଭିଯୋଗ କରିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗଞ୍ଜାମ,୨୦।୧୨(ବିଦ୍ୟାଧର ସାହୁ)

ପ୍ରଶାସନ ପକ୍ଷରୁ ବ୍ଲକ ସ୍ତରୀୟ କ୍ରୀଡ଼ା ଉତ୍ସବ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନ୍ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ବିଡିଓ ବସନ୍ତ କୁମାର ମଲ୍ଲିକ, ଏନ୍ଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ, ଅଗ୍ନିଶମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନିରଞ୍ଜନ ମହାପାତ୍ର ଓ ଜିପିଓ ଶ୍ରୀକାନ୍ତ କୁମାର ଗୌଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ନୂଆ-ଓ ଯୁବ ଓଡ଼ିଶା ନୂଆ ଓଡିଶା ମାଧ୍ୟମରେ ଯୁବକ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ବିଧାୟକ ବେହେରା ନିଜ ବକ୍ତବ୍ୟରେ କହିଥିଲେ। ଏହି ପ୍ରତିଯୋଗିତାରେ ୧୫୫ ଟିମ ଅଂଶ ଗ୍ରହଣ କରିଛନ୍ତି। କବାଡି, ଫୁଟବଲ, କ୍ରିକେଟ ଓ ଖୋକୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଇଇଓ ସୁଶୀଲ ପଣ୍ଡା, ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ, ଏପିଓ ବ୍ରଜ ସୁନ୍ଦର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଭାରତୀ ବିଦ୍ୟାପୀଠ କ୍ରୀଡା ଶିକ୍ଷକ ପ୍ରତିରଞ୍ଜନ ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ।

# ମା’ ଶିଶୁକନ୍ୟା ମୃତ ଘଟଣାରେ ବଢ଼ିଲା ଡାକ୍ତରଙ୍କ ଅଡୁଆ

ନୟାଗଡ଼,୨୦।୧୨(ଲୋକନାଥ ମିଶ୍ର):

■ ଚିକିତ୍ସା ଅବହେଳା ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ପାଇଁ ନିର୍ଦ୍ଦେଶ

■ ପୋଲିସକୁ ଅନୁମତି ଦେଲେ ସ୍ୱାସ୍ଥ୍ୟ ସଚିବ

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ମା ଓ ଗର୍ଭସ୍ଥ ଶିଶୁକନ୍ୟା ପ୍ରାଣ ହରାଇବା ଘଟଣାରେ ଡାକ୍ତର ବାଲାଜୀ ଶଙ୍କର ରାୟଙ୍କ ଅଡୁଆ ବଢ଼ିଲା । ଡାକ୍ତର ବାଲାଜୀ ଶଙ୍କର ରାୟଙ୍କ ନୟାଗଡରୁ ମାଲକାନାଗିରି ଜିଲାର ଚିତ୍ରକୋଣ୍ଡାକୁ ବଦଳି ହୋଇ ସାରିଛି । ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ହେଲେ ଭାରତୀୟ କାର୍ଯ୍ୟବିଧି ସଂହିତାର୧୯୭ ଧାରାରେ ଉପରିସ୍ଥ ଅଧିକାରୀଙ୍କ ଅନୁମତି ଆବଶ୍ୟକ । ସାକ୍ଷ ପ୍ରମାଣ ମିଳିବା ପରେ ତଦନ୍ତକାରୀ ଅଧିକାରୀ ଡାକ୍ତରଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ପାଇଁ ସ୍ୱାସ୍ଥ୍ୟ ବିଭାଗର ଅନୁମତି ଲୋଡିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ସମ୍ବନ୍ଧୀୟ ପ୍ରମୁଖ ଶାସନ ସଚିବ ଶାଲିନ ପଣ୍ଡିତ ଡାକ୍ତରଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ପାଇଁ ୧୨।୧୨।୨୦୨୩ରେ ଅନୁମତି ପ୍ରଦାନ କରିଛନ୍ତି । ଅନ୍ୟପକ୍ଷେ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଓ ଅଭିଯୋଗ ପାଇବା ପରେ ନୟାଗଡ ଜିଲାପାଳ ତଦନ୍ତ କରାଇ ଡାକ୍ତର ବାଲାଜୀ ଶଙ୍କର ରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାଖଲ ପାଇଁ ସରକାରଙ୍କୁ ଅବଗତ କରାଇଥିଲେ ।ଅଭିଯୋଗ ଅନୁସାରେ ଇଟାମାଟିଥାନା ଇକିରି ଗାଁର ମିକିଦାସଙ୍କର ଗର୍ଭ ବେଦନା ବଢ଼ିବାରୁ ସ୍ୱାମୀ ଧନଞ୍ଜୟ ଦାସ ତାଙ୍କୁ ୨୦୨୨ ନଭେମ୍ବର ୨୩ରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେହଦିନ ଲେବର ରୁମରେ ଡାକ୍ତର ବାଲାଜୀ ଶଙ୍କର ରାୟଙ୍କର ଡ୍ୟୁଟି ଥିଲା । ତେବେ ସେ ଅନୁପସ୍ଥିତ ଥିଲେ । ଅତ୍ୟଧିକ ରକ୍ତସ୍ରାବ ଓ କଷ୍ଟ ଯୋଗୁ ମିକି ଦାସ ଚେତା ହରାଇଥିଲେ । ସ୍ତ୍ରୀର ଗର୍ଭ ଯନ୍ତ୍ରଣା ଓ ଚେତା ଶୂନ୍ୟ ଦେଖି ରେଫର କରିବାକୁ ନର୍ସଙ୍କୁ ଅନୁରୋଧ କରିଥିଲେ । ତେବେ ନର୍ସ ଡାକ୍ତରଙ୍କ ସହ ଫୋନରେ କଥା ହୋଇ ରେଫର କରି ନ ଥିଲେ । ପରଦିନ ନଭେମ୍ବର ୨୪ ସକାଳ ୬ଟାରେ ଡାକ୍ତର ଆସି ମିକିଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ରେଫର କରିଥିଲେ । ତେବେ ମିକିଙ୍କ ସ୍ୱାମୀଙ୍କୁ ଆମ୍ବୁଲାନ୍ସରେ ଯିବାକୁ ବାରଣ କରିବାରୁ ସେ ବାଇକ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ । ଭୁବନେଶ୍ୱରରେ ଡାକ୍ତର ନବଜାତ ଶିଶୁ ସହ ମାକୁ ମୃତ ଘୋଷଣା କରିଥିଲେ । ଚିକିତ୍ସା ଅବହେଳାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମା ଓ ଗର୍ଭସ୍ଥ ଶିଶୁ ପ୍ରାଣ ହରାଇଥିଲେ ମଧ୍ୟ ଡାକ୍ତର ଲୁଚାଇଥିଲେ । ଏନେଇ ମୃତକଙ୍କ ସ୍ୱାମୀ ଧନଞ୍ଜୟ ଦାସ ନୟାଗଡ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ କୌଣସି ପଦକ୍ଷେପ ନେଇନଥିଲା । ପରେ ଧନଞ୍ଜୟ ନୟାଗଡ ଏସଡିଜେଏମଙ୍କ କୋର୍ଟରେ ଅଭିଯୋଗ କରିଥିଲେ । ଏସଡିଜେଏମଙ୍କ ନିର୍ଦ୍ଦେଶରେ ପୋଲିସ ୨୦/୩୧।୧।୨୦୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପୋଲିସ ତଦନ୍ତ କରିବା ପରେ ଜଣା ପଡିଥିଲା ଡାକ୍ତରଙ୍କ ଅବହେଳାରୁ ଗର୍ଭସ୍ଥ ଶିଶୁ ଓ ମା ପ୍ରାଣ ହରାଇଥିଲେ ବୋଲି ଧନଞ୍ଜୟଙ୍କ ଓକିଲ ରଣଜିତ ଦାଶ କହିଛନ୍ତି ।

# ବିଦ୍ୟୁତ୍ ତାରରେ ଲାଗି ମୃତ୍ୟୁକୁ ନେଇ ରାସ୍ତାରୋକୋ


ରାସ୍ତାରୋକୋ କରାଯାଇଛି।

ଫିରିଙ୍ଗିଆ/ଗୋଛାପଡ଼ା,୨୦।୧୨
(ବିକ୍ରମ ଦିଗାଲ/ ରୋହିତ କହଁର):

ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ନେଡିପଦର କେରେଙ୍ଗେଲି ଛକ ଗାଁ ନିକଟରେ ମଙ୍ଗଳବାର ଏକ ଘରୋଇ ବସ୍‌ରେ ବିଦ୍ୟୁତ୍ ତାର ଲାଗି ହେଲପର ପଲାବୃଡି ପଞ୍ଚାୟତ ନେଡ଼ିପଦର ଗାଁର ନିଳାର ଦିଗାଲଙ୍କ ପୁଅ ଆମୋଦଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ବୁଧବାର କ୍ଷତିପୂରଣ ଦାବି କରି ଫିରିଙ୍ଗିଆ-ଗୋଛାପଡ଼ା ମୁଖ୍ୟ ରାସ୍ତା ନେଡିପଦର ଗାଁରେ କାଠଗଣ୍ଡି ରଖି ମୃତକଙ୍କ ପରିବାର ଓ ଗାଁ ଲୋକେ ରାସ୍ତାରୋକୋ କରିଥିଲେ। ଗୋଛାପଡ଼ା ପୋଲିସ ପହଞ୍ଚି ଗାଁ ଲୋକଙ୍କୁ ବୁଝାଶୁଝା କଲା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୁ ହଟିଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ରାସ୍ତାରୋକୋ ହେବାରୁ ଉଭୟ ପଟରୁ ଯାନବାହନ ଚଳାଚଳ ବାଧାସୃଷ୍ଟି ହେଇଥିଲା। କ୍ଷତିପୂରଣ ନ ମିଳିଲେ ପୁଣି ଥରେ ରାସ୍ତା ଅବରୋଧ କରାଯିବ ବୋଲି ନେଡ଼ିପଦର ଗାଁ ଲୋକେ କହିବା ସହ ଏହି ଦୁର୍ଘଟଣା ଲାଗି ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି।

# ଶାନ୍ତିଶୃଙ୍ଖଳାରେ ପାଳନ ହେବ ଖ୍ରୀଷ୍ଟମାସ, ନୂଆବର୍ଷ

ଫୁଲବାଣୀ, ୨୦।୧୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଖ୍ରୀଷ୍ଟମାସ୍ ଏବଂ ନୂଆ ବର୍ଷକୁ ଶାନ୍ତି ଓ ସଦ୍‌ଭାବନାର ସହ ପାଳନ କରିବା ପାଇଁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେହିପରି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଯୋଗଦେଇ କହିଲେ ସମସ୍ତେ ଏକାଠି ହୋଇ ଏହାକୁ ପାଳନ କରିବା। ପୋଲିସ୍ ଅଧିକାରୀ ଏହି ପର୍ବ ପାଳନ ସମୟରେ ନିରପେକ୍ଷ ରହିବେ ବୋଲି କହିଥିଲେ। ଜିଲାର ପ୍ରତ୍ୟେକ ବ୍ଲକରୁ ବିଭିନ୍ନ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରୁଥିବା କିଛି ବନ୍ଧୁ ସେମାନଙ୍କର ମତାମତ ରଖିଥିଲେ। ବିଶେଷ କରି ଖ୍ରିଷ୍ଟିଆନ ସମ୍ପ୍ରଦାୟର କିଛି ବନ୍ଧୁ କହିଲେ ଆମେ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଶାନ୍ତି ଓ ସଦ୍‌ଭାବନାର ସହ ଅନ୍ୟ ସମ୍ପ୍ରଦାୟର ବନ୍ଧୁମାନଙ୍କ ସହିତ ଖ୍ରୀଷ୍ଟମାସ୍ ପାଳନ କରିବୁ। ମଦ୍ୟପାନ ଯୋଗୁ କେତେକ ସ୍ଥାନରେ ବିଶୃଙ୍ଖଳା ଦେଖା ଦେଇପାରେ।


ବୈଠକରେ ଜିଲାସ୍ତରୀୟ ଅଧିକାରୀ।

ସେଥିପାଇଁ ସେହିପରି ପୋଲିସ୍ ବିଭାଗ ଦ୍ୱାରା ରାତ୍ରୀ କାଳୀନ ପାଟ୍ରୋଲିଂ କରାଯିବାକୁ ମଧ୍ୟ ଅନୁରୋଧ କରିଥିଲେ। ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୧ ତାରିଖ ଯାଏ ବିଜୁଳି କାଟ ନ କରିବାକୁ କହିଥିଲେ। ଦୁଇ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରୁଥିବା ବନ୍ଧୁମାନେ ସେମାନଙ୍କ ତରଫରୁ କୌଣସି ବିଶୃଙ୍ଖଳା ସୃଷ୍ଟିହେବା ଭଳି କାର୍ଯ୍ୟ କରାଯିବ ନାହି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ ଧନ୍ୟବାଦ ଦେଇଥିଲେ। ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ଗିଡ୍, ବାଲିଗୁଡା ଏସ୍.ଡି.ପି.ଓ. ଯସ୍ ପ୍ରତାପ ଶ୍ରୀମଲ୍, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାସୁଦେବ ସ୍ୱାଇଁ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣ୍ଡୁଆଙ୍କ ସମେତ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର୍, ଉପଖଣ୍ଡ ପୋଲିସ୍ ଅଧିକାରୀ, ଥାନା ଭାରପ୍ରାପ୍ତ ଅଧିକାରୀ, ବିଭିନ୍ନ ସମ୍ପ୍ରଦାୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗଲେ ଜେଲ

ଦିଗପହଣ୍ଡି,୨୦।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଜକର ଗ୍ରାମ ନିକଟ ବାହୁଦା ନଦୀରୁ ବାଲି ଚୋରି କରି ବେଆଇନ ଚାଲାଣ କରିବା ଅଭିଯୋଗରେ କେ. ନୂଆଗାଁ ଥାନା ପୋଲିସ ଜଣେ ଟ୍ରାକ୍ଟର ଚାଳକଙ୍କ ବୁଧବାର ଦିଗପହଣ୍ଡି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ସେ ହେଲେ ଜକର ଗ୍ରାମର ଏ. ଦିଲ୍ଲୀପ ରେଡ୍ଡୀ। ମଙ୍ଗଳବାର ବେଆଇନ ବାଲି ଚାଲାଣ ନେଇ ସୂଚନା ପାଇବା ପରେ ପୋଲିସ ପହଞ୍ଚି ଚାଳକଙ୍କୁ ବାଲି ଚାଲାଣ ଅନୁମତି ସମ୍ପର୍କିତ କାଗଜପତ୍ର ପ୍ରଦାନ କରିବାକୁ କହିଥିଲେ। ଚାଳକ ଜଣକ ୱାଇ ଫର୍ମ ଦେଖାଇବାକୁ ବିଫଳ ହେବାପରେ ବାଲି ବୋଝେଇ ଟ୍ରାକ୍ଟର (ନଂ ଓଡି୦୭ ଏଏମ୍ ୭୦୨୨) ସହ ଟ୍ରଲିକୁ ମଧ୍ୟ ଜବତ କରାଯାଇଥିଲା।

# ବିପଦଜନକ ସ୍ଥିତିରେ ଯାତ୍ରୀ ବିଶ୍ରାମାଗାର

ଧରାକୋଟ,୨୦।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ସଦର ମହକୁମାସ୍ଥିତ ଯାତ୍ରୀ ବିଶ୍ରାମଗାରଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ଥିବା ଏହି ବିଶ୍ରାମାଗାର ଉପରେ ଆଖପାଖ ଗାଁ ସରପଡା, ଟିଣିଟିଣାପଲି, ତରାପଲିର ଲୋକେ ନିର୍ଭର କରିଥାନ୍ତି। ଏଠାରୁ ବ୍ରହ୍ମପୁର, ଆସିକା, ଧରାକୋଟ, ମାଣିକପୁର, ଶେରଗଡ଼ ଓ ବଡଗଡ ଯିବାପାଇଁ ଲୋକେ ବସକୁ ଅପେକ୍ଷା କରିଥାନ୍ତି। ଦୀର୍ଘଦିନ ତଳେ ନିର୍ମିତ ଏହି ବିଶ୍ରାମାଗାରଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦଜନକ ସ୍ଥିତିରେ ରହିଛି। କେତେବେଳେ ଯେ ଏହା ଭୁଶୁଡ଼ି ପଡିବ ତାହା କହି ହେଉନାହିଁ। ତେଣୁ ସରକାରୀ ସ୍ତରରେ ଏହାର ପୁନଃନିର୍ମାଣ ପାଇଁ ଦାବି ହେଉଛି।

# ସଫେଇ ସଚେତନତା ଅଭିଯାନ

ଆର.ଉଦୟଗିରି,୨୦।୧୨(ମନୋଜ କୁମାର ପାଢୀ)- ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଆର.ଉଦୟଗିରି ଗ୍ରାମରେ ଥିବା ମହେନ୍ଦ୍ରତନୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ନୂଆ ଓଡ଼ିଶା ଯୁବ ଓଡ଼ିଶା ତରଫରୁ ସାମାଜିକ କାର୍ଯ୍ୟକ୍ରମ ଆଧାରରେ ସଫେଇ ସଚେତନତା ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଶକ୍ତି ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫେଇ ଉପରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ରାଲି ଶିକ୍ଷାନୁଷ୍ଠାନରୁ ବାହାରି ତହସିଲ ଛକଯାଏ ଯାଇଥିଲା। କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ନୀଳାଚଳ ପାଣିଗ୍ରାହୀଙ୍କ ସହ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ସେହିପରି ଗତ ୮ ତାରିଖରେ ଏହି ଅନୁଷ୍ଠାନରେ ନୂଆ ଓଡ଼ିଶା ଯୁବ ଓଡ଼ିଶା ତରଫରୁ ସାମାଜିକ କାର୍ଯ୍ୟକ୍ରମ ଆଧାରରେ ସ୍ଥାନୀୟ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମକର୍ତ୍ତାଙ୍କ ଦ୍ୱାରା ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂଆ-ଓ ସାମାଜିକ କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବେଲଗୁଣ୍ଠା,୨୦।୧୨
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂଆ-ଓ ସାମାଜିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟ ଅତିଥି, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ପ୍ରାକ୍ତନ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ, ଗୋବରା ପଞ୍ଚାୟତର ସମିତିସଭ୍ୟ ବିଭୁ ପାଦ ଜେନା ପ୍ରମୁଖ ଯଥାକ୍ରମେ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ସମାଜର ଉନ୍ନତିକଳ୍ପେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆ -ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଦେବେଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସାମାଜିକ କାର୍ଯ୍ୟ ସଂଯୋଜକ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର ମାସ ବ୍ୟାପୀ ଚାଲିଥିବା ସାମାଜିକ କାର୍ଯ୍ୟର ବିବରଣୀ ପାଠ କରିଥିଲେ। ସାମାଜିକ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଅଧ୍ୟାପକ ଦିପୁ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାଗ ୩୦ ପଇସାରୁ ୧୦ ଟଙ୍କା

ଦାରିଙ୍ଗବାଡି,୨୦।୧୨(ଅରୁଣ ସାହୁ)

■ ୧୫ ବର୍ଷରେ ଭାଗ୍ୟ ପରିବର୍ତ୍ତନ କଲା ବ୍ୟବସାୟ

■ ସଫଳ ଚାଷୀ ଯୁଧିଷ୍ଠିରଙ୍କ ସଫଳ କାହାଣୀ

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ମୁଖ୍ୟ ଚାଷ ହଳଦୀରୁ ଚାଷୀ ମୁହଁ ଫେରାଇ ନେଲେଣି। ଉଦ୍ୟାନ ଚାଷ କରି ଏବେ ଚାଷୀ ଲାଭବାନ ହେଉଥିବା ବେଳେ ନିଜ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏଭଳି ଜଣେ ଉଦ୍ୟାନ ଚାଷରେ କେବଳ ଶାଗ ଚାଷ କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ମହୁ, ଦେଶୀ କୁକୁଡ଼ା ପାଳନ ସହ ଗୋପାଳନ, ଛେଳି ଆଦି ଚାଷ କରି ପରିବାର ପ୍ରତିପୋଷଣ କରିବା ସହ ଝିଅକୁ ଆଇନ ପାଠ ପଢ଼ାଉଥିବା ବେଳେ ପୁଅ ବିଜ୍ଞାନରେ ଡିଗ୍ରୀ କରୁଛନ୍ତି। ଏଭଳି ଜଣେ ସଫଳ ଚାଷୀ ହେଉଛନ୍ତି ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଉକ୍ତ ବ୍ଲକ ସାନିକେତା ପଞ୍ଚାୟତ ସୁଗାନକେତା ଗ୍ରାମର ଯୁଧିଷ୍ଠିର ପ୍ରଧାନ। ସେ ଗତ ୧୫ବର୍ଷ ଧରି ଅଦା, ହଳଦୀ ଚାଷ ଛାଡି ଶାଗ ଚାଷ କରି ସଫଳତା ପାଇଛନ୍ତି। ଶାଗ ବିଡା ୩୦


ଶାଗ ଚାଷୀ ଯୁଧିଷ୍ଠିର ପ୍ରଧାନ।

ପଇସାରୁ ବିକ୍ରି ଆରମ୍ଭ କରିଥିବା ଯୁଧିଷ୍ଠିର ଏବେ ଶାଗ ବିଡ଼ାକୁ ୧୦ ଟଙ୍କାରେ ବିକ୍ରି କରୁଛନ୍ତି। ଜୈବିକ ପଦ୍ଧତିରେ ଏହି ଚାଷ କରୁଥିବା ବେଳେ ଗୋପାଳନ କରୁଥିବାରୁ ଯେଉଁ ଗୋବର ଖତ ସଂଗ୍ରହ କରନ୍ତି ତାକୁ ସେ ଚାଷରେ ବ୍ୟବହାର କରି ଯଥେଷ୍ଟ ଶାଗ ଅମଳ କରୁଥିବା କହିଛନ୍ତି। ଗତ ୧୫ବର୍ଷ ପୂର୍ବରୁ ପାରମ୍ପରିକ ହଳଦୀ, ଅଦା, କାନ୍ଦୁଲ, ବିରି, ମୁଗ ଆଦି ଚାଷ କରୁଥିଲେ ହେଲେ ଯେତିକି ଚାଷରେ ସେ ଖର୍ଚ୍ଚ କରୁଥିଲେ ତାହାଠାରୁ ଯଥେଷ୍ଟ କମ୍ ଅମଳ ହେଉଥିଲା ଫଳରେ ସେ ସାହୁକାରଠାରୁ ଆଣୁଥିବା ଋଣ ଶୁଝି ପାରୁ ନ ଥିଲେ, ପରିବାର ଚଳାଇବା ମୁସ୍କିଲ ହୋଇପଡ଼ିଥିଲା। ଫଳରେ ଯୁଧିଷ୍ଠିର ଏବଂ ତାଙ୍କ ବାପା ଏବେ ଶାଗ ଚାଷ ଆରମ୍ଭ କରିଥିଲେ । ପ୍ରଥମେ ସେ ନିଜ ଗାଁରେ ଶାଗ ବିକ୍ରି ଆରମ୍ଭ କରିଥିଲେ ସେହି ସମୟରେ ମାତ୍ର ୩୦ ପଇସାରେ ଶାଗ ବିଡ଼ା ବିକ୍ରି କରୁଥିଲେ ସେତିକିରେ ମଧ୍ୟ ପରିବାର ଚଳିବା କଷ୍ଟ ଥିଲା। ଫଳରେ ସେ ଏହି ଚାଷକୁ ବୃଦ୍ଧି କଲେ ପରିବାରରେ ଯୁଧିଷ୍ଠିରଙ୍କ ବାପା, ମା ଓ ସାନ ଭାଇ ସହଯୋଗ କଲେ । ଏବେ ସେ ଏହି ଚାଷରେ ବଡ଼ ସଫଳତା ପାଇଛନ୍ତି। ସେ କୁହନ୍ତି ମାତ୍ର ଏକ ମାସରେ ଶାଗ ଅମଳ ହେଉଥିବାରୁ ଏହି ଚାଷ ତାଙ୍କୁ ଫାଇଦା ଦେଉଛି । ଅନ୍ୟ ପକ୍ଷରେ ସେ ଜୈବିକ ପଦ୍ଧତିରେ ଏହି ଚାଷ କରୁଥିବାରୁ ଗ୍ରାହକମାନେ ତାଙ୍କ ଶାଗକୁ ଅପେକ୍ଷା କରି ରହିଥାନ୍ତି ଓ କିଛି ଗ୍ରାହକ ତାଙ୍କ ଘର ନିକଟରେ ପହଞ୍ଚିଥାନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପ୍ରଫୁଲ୍ଲ ମହାରଣାଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର

ବାଲିଚନ୍ଦ୍ରପୁର,୨୦ା୧୨(ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ହସ୍ତଶିଳ୍ପୀ କାରିଗର ପ୍ରଫୁଲ ମହାରଣାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଫୁଲ କାଠ ଖୋଦାଇ ଶ୍ରୀଗଣେଶଙ୍କ ଏକ ଦନ୍ତ ଅବତାର ମୂର୍ତ୍ତି ନିର୍ମାଣକରି ବିଚାରକମଣ୍ଡଳୀଙ୍କ ଦ୍ୱାରା ମନୋନୀତ ହୋଇ ଏହି ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଥିଲେ। ଭୁବନେଶ୍ୱର ଜନତା ମଇଦାନରେ ତୋଷାଳି ମେଳାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ରୀତା ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା, ବିଭାଗୀୟ ସଚିବ ଡ. ଅରବିନ୍ଦ ପାଢ଼ୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ପଦ୍ମଶ୍ରୀ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରଫୁଲଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଟ୍ରଫି ସହ ଏକ ୧ ଲକ୍ଷ ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ପାଇବା ପରେ ପ୍ରଫୁଲଙ୍କୁ ବିଧାୟକ ଅମର ପ୍ରସାଦ ଶତପଥୀ, ଆମ୍ୱା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ଯାଜପୁର ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ ମହାନ୍ତି, ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ସୁଶାନ୍ତ ଦାସ ଓ ମହେଶ୍ୱର ଓଝା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଏଥିପୂର୍ବରୁ ପ୍ରଫୁଲଙ୍କୁ ରାଜ୍ୟ କଳାକୃତି ପୁରସ୍କାର ପ୍ରଦାନ କରାଯାଇଥିଲା।

### ଗଣ୍ଡଗୋଳ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

ଚଣ୍ଡିଖୋଲ,୨୦ା୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ପଶି ଗଣ୍ଡଗୋଳ କରିବା ମାମଲାରେ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ସହକାରୀ ଜିଲା ଦୌରାଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ୧୬ ତାରିଖରେ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୧୬ ଡିସେମ୍ବର ୧୮ରେ ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ ସେହି ଥାନା ଅନ୍ତର୍ଗତ ସାରୋଇ ଗ୍ରାମର ସମର ପଣ୍ଡା ପଶି ଗଣ୍ଡଗୋଳ କରିବା ସହ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଏନେଇ ବିଦ୍ୟୁତ୍ ବିତରଣ କମ୍ପାନୀର ଜୁନିୟର ମ୍ୟାନେଜର ଅସିତ କୁମାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୫୭/୧୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଅଦାଲତ ବିଚାର କରି କୌଣସି ସାକ୍ଷ୍ୟ ପ୍ରମାଣ ଠିକ ନ ଥିବା ଦର୍ଶାଇ ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ପୂର୍ବତନ ସଭାପତି ପ୍ରତାପ ଦାସ, କୈଳାସ ଚନ୍ଦ୍ର ସାମଲ, ବିଜୟ ରାଉଳ ଓ ଚିନ୍ମୟ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

### ଧର୍ମଶାଳା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

ଧର୍ମଶାଳା,୨୦ା୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଜାରକା ଶଙ୍ଖାରୀଡ଼ିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷା ସାବିତ୍ରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଶିକ୍ଷାବିତ ଶୁଭଙ୍କର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ରଞ୍ଜିତା ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ତପନ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରିରୀକ ଓ ବୌଦ୍ଧିକ ବିକାଶରେ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହାୟକ ହୋଇପାରିଛି ବୋଲି କହିଥିଲେ। ଯାଜପୁର ପୂର୍ବତନ ଏମ୍‌ପି ରୀତା ତରାଇ, ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ଓ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଜୟନ୍ତ ସାହୁ ଯୋଗଦେଇ ସ୍କୁଲର ନୂତନ ତୋରଣକୁ ଉଦ୍‌ଘାଟନ କରି ଶୃଙ୍ଖଳିତ ଶିକ୍ଷା ହିଁ ସମାଜଗଠନର ମୁଖ୍ୟ ଆୟୁଧ ବୋଲି କହିଥିଲେ। ଆସନ୍ତା ୨୩ ତରିଖରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହେବ ଓ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ ସଂଯୋଜକ ରାମଚନ୍ଦ୍ର ନାୟକ ସୂଚନା ଦେଇଥିଲେ। ଶିକ୍ଷକ ସୋମନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅଧାରୁ କାମ ବନ୍ଦ, ଠିକାଦାର ଛୁ

ଯାଜପୁର,୨୦ା୧୨ (ହର୍ଷବର୍ଦ୍ଧନ ବେହେରା) : ଯାଜପୁର ଜିଲାର ବିଭିନ୍ନ ରାସ୍ତା ଘାଟର ନିର୍ମାଣର ଓ ସମ୍ପ୍ରସାରଣ କାର୍ଯ୍ୟ ହେଉଥିବା ବେଳେ ବିଞ୍ଝାରପୁର ବ୍ଲକ କଏଣା–ରଘୁନାଥପୁର ପଞ୍ଚାୟତର ଅନେକ ରାସ୍ତାଘାଟ ପଛରେ ପଡି ରହିଛି। ଦୀର୍ଘ ୩୦ ବର୍ଷ ତଳେ ନିର୍ମାଣ କରାଯାଇଥିବା କଏଣା–ସୟଦପୁର ରାସ୍ତାଟି ଏବେ ଖାଲ ଢିପରେ ପରିଣତ ହୋଇଛି। ଏନେଇ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗୀୟ ଅଧିକାରୀଙ୍କ ନିକଟରେ ଯେତେ ଆପତ୍ତି ଅଭିଯୋଗ କରୁଥିଲେ ହେଁ କିଛି ସୁଫଳ ମିଳୁ ନ ଥିବା ମତପ୍ରକାଶ ପାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି। ଏହି ରାସ୍ତାଟିର ପୁନଃନିର୍ମାଣ ନିମନ୍ତେ ଗ୍ରାମର ବରିଷ୍ଠ ନାଗରିକ ପକ୍ଷରୁ ଜିଲାପାଳ, ବିଡିଓ ଓ ଆରଡି ବିଭାଗକୁ ଦୀର୍ଘ ୧୦ ବର୍ଷ ଧରି ଦାବୀ ଉପସ୍ଥାପନ କରିଥିଲେ । ଏବେ ସୟଦପୁର ଛକଠାରୁ ୨୦୦ ମିଟରର ରାସ୍ତା ନିର୍ମାଣ ପାଇଁ ହଠାତ ଠିକାଦାର ପହଞ୍ଚି ୨ ଇଞ୍ଚ ବିଶିଷ୍ଟ କଂକ୍ରିଟ ବିଛାଇ ଦେଇ ରାସ୍ତାର ଦୁଇପାଖ ଖୋଳି ଦେଇ ଛୁ ମାରିଛନ୍ତି। ସୂଚନା ଅନୁଯାୟୀ, ଏହି ରାସ୍ତା କାମ ପାଇଁ ୭ ଲକ୍ଷ ଟଙ୍କା ୨୦୨୧ ରୁ ମଞ୍ଜୁର ହୋଇଛି। ୨୦୨୨ ମାର୍ଚ୍ଚ ସୁଧା ରାସ୍ତାଟି ନିର୍ମାଣ ସରିବା କଥା। ମାତ୍ର ୨୦୨୩ ଡିସେମ୍ବରରେ ଅତି ନିମ୍ନମାନର ନିର୍ମାଣ କରାଯାଇ ଟଙ୍କା ଉଠାଇନେବା ପାଇଁ ସମ୍ପୃକ୍ତ ଠିକାଦାର ଉଦ୍ୟମ କରିଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ରାସ୍ତା କାମ ନିର୍ମାଣ ହେବା ସମୟରେ କୌଣସି ଅଫିସର କିମ୍ବା ଯନ୍ତ୍ରୀ ନ ଆସିବାରୁ ଠିକାଦାର ନିମ୍ନମାନର ସିମେଣ୍ଟ ବ୍ୟବହାର କରିଛନ୍ତି। ଏହା ଉପରେ ଅଭିଯୋଗ ହେବାରୁ ଠିକାଦାର ଅଧାରୁ କାମ ବନ୍ଦ କରିଦେଇ ଗ୍ରାମବାସୀଙ୍କୁ ହଇରାଣରେ ପକାଇ ଦେଇଛନ୍ତି ବୋଲି ମତପ୍ରକାଶ ପାଇଛି। ଏହି ପଞ୍ଚାୟତର ଅନ୍ୟ ରାସ୍ତାଗୁଡିକ ମଧ୍ୟ ଭାଙ୍ଗିରୁଜି ଯାଇଥିବାବେଳେ ଲୋକଙ୍କ ଦାବିକୁ କେହି ଶୁଣୁ ନାହାନ୍ତି। ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ତଦନ୍ତ କରିବାକୁ ଏବଂ ଉପଯୁକ୍ତ ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।

କଏଣା-ସୟଦପୁର ରାସ୍ତା କାମ ବନ୍ଦ



# ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ବିରୋଧ

ବରୀ,୨୦ା୧୨(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ଅଯାଣ ଛକଠାରେ ମୋ ବ୍ୟାଙ୍କ ପାଇଁ ଏକ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିସହିତ ଏହି ବ୍ୟାଙ୍କ ସମ୍ମୁଖରେ ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇ ଏକ ହାଟ ଚାଲୁ ରହିଛି। ମାତ୍ର ମୋ ବ୍ୟାଙ୍କ ଓ ହାଟ ମଝିରେ ସରକାରଙ୍କ ତରଫରୁ ୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ତେଣୁ ଏଭଳି ଅସୁରକ୍ଷିତ ସ୍ଥାନରେ ଗୋଷ୍ଠୀକେନ୍ଦ୍ର ନିର୍ମାଣକୁ ସ୍ଥାନୀୟ ମହିଳାମାନେ ତୀବ୍ର ବିରୋଧ କରିଛନ୍ତି। ଏଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ହେଲେ ଅସାମାଜିକ ଯୁବକମାନଙ୍କ ଆଡ୍ଡା ଜମିବ। ଫଳରେ ମହିଳାମାନେ ବ୍ୟାଙ୍କ ସେବା ପାଇବା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ ବୋଲି ମହିଳା ନେତ୍ରୀ ସୁକାନ୍ତି ମଲ୍ଲ ଓ ଜ୍ୟୋତିରେଖା ପ୍ରଧାନ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଏହି ଗୋଷ୍ଠୀ କେନ୍ଦ୍ର ଗୋଚର ଜମିରେ ହେଉଥିବା ଜଣାପଡ଼ିବା ପରେ ବି ବ୍ଲକ ଅଧ୍ୟକ୍ଷ, କନିଷ୍ଠ ଯନ୍ତ୍ରୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଉପସ୍ଥିତ ରହି ଏହାର ଶିଳାନ୍ୟାସ କରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହେଇଛି। ଗୋଚର ଜମିରେ କାର୍ଯ୍ୟ ହେଉଥିବା ଅଭିଯୋଗ ସମ୍ପର୍କରେ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଯଦି ଏହା ଗୋଚର ଜମି ହୋଇଥାଏ ଏବଂ ନିୟମ ବର୍ହିଭୁତ କାର୍ଯ୍ୟ ହୋଇଥାଏ ତେବେ ତହସିଲ ପ୍ରଶାସନ ତରଫରୁ ଠିକାଦାରଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି।




# ବୁଣାକାର ସଚେତନତା, ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ବୁଣାକାର ଓ ଅନ୍ୟମାନେ।

ରସୁଲପୁର,୨୦ା୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗାଁ ପାଲାମଣ୍ଡପଠାରେ ବୁଣାକାରମାନଙ୍କ ପାଇଁ ଏକ ସଚେତନତା ସଭା ଓ ଆଲୋଚନାଚକ୍ର କଟକ ବୟନ ମଣ୍ଡଳ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ ବୟନମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ଅଧକ୍ଷତା କରିଥିଲେ। ଆଲୋଚନାଚକ୍ରରେ ବୁଣାକାରମାନଙ୍କ ସହାୟତା ଯୋଜନାରେ ରହିଆସୁଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରାଯାଇଛି। ବଳିଆ ଯୋଜନାରେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ, ବୟନଜ୍ୟୋତି ଯୋଜନାରେ ପୂର୍ବରୁ ଆଲୋକୀକରଣ ପାଇଁ ସୁବିଧା ହାତେଇଥିବା ହିତାଧିକାରୀଙ୍କୁ ପୁନଃ ସାମିଲ ସୁଯୋଗ, ଆବାସ ପାଇଥିବା ବୁଣାକାର ପରିବାରକୁ ତନ୍ତଶାଳା ମିଳିବା, ତାଲିମ ଶିବିରରେ ସାମିଲ ଶିବିରାର୍ଥୀଙ୍କ ଷ୍ଟାଇପେଣ୍ଟ୍ ରାଶି ବୃଦ୍ଧି, ସମ୍ବଳ ଅଧିକାରୀଙ୍କ ପାରିଶ୍ରମିକ ବୃଦ୍ଧି, ବୁଣାକାରଙ୍କୁ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ପାଇଁ ରାଜ୍ୟ ବାହାରର ବିଭିନ୍ନ କର୍ମଶାଳସ୍ଥଳ ଭ୍ରମଣର ସୁଯୋଗ ଭଳି ବହୁ ଯୁଗାନ୍ତକାରୀ ଯୋଜନାରେ ପରିବର୍ତ୍ତନ ଘଟିଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ରହିଥିବା ନିୟମକାନୁନ୍‌ରେ ପରିବର୍ତ୍ତନ ଘଟାଯାଇଛି। ମୁଖ୍ୟମନ୍ତ୍ରୀ ବୁଣାକାରଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଯୋଜନାଗୁଡ଼ିକୁ ସରଳ ଓ ସହଜ କରିଛନ୍ତି। ଏନେଇ ବୁଣାକାରଙ୍କ ପକ୍ଷରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲା। ଆଗକୁ ବୁଣାକାରମାନେ ଅନଲାଇନ ମାଧ୍ୟମରେ ବିଭିନ୍ନ ଯୋଜନା ପାଇଁ ଆବେଦନକରି ସୁବିଧା ହାସଲ କରିପାରିବେ ବୋଲି ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥି ସମିତିସଭ୍ୟ ପୂର୍ଣ୍ଣାନନ୍ଦ ପଲେଇ, ଶ୍ରୀବିଷ୍ଣୁ ବୁଣାକାର ସମିତି ସଭାପତି ରମେଶ ଦାସ, ଓଡ଼ିଶା ବୁଣାକାର ମହାସଂଘ ସଭାପତି ଶ୍ରୀଧର ବେହେରା, ବୁଣାକାର ଶ୍ରୀକାନ୍ତ ଦାସ, ଭରତ ଦାସ, ଲକ୍ଷ୍ମୀପ୍ରିୟା ଦାସ, ଯୁବନେତା ଚର୍ତ୍ତୁଭୁଜ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବୁଣାକାର ସଂଗଠନର ମୁଖ୍ୟ ଅଶୋକ ଗୁଇଁ, ମକରଧ୍ୱଜ ଗୁଇଁ, ଅନନ୍ତଚରଣ ଦାସ, ବିଶ୍ୱନାଥ ଦାସ, ଦିଲୀପ ଦତ୍ତଙ୍କ ସମେତ ୨ ବୁଣାକାର ପୁଞ୍ଜର କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଟକ ବୟନମଣ୍ଡଳ ଉପନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ପକ୍ଷରୁ ବୟନ ନିରୀକ୍ଷକ ଦୁଷ୍ମନ୍ତ ପାତ୍ର, ତାରିଣୀ ପ୍ରସାଦ ଛାଟୋଇ, ବୟନ ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ର, ବୈଷ୍ଣବ ଚରଣ ବେହେରା, ଶ୍ରୀନିବାଶ ସୁର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ବିଧାୟିକା ଦାସ ୭ଜଣ ବିଧବା ବୁଣାକାରଙ୍କୁ ଶାଢ଼ୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୦୦୦ରୁ ଉର୍ଦ୍ଧ୍ୱ ବୁଣାକାର ସାମିଲ ହୋଇଥିଲେ। ବୁଣାକାର ନେତା ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

### ୨୯ରୁ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ

ଯାଜପୁର ଟାଉନ,୨୦ା୧୨ (ପ୍ରଯନ୍ତା ପ୍ରିୟଦର୍ଶନୀ ମହାନ୍ତି): ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆସନ୍ତା ୨୯ ତାରିଖରୁ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ୨୦୨୩–୨୪ ଯାଜପୁର ବ୍ଲକ୍ ଅନ୍ତର୍ଗତ ନାଥସାହି ନୂଆପଡ଼ା କ୍ରିକେଟ୍ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଜଳସେଚନ ବିଭାଗ ଡାକବଙ୍ଗଳାରେ ଜିଲା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ଜ୍ଞାନଚାନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଆୟୋଜନ କମିଟି କର୍ମକର୍ତ୍ତା ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ, ଧର୍ମେନ୍ଦ୍ର ସାହୁ, ଆଶିଷ ମହାନ୍ତି, ସ୍ୱସ୍ତିକ ପହି, ଦିବାକର କର, ବିଶ୍ୱଜିତ ଦାସ ଓ ଶରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀର ସୂଚନା ଅନୁଯାୟୀ, ଅଶୋକ ଦାସ ଫାଉଣ୍ଡେଶନ ସହାୟତା, ଜିଲା କ୍ରିକେଟ୍ ଆସୋସିଏଶନ ତତ୍ତ୍ୱାବଧାନ ଓ ଯାଜପୁର ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ ଆୟୋଜନରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଜାନୁୟାରୀ ୭ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟରେ ଯାଜପୁର ୧୦ଟି କ୍ରିକେଟ୍ ଟିମ୍ ଯୋଗଦେବେ। ଏହି ଟୁର୍ନାମେଂଟ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ବୈଷୟିକ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯିବ। ମ୍ୟାଚ୍‌ରେ ଚାମ୍ପିୟନ ଦଳକୁ ୮୦ହଜାର ଓ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଧର୍ମଶାଳା ମହାବିଦ୍ୟାଳୟ ଅଧକ୍ଷ ରକ୍ତଦାନ କରୁଛନ୍ତି।

ଧର୍ମଶାଳା,୨୦ା୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମହାବିଦ୍ୟାଳୟ ରେଡ୍‌କ୍ରସ ୟୁନିଟ, ଜାତୀୟ ସେବା ଯୋଜନା ଓ ସ୍କାଉଟ ଗାଇଡ୍ ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଜୟନ୍ତ ସାହୁ ଏହାକୁ ଉଦଘାଟନ କରି ପ୍ରଥମେ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟର ବର୍ତ୍ତମାନ, ପୁରାତନ ଛାତ୍ରଛାତ୍ରୀ, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ମୋଟ୍ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେଣ୍ଟ୍ରାଲ ବ୍ଲଡ ବ୍ୟାଙ୍କ କଟକ ପକ୍ଷରୁ ଡା. ସତ୍ୟସ୍ୱରୂପ ନାୟକ, କୋଅର୍ଡିନେଟର ଅବିନାଶ ଦାଶ ଓ ରଞ୍ଜନ ଦାଶ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଯୁକ୍ତ ୩ର ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଅରବିନ୍ଦ ମହାନ୍ତି ଓ ଯୁକ୍ତ ୨ ନୋଡାଲ ଅଧିକାରୀ ଡ. ବସନ୍ତ ତ୍ରିପାଠୀ ରକ୍ତଦାନ କରିବା ସହିତ ଶିବିରକୁ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ନିଗମାନନ୍ଦ ବିଶ୍ୱାଳ, ସ୍ୱରୂପାନନ୍ଦ ପଣ୍ଡା, ଡ. ଆରତୀ ଶତପଥୀ, ସୁରେଶ ଚନ୍ଦ୍ର ଦାସ, ଅଧ୍ୟାପିକା ଡ. ସସ୍ମିତା ସାମଲ, ଦେବସ୍ମିତା ଦାସ, ଶ୍ରୀପଦା ପ୍ରିୟଦର୍ଶନୀ, ଆରାଧନା ସେଠୀ, ସ୍ୱାଗତିକା ପ୍ରିୟଦର୍ଶନୀ, ଅଧ୍ୟାପକ ପ୍ରଦୀପ ସାମଲ ଓ ପିନାକୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ସିଂହପୁରରେ ନୂତନ ଭତ୍ତା ବଣ୍ଟନ

ସିଂହପୁର,୨୦ା୧୨(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଞ୍ଚାୟତରେ ୯୮ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ସରପଞ୍ଚ ଶଶାଙ୍କ ଶେଖର ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁଶାନ୍ତ ନାୟକ, ନାରାୟଣ ଚନ୍ଦ୍ର ଦାସ, ସୁଧାଂଶୁ ବାଳା ନାୟକ, ମଞ୍ଚ ସଭାପତି ପଦ୍ମନାଭ ଦାଶ ଓ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ମଳୟ ଥାଟୋଇ, ରବୀନ୍ଦ୍ର ଖିଲାର, କାହ୍ନା ସୌରଭ, ସମରେନ୍ଦ୍ର ବେଉରିଆ ଓ ସଞ୍ଜୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା ମେଳା

ଝୁଞ୍ଜୁରୀ,୨୦ା୧୨(ସରୋଜ ନାୟକ): ଦଶରଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ତରଫରୁ ଏକ ସ୍ୱାସ୍ଥ୍ୟ ସଚେତନତା ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଡ. କାହ୍ନୁଚରଣ ମିଶ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିଷେକ ରାଉତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇଥିଲେ। ନୋଡାଲ ଅଫିସର କୈଳାସ ଚନ୍ଦ୍ର ସେନାପତି ଯୋଗଦେଇ ଯୁବପିଢ଼ି କିପରି ନିଶାସକ୍ତ ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ତାହାର କାରଣ ଓ ନିରାକରଣ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ମେଳାରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଡାକ୍ତରଙ୍କଠାରୁ ବିଭିନ୍ନ ପ୍ରକାର ଔଷଧ ନେଇଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି, ଅନୁରାଧା ଖୁଣ୍ଟିଆ, ଅମିତାଞ୍ଜଳି ନନ୍ଦ, ରାମଚନ୍ଦ୍ର ସାହୁ, ସୁରେଶ ପାଢ଼ୀ, ସ୍ନେହାମୟୀ ତ୍ରିପାଠୀ, ମନୋଜ କର ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ସଚେତନତା ମେଳାରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟମାନେ।

# ଭାଗନେଲେ ୭୭୩ ପ୍ରତିଯୋଗୀ

## ଜିଲାସ୍ତରୀୟ ଶିଶୁ ମହୋତ୍ସବ

ରସୁଲପୁର,୨୦ା୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ କୋଳଥଳସ୍ଥିତ କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟ ପରିସରରେ ରସୁଲପୁର ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ୨୮ତମ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ୧୦୫ ବିଦ୍ୟାଳୟରୁ ୭୪୮ ଓ ଜିଲାର ୫ ବ୍ଲକରୁ ୨୫ଜଣଙ୍କୁ ମିଶାଇ ମୋଟ୍ ୭୭୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ଓଡ଼ିଆ ହସ୍ତାକ୍ଷର, ଆବୃତ୍ତି, ଚିତ୍ରାଙ୍କନ, ଗଣିତ କୌତୁକ, ସଂଗୀତ, ତର୍କ, ପ୍ରବନ୍ଧ ଲିଖନ, ଏକକ ଅଭିନୟ, ସାଧାରଣଜ୍ଞାନ ଓ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହୋତ୍ସବକୁ ୨ ଅଧିବେଶନରେ ବିଭକ୍ତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଆଲୋଷ୍ଟା ରସୁଲପୁର ଶାଖା ସଂଘର ସଭାପତି ଅରୁଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର, ମୁଖ୍ୟବକ୍ତା ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ ଦାସ, ସମ୍ମାନିତ ଅତିଥି ଯୁଗ୍ମ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକାଶ ପଣ୍ଡା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତିଲତା ରାଉତ, ଅରୁଣ ସେଠୀ, ଶିକ୍ଷକନେତା ଚନ୍ଦ୍ରଶେଖର ସ୍ୱାଇଁ, ହୃଷୀକେଶ ସାମଲ, ଦେବକୀ ପାତ୍ର, ପ୍ରମୋଦ ଚନ୍ଦ୍ର ପ୍ରଧାନ, ପ୍ରଦୀପ ସାମଲ, ସୁବାସ ଚନ୍ଦ୍ର ପାଢ଼ୀ ଓ ଶ୍ୟାମସୁନ୍ଦର ଦାଶ ପ୍ରମୁଖ ଯୋଗଦେଇ ସଂଘ ପତାକା ଉତ୍ତୋଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।

ଦ୍ୱିତୀୟ ଅଧିବେଶନ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଲୋଷ୍ଟାର ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ସମ୍ମାନିତ ଅତିଥି କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଶିକ୍ଷକନେତା ବ୍ରହ୍ମାନନ୍ଦ ମହାରଣା, ବିଭୁତି ଭୂଷଣ ପାଳ, ବିକ୍ରମ କେଶରୀ ଦାସ, ଧନଞ୍ଜୟ କେଶରୀ ରାଉତରାୟ, ପ୍ରଭଞ୍ଜନ ପତି, ଗଗନ ବିହାରୀ ଜେନା, ସୁଦାମ ଚରଣ ରାଉତ ଓ ନୀଳମଣି ଲେଙ୍କା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ବ୍ଲକ ଅଧୀନ ୪୪ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୫ ପ୍ରମୁଖ ବିଦ୍ୟାଳୟକୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଏଥିସହ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବରଧାରୀ ବିଦ୍ୟାର୍ଥୀ, ୫ ଏନ୍‌ଆର୍‌ଟିଏସ୍ ବୃତ୍ତିଧାରୀ, ୭ଜଣ ୫ମ ଶ୍ରେଣୀ ବୃତ୍ତିଧାରୀ ଓ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମେରିଟ୍ ତାଲିକାରେ ଅନ୍ତର୍ଭୁକ୍ତ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବା ସହ ଅର୍ଥରାଶି ସହାୟତା ପ୍ରଦାନ କରାଯାଇଥିଲା। ପ୍ରଦୀପ ସାମଲ ମଞ୍ଚ ସଞ୍ଚାଳନ କରିଥିଲେ। ୧୧୦ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଅବିନାଶ ଆଏଚ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।



ଶିଶୁ ମହୋତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**୧୨ ଗ୍ରାମ ବ୍ରାଉନ ସୁଗାର ଜବତ, ୨ ଗିରଫ**

କୁଜଙ୍ଗ, (ମନୋଜ ପ୍ରଧାନ) : ପାରାଦୀପ ଲକ୍ ଥାନା ଅନ୍ତର୍ଗତ କୁଜଙ୍ଗ ବ୍ଲକ ବିଶ୍ୱାଳି ଶ୍ମଶାନ ପଡ଼ିଆରେ ପାରାଦୀପଗଡ଼ ଗାଁର ଶ୍ୟାମଚନ୍ଦ୍ର ମଲ୍ଲିକ (୨୧) ଓ କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗାଁର ନିବାସ ସ୍ୱାଇଁ (୪୭) ସନ୍ଦେହଜନକ ଅବସ୍ଥାରେ ଛିଡା ହୋଇଥିଲେ। ପାରାଦୀପ ଲକ୍ ପୋଲିସ ପକ୍ଷରୁ ପେଟ୍ରୋଲିଂରେ କରୁଥିବା ବେଳେ ସନ୍ଦେହରେ ୨ଜଣଙ୍କୁ କାବୁ କରିବା ପରେ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେମାନଙ୍କ ନିକଟରୁ ୧୧ ଗ୍ରାମ ୭୪ ମିଲିଗ୍ରାମ ବ୍ରାଉନସୁଗାର ସମେତ ଗୋଟିଏ ମୋବାଇଲ, ଏକ କମ୍ପାନୀର କି ପ୍ୟାଡ ସେଟ ଓ ୫ ଶହ ଟଙ୍କା ଜବତ କରାଯାଇଥିଲା। ପୋଲିସ ନଂ.୫୬୬/୨୩ରେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ନାବାଳିକା ଅସଦାଚରଣକାରୀଙ୍କୁ ୫ ବର୍ଷ ଜେଲ

ଜଗତ୍‌ସିଂହପୁର, ୨୦।୧୨ (ପ୍ରମୋଦ କୁମାର ନାୟକ)

୨୦୧୯ରେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ପୋକସୋ କୋର୍ଟ ବିଚାରପତି ମୋନାଲିସା ମହାନ୍ତି ଅଭିଯୁକ୍ତ ବିରିଡ଼ି ଥାନା ବମ୍ଫିଲୋ ଗ୍ରାମର ଶିଶିର ମଲିକଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏଥିସହ ପୀଡିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବ ମାଝି କହିଛନ୍ତି,୧୫।୫।୧୯ ଅପରାହ୍ଣ ୫ଟାରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ୪ ବର୍ଷର ନାବାଳିକା ତାଙ୍କ ଘର ପାଖ ଦାଣ୍ଡରେ ଖେଳୁଥିବା ବେଳେ ଶିଶିର ଚକୋଲେଟ୍ ଏବଂ କୁରକୁରେ ଦେଖାଇ ଆକର୍ଷିତ କରିଥିଲେ। ପରେ ଟେକି ନେଇ କିଛି ଦୂର ଦେବୀ ନଦୀ ପଠା ନିଛାଟିଆ ସ୍ଥାନରେ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ନାବାଳିକା ଚିତ୍କାର କରିବାରୁ ଶିଶିର ମାଡ଼ ମାରି ତଣ୍ଟିକୁ ଚିପି ନଦୀ ପଠାରେ ପକାଇ ଦେଇ ପଳାଇଥିଲେ। ପରେ ପରିବାର ପକ୍ଷରୁ ଖୋଜାଖୋଜି କରି ନାବାଳିକାଙ୍କୁ ନଦୀ ବାଲିରୁ ଅଚେତ ଅବସ୍ଥାରେ ଉଦ୍ଧାର ପରେ ବିରିଡି ଥାନାରେ ଅଭିଯୋଗ ହୋଇଥିଲା। ପୀଡିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଥାନା ନଂ. ୫୭/୧୯ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୧୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

### ତନ୍ତ୍ର ନାଁରେ ଠକେଇ ଅଭିଯୋଗ

କୁଜଙ୍ଗ, ୨୦।୧୨ (ମନୋଜ ପ୍ରଧାନ)

ବିଜ୍ଞାନର ଅଗ୍ରଗତି ଶୀର୍ଷରେ ପହଞ୍ଚିଥିବାବେଳେ ପୁରୁଣା ଅନ୍ଧ ବିଶ୍ୱାସକୁ ବିଶ୍ୱାସ କରି ଆଜିର ମଣିଷ କିପରି ଠକେଇର ଶିକାର ହୋଇଛି ତାହା କୁଜଙ୍ଗ ଅଞ୍ଚଳରେ ଆଲୋଚନାର ପ୍ରସଙ୍ଗ ହୋଇଛି। କୁଜଙ୍ଗ ଥାନା ଅଞ୍ଚଳର ପାପା ଖାଁ ନାମକ ବ୍ୟକ୍ତି ତନ୍ତ୍ର ନାଁରେ ପାରାଦୀପଗଡ଼ର ଜଣେ ମହିଳାଙ୍କ ପାରିବାରିକ ଅସନ୍ତୋଷ ଦୂର କରିଦେବେ ବୋଲି କହି ୨୦ ହଜାର ଟଙ୍କା ନେଇଥିଲେ। ହେଲେ ପାରିବାରିକ କଳହ ସମାଧାନ ନ ହେବାରୁ ମହିଳା ଜଣ ତାନ୍ତ୍ରିକ ପାପାଙ୍କୁ ଟଙ୍କା ମାଗିବାରୁ ସେ ତାଙ୍କୁ ମାରଧର କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏମିତିକ ତାନ୍ତ୍ରିକଙ୍କ କଥାରେ ପଡି ମହିଳା ଜଣକ ମା' ସହ ତାନ୍ତ୍ରିକଙ୍କ ଘରେ ୬ ମାସ କାଳ ରହିଥିଲେ ବୋଲି କହିଛନ୍ତି। ଥାନାରେ ଏଭଳି ଠକେଇ ଅଭିଯୋଗ ମଙ୍ଗଳବାର ହେବା ପରେ ଆଇଆଇସି ରଶ୍ମି ରଞ୍ଜନ ଦାସ ତାନ୍ତ୍ରିକ ପାପାଙ୍କୁ ଆଣି ଥାନାରେ ରଖିବା ସହ ୫୪୪/୨୩ରେ ମାମଲା ରୁଜୁ କରିଛନ୍ତି। ତାନ୍ତ୍ରିକଙ୍କ ନାମରେ ଆଉ ଜଣେ ମହିଳା ଥାନାରେ ଅଭିଯୋଗ କରିଥିବା ଆଇଆଇସି ଦାସ କହିଛନ୍ତି।

# ବରିଷ୍ଠ ଶିକ୍ଷକଙ୍କ ମୂଲ୍ୟାୟନ କରିବେ କନିଷ୍ଠ ଅଧ୍ୟାପକ

ଜଗତ୍‌ସିଂହପୁର, ୨୦।୧୨ (ପ୍ରମୋଦ କୁମାର ନାୟକ)

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଚୟନ ପ୍ରକ୍ରିୟା
- ଇଣ୍ଟରନାଲ କମିଟିକୁ ନେଇ ଚର୍ଚ୍ଚା ଜୋର ଧରିଲା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬।୧୧।୨୨ରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆରମ୍ଭ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଲା ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଆଶାଜନକ ଉନ୍ନତି ସାଙ୍ଗକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନରେ ସହାୟତା କରିଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଶ୍ରେଷ୍ଠତ୍ୱ ବାଛି ପୁରସ୍କୃତ କରିବା। ଏହି ଯୋଜନାରେ ୫୦ହଜାର ଛାତ୍ରୀଛାତ୍ର, ୧୫୦୦ ଅଧକ୍ଷ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ, ଗ୍ରାମ ପଞ୍ଚାୟତ ଏବଂ ଜିଲା ପ୍ରଶାସକଙ୍କୁ ପୁରସ୍କୃତ କରାଯିବା ଲକ୍ଷ୍ୟ ରଖାଯାଇଛି। ଏହି ଆଧାରରେ ଜଗତ୍‌ସିଂହପୁର ଜିଲାରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଓସେପା ଏସ୍‌ପିଡି ତଥା ଏମ୍‌ଏସ୍‌ଏପିଏସ୍ ମେମ୍ବର ସେକ୍ରେଟାରୀଙ୍କ ଚିଠି ଅନୁଯାୟୀ ଯାଞ୍ଚ ଏବଂ ଭେରିଫିକେଶନ ପାଇଁ ଇଣ୍ଟରନାଲ କମିଟି ଗଠନ ହୋଇଥିବା ଜିଲା ଶିକ୍ଷା ଅଧିକାରୀ (ଡିଇଓ) ସ୍ପଷ୍ଟ କରିଛନ୍ତି। ତେବେ ଏହି କମିଟିରେ ୫ଟି ଟିମ୍ ଗଠନ କରାଯାଇଛି। ଦୁଃଖର କଥା ହେଲା ଟିମ୍‌ଗୁଡ଼ିକରେ ବରିଷ୍ଠଙ୍କ ବଦଳରେ ଏକାଧିକ କନିଷ୍ଠ ଅଧ୍ୟାପକଙ୍କୁ ସ୍ଥାନିତ କରାଯାଇଛି। ଯାହାକି ଅସନ୍ତୋଷର କାରଣ ହୋଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁରର କେତେଜଣ ବୁଦ୍ଧିଜୀବୀଙ୍କ ସମେତ ବରିଷ୍ଠ ଅଧ୍ୟାପକ ଓ ଶିକ୍ଷକ ନାମ ଗୋପନ ରଖି ପ୍ରତିକ୍ରିୟାରେ କହିଛନ୍ତି, ଜିଲାର ଶିକ୍ଷାନୁଷ୍ଠାନଗୁଡ଼ିକର ଶୈକ୍ଷିକ ବାତାବରଣ ସହ ଉନ୍ନତି ପାଇଁ ଅନେକଙ୍କ ଭାଗିଦାରିତା ରହିଛି। ସେମାନଙ୍କ ମଧ୍ୟରୁ ଉଚ୍ଚ ବିଦ୍ୟାଳୟସ୍ତରରେ ୩୦ରୁ ୩୫ ବର୍ଷ ଚାକିରି କରିଥିବା ଅନେକ ବରିଷ୍ଠ, ଅଭିଜ୍ଞ ଓ ଦକ୍ଷ ଶିକ୍ଷକ ଅଛନ୍ତି। ପୁରାତନ ଛାତ୍ର ସଂଘ, ବିଦ୍ୟାଳୟ ପରିଚାଳନା ସମିତି, ଗ୍ରାମ ପଞ୍ଚାୟତ ଆଦିର ଭୂମିକା ରହିଛି। ସେମାନଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ କେଉଁମାନେ ଯୋଗ୍ୟ ତାହା ଚୟନ କରିବା କଷ୍ଟକର ବିଷୟ। କିନ୍ତୁ ଇଣ୍ଟରନାଲ କମିଟିରେ ୫ଟିରୁ ୪ଟି ଟିମ୍‌ରେ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ କନିଷ୍ଠ ଅଧ୍ୟାପକଙ୍କୁ ନିଆଯିବା ଚୟନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିଇଓଙ୍କ ଚିଠି ଅନୁଯାୟୀ ୧ନଂ. ଟିମ୍‌ରେ ଜଗତ୍‌ସିଂହପୁର ଏଡିଇଓ (ଆକାଡେମିକ) ରାଜ୍ୟଶ୍ରୀ ସାହୁ ଓ ଶାଳଜଙ୍ଗ ଓଏଭି ଅଧକ୍ଷ ଅନୁପମା ସ୍ୱାଇଁଙ୍କୁ ନିଆଯାଇଛି। ଏହି ଦୁହିଁଙ୍କୁ ଡିଇଓ ନିଜେ ଚୟନ କରିଥିବା ଜଣାଯାଇଛି। କିନ୍ତୁ ୨ନଂ. ଟିମ୍‌ରେ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ ଓ ଇତିହାସ ଅଧ୍ୟାପକ ପ୍ରେମରାଜ ତାନିଙ୍କୁ ନିଆଯାଇଛି। ତାନି ମାତ୍ର ୬ରୁ ୮ ମାସ ଭିତରେ ଚାକିରି କରିଛନ୍ତି। ୩ ନଂ. ଟିମ୍‌ରେ ରସାୟନ ବିଜ୍ଞାନ ଅଧ୍ୟାପକ କିରଣ କୁମାର ସୁତାର ଓ ଗଣିତ ଅଧ୍ୟାପିକା ସୁପ୍ରଭା ବେହେରାଙ୍କୁ ସ୍ଥାନିତ କରାଯାଇଛି। ସୁତାର ୧ ବର୍ଷ ଓ ସୁପ୍ରଭା ପାଖାପାଖି ଦେଢ଼ବର୍ଷ ହେବ ଚାକିରି କରିଛନ୍ତି। ୪ନଂ. ଟିମ୍‌ରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମନମୋହନ ପ୍ରଧାନ ଓ ଏହି ବିଭାଗ ଅଧ୍ୟାପକ ଡ. ବିଶ୍ୱପ୍ରଜ୍ଞା ମହାନ୍ତିଙ୍କୁ ନିଆଯାଇଛି। ପ୍ରଧାନ ଅଢ଼େଇ ବର୍ଷ ଓ ଏହି ବିଭାଗ ଅଧ୍ୟାପକ ଡ. ମହାନ୍ତି ୨ରୁ ଅଢ଼େଇ ବର୍ଷ ହେବ ଚାକିରି କରିଛନ୍ତି। ୫ନଂ. ଟିମ୍‌ରେ ରାଜନୀତି ବିଜ୍ଞାନ ଅଧ୍ୟାପକ ମନୋଜ କୁମାର ମିଶ୍ର ଓ ଏହି ବିଭାଗ ଅଧ୍ୟାପକ ଶୁଭଶ୍ରୀ ପଟ୍ଟନାୟକଙ୍କୁ ରଖାଯାଇଛି। ଉଭୟ ଏହି ମହାବିଦ୍ୟାଳୟରେ ପ୍ରାୟ ୭ ବର୍ଷ ହେବ ଚାକିରି କରିଛନ୍ତି। ଏତେ କନିଷ୍ଠ ଅଧ୍ୟାପକମାନଙ୍କୁ କେଉଁ ଆଧାରରେ ଚୟନ ପ୍ରକ୍ରିୟାରେ ସାମିଲ କରାଗଲା ତାହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଦାବି ହୋଇଛି। ଏ ସମ୍ପର୍କରେ ଡିଇଓ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ବିଜୟ ପାତ୍ରଙ୍କୁ ୪ଟି ଟିମ୍ ପାଇଁ ଅଧ୍ୟାପକମାନଙ୍କ ନାମ ଦେବାକୁ କୁହାଯାଇଥିଲା। କିନ୍ତୁ ସେ ବରିଷ୍ଠ, କି କନିଷ୍ଠ ଅଧ୍ୟାପକମାନଙ୍କ ନାମ ଦେଇଛନ୍ତି ତାହା ସେ ଜାଣନ୍ତି ନାହାନ୍ତି। କିନ୍ତୁ ବରିଷ୍ଠ ଅଧ୍ୟାପକ/ରିଡରଙ୍କ ନାଁ ଆସିଥିଲେ ଭଲ ହୋଇଥାନ୍ତା। ତଥାପି ସ୍ୱଚ୍ଛତା ପାଇଁ ଉଦ୍ୟମ କରାଯିବ ବୋଲି କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଯୁବଶକ୍ତିର ବିକାଶ ସାମ୍ପ୍ରତିକ ସମାଜରେ ଏକ ସ୍ଲୋଗାନ


ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଏରସମା, ୨୦।୧୨ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟା ରାନୀ ଗୁଡ୍ଡୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ, ଯୁବକମାନେ ସବୁକିଛି କରିପାରିବେ। ତେଣୁ ସାମ୍ପ୍ରତିକ ସମାଜରେ ଯୁବଶକ୍ତିର ବିକାଶ ଏକ ପ୍ରମୁଖ ସ୍ଲୋଗାନ ସାଜିଛି ବୋଲି କହିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ନାଗୁ ଚରଣ ଦେବତା, ଧନେଶ୍ୱର ନାୟକ, ବୃନ୍ଦାବନ ବିହାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଣୁଧର ସେଠୀ, ସ୍ଥାନୀୟ ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ, କଲେଜ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ପ୍ରତାପ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଯୁବକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ କରାଯାଇଥିବା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ସାମାଜିକ କାର୍ଯ୍ୟ ଭାବେ କାଇଁଛ କୁଟୀର ଶିଳ୍ପ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ସନ୍ଧ୍ୟାରାଣୀ ଦାସଙ୍କୁ ସମ୍ମାନିତ କରଯାଇଥିଲା। ଏଥିରେ ଅଧ୍ୟାପକ ନୃସିଂହ ରଥ, ନୋଡାଲ ଅଫିସର ଅଧ୍ୟାପକ ସୁକାନ୍ତ ଜେନା, ଅଧ୍ୟାପିକା ସୁଜାତା ମୁଦୁଲି, ଅନନ୍ୟା ବେହେରାଙ୍କ ସହିତ ଚକ୍ରଧର ଦାସ, ନିରଞ୍ଜନ ରାଉତ, ଫକୀର ଚରଣ ସ୍ୱାଇଁ, ସୁଶାନ୍ତ ହାତୀ, ଇନ୍ଦ୍ରମଣି ସାହୁ, ନକୁଳ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ପାରାଦୀପ: ୩ ଦିନ ଡମ୍ପିଂ ୟାର୍ଡ ଜଳିଲା


ଡମ୍ପିଂ ୟାର୍ଡରେ ଲାଗିଥିବା ନିଆଁ।

ପାରାଦୀପ, ୨୦।୧୨ (ଶରତ ରାଉତ)

**ଅଭିଯୋଗ ପରେ ନିଆଁ ଲିଭାଇଲା ଅଗ୍ନିଶମ ବିଭାଗ**

ପାରାଦୀପର ୧୪ ନଂ. ୱାର୍ଡ ଜଳଜୀବ ସଂଗ୍ରହାଳୟ ପଛପଟରେ ପୌରପାଳିକା କିଛିଦିନ ହେଲା ଆବର୍ଜନା ଗଦେଇ ରଖିଥିଲା। ସେହି ଆବର୍ଜନା ୩ ଦିନ ହେଲା ଜଳୁଥିଲା। ଧୂଆଁ ଗନ୍ଧ ହେଉଥିଲା। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ପୌରପାଳିକା ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଫିସରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ପରେ ବୁଧବାର ଅପରାହ୍ନରେ କୁଜଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଦମକଳ ଗାଡ଼ି ଆସି ନିଆଁକୁ କିଛି ମାତ୍ରାରେ ଆୟତ୍ତ କରିଛନ୍ତି। କିନ୍ତୁ ନିଆଁ ସମ୍ପୂର୍ଣ୍ଣ ଲିଭିନାହିଁ। ଘଟଣାକୁ ନେଇ ପ୍ରଶାସନିକ ସ୍ତରରେ ତର୍ଜମା ଚାଲିଛି। ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା କୁହନ୍ତି, ଏପରି ଆବର୍ଜନା ଜଳିଲା ଆଦୌ ଗ୍ରହଣୀୟ ନୁହେଁ। କାରଣ ସେଥିରେ ଥିବା ପଲଥିନ, ପ୍ଲାଷ୍ଟିକ ଆଦି ଜଳିବା ଦ୍ୱାରା ଓଜନସ୍ତର ପାଇଁ ବିପଦ। ସେଥିପାଇଁ ଚଳିତବର୍ଷ ସବୁ ଦେଶ ପାଇଁ କଟକଣା କରାଯାଇଛି। ଏହି ଖବର ପାଇବା ପରେ ଆମେ ପୌର କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲୁ। ଅଗ୍ନିଶମ ବିଭାଗକୁ ଜଣାଇ ନିଆଁ ଆୟତ୍ତ କଲିଥିଲୁ। ଘଟଣାସ୍ଥଳରେ ଥିବା ପୌର ସୁପରଭାଇଜର ଲିଟୁ ମହାପାତ୍ର କହିଥିଲେ, କେହି ମାନସିକ ବିକାରଗ୍ରସ୍ତ ଲୋକ ଏପରି କରିଥାଇ ପାରନ୍ତି। ନୂଆବଜାର ବାସିନ୍ଦା ପ୍ରିୟଙ୍କା ତାରେଣିଆ କୁହନ୍ତି, ଏହି ଡମ୍ପିଂ ୟାର୍ଡ ପ୍ରତି ୨ରୁ ୪ ମାସରେ ଜଳୁଛି। ଏହାର ଗନ୍ଧ ଯୋଗୁଁ ଆମେମାନେ ଘର ବନ୍ଦ କରି ରହିବାକୁ ବାଧ ହେଉଛୁ।

## ମହିଳା ସମିତି ଗଣ୍ଡଗୋଳରେ ଯୁବତୀଙ୍କ ମୁଣ୍ଡ ଫାଟିଲା

ବାଲିକୁଦା, ୨୦।୧୨ (ତାପସ ସ୍ୱାଇଁ)

ବାଲିକୁଦା ଥାନା ଏକ ମହିଳା ସମିତିର ବୈଠକ ଚାଲିଥିବା ବେଳେ ବୁଧବାର ଜଣେ ଯୁବତୀଙ୍କୁ ମାଡ଼ ମାରି ମୁଣ୍ଡ ଫଟେଇ ଦିଆଯାଇଛି। ଯୁବତୀଙ୍କୁ ପରିବାର ଲୋକେ ପ୍ରଥମେ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ ପରେ ଅଧିକ ଚିକିତ୍ସା ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ନେଇ ଯୁବତୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅନ୍ତର୍ଗତ ଅଳାଭର ପଞ୍ଚାୟତ ଅଲିକଣା ଗାଁରେ ମଧ୍ୟାହ୍ନରେ ମହିଳା ସମିତିର ଏକ ବୈଠକ ଚାଲିଥିଲା। ସେଠାରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ସେହି ସମୟରେ ଅଭିଯୋଗକାରିଣୀ ମମତା ଶତପଥୀଙ୍କ ଝିଅ ମୋନାଲିସା ଗୁରୁବାର ମାଣବସା ପାଇଁ ଚିତା ଲେଖିବାକୁ ତାଙ୍କର ଅନ୍ୟ ଏକ ଘରକୁ ଯାଉଥିଲେ। ଠିକ୍ ଏହି ସମୟରେ ହଠାତ୍ କୌଣସି କାରଣକୁ ନେଇ ମନୋରମା ଶତପଥୀ, ଅନ୍ନପୂର୍ଣ୍ଣା ଶତପଥୀ, ମିନାକ୍ଷୀ ଶତପଥୀ, ପ୍ରଦୀପ୍ତ ଶତପଥୀ, ନିତ୍ୟାନନ୍ଦ ଶତପଥୀ ପ୍ରମୁଖ ଝିଅ ମୋନାଲିସାଙ୍କୁ ମାଡ଼ି ବସି ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାର ସୁଯୋଗ ନେଇ ମନୋରମା ଏକ ଲୁହା ରଡ଼ ସାହାଯ୍ୟରେ ମୋନାଲିସାଙ୍କ ମୁଣ୍ଡକୁ ଏକ ଶକ୍ତ ପ୍ରହାର କରିଥିଲେ। ଫଳରେ ମୋନାଲିସାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଖବର ପାଇ ମା' ମମତା ସେଠାରେ ପହଞ୍ଚି ଝିଅକୁ ଉଦ୍ଧାର କରିବାବେଳେ ତାଙ୍କୁ ମଧ ଆକ୍ରମଣ କରାଯାଇଥିଲା। ପାଟିତୁଣ୍ଡ ଶୁଣି ମମତାଙ୍କ ପୁଅ ଓ ପୁତୁରା ସେଠାରେ ପହଞ୍ଚିଥିବା ବେଳେ ଆକ୍ରମଣକାରୀଙ୍କ ଆକ୍ରମଣକର ଶିକାର ମଧ ହୋଇଥିଲେ ବୋଲି ମମତା କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଇଫ୍‌କୋକୁ କଳିଙ୍ଗ ସେଫ୍ଟି ପ୍ଲାଟିନମ୍ ଆୱାର୍ଡ


ଇଫ୍‌କୋ କମ୍ପାନୀର ଅଧିକାରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ପାରାଦୀପ, ୨୦।୧୨ (ଶରତ ରାଉତ)

ପାରାଦୀପର ଇଫ୍‌କୋ ସାର କାରଖାନାକୁ ବୁଧବାର ଭୁବନେଶ୍ୱରଠାରେ କଳିଙ୍ଗ ସେଫ୍ଟି ଏକ୍ସଲେନ୍ସି ପ୍ଲାଟିନମ୍ ଆୱାର୍ଡ ୨୦୨୨ବର୍ଷ ପାଇଁ ମିଳିଛି। ସୁରକ୍ଷା ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ଲଗାତାର ଭାବେ କମ୍ପାନୀ ପାଇଛି। ଭୁବନେଶ୍ୱରଠାରେ କ୍ୱାଲିଟି ଆଣ୍ଡ ଏନଭରମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ ପକ୍ଷରୁ ଆୟୋଜିତ ୧୪ ତମ ସୁରକ୍ଷା ସମ୍ମିଳନୀରେ କମ୍ପାନୀ ଯୁଗ୍ମ ମହାପ୍ରବନ୍ଧକ ରଞ୍ଜିତ କୁମାର ସ୍ୱାଇଁ, ବରିଷ୍ଠ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## କ୍ରୀଡ଼ା ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ



### ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବାଲିକୁଦା, ୨୦।୧୨ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଓଷକଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳନା ପରିଷଦ ସଭାପତି ଅପର୍ତ୍ତି ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ବିଦ୍ୱତ ପରିଷଦ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଉପସଭାପତି ଉଦ୍ଧବ ପାଳ, ବାସୁଦେବ ରାଉତ ଯୋଗଦେଇ କ୍ରୀଡ଼ା ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ବରିଷ୍ଠ ଆଚାର୍ଯ୍ୟ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସରୋଜ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାରୀରିକ ପ୍ରମୁଖ ଅଭିମନ୍ୟୁ ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## କମ୍ୟୁନିଟି ରେଡିଓ ଷ୍ଟେଶନ, ରେଡିଓ ଆଉଟରିଚ ଉଦ୍‌ଘାଟିତ

ତିର୍ତ୍ତୋଲ, ୨୦।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଶ୍ରୀରାମପୁରଠାରେ ଜିଲାର ଅନ୍ୟତମ କମ୍ୟୁନିଟି ରେଡିଓ ଷ୍ଟେଶନ, ରେଡିଓ ଆଉଟରିଚ ଆନୁଷ୍ଠାନିକ ଭାବେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ରେଡିଓ ଷ୍ଟେଶନର ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସୁନାମଧନ୍ୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପର ଅଧକ୍ଷା ତନୟା ପଟ୍ଟନାୟକ, କୋଣାର୍କସ୍ଥିତ ରେଡିଓ ନମସ୍କାରର ଅଧକ୍ଷ ଏନ୍. ଏ. ଶାହ ଆନସାରୀ, ଯାଜପୁରସ୍ଥିତ ରେଡିଓ ସ୍ୱରାଜର ଅଧକ୍ଷ ଶେଖ ଅବଦୁଲ ଓ ଆକାଶବାଣୀର ଅବସରପ୍ରାପ୍ତ ପ୍ରୋଗ୍ରାମ ଏଗଜିକ୍ୟୁଟିଭ ଅଭୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ପରେ ରେଡ଼ିଓ ଆଉଟରିଚର ସିଗନେଚର ଟ୍ୟୁନକୁ ରେଡ଼ିଓ ଜରିଆରେ ଉପସ୍ଥିତ ଜନସାଧାରଣ ଶୁଣିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ରେଡ଼ିଓ ଆଉଟରିଚର ପ୍ରତିଷ୍ଠାତା ତଥା ଷ୍ଟେଶନ ଡାଇରେକ୍ଟର ସୁବ୍ରତ କୁମାର ପତି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ସଂଚାଳନ କରିଥିଲେ ବିଜୟଲକ୍ଷ୍ମୀ ପତ୍ରୀ, ଆଉଟରିଚର ବରିଷ୍ଠ ସଦସ୍ୟ କର୍ଣ୍ଣେଲ ଦେବଦତ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଆମ ନିଜ ରେଡ଼ିଓ ଭାବେ ବେଶ ଲୋକପ୍ରିୟତା ଅର୍ଜନ କରିଥିବା ରେଡ଼ିଓ ଆଉଟରିଚର ସଫଳ ଡ୍ରାଏ ରନ ବା ପରୀକ୍ଷାମୂଳକ ପ୍ରସାରଣ ଶେଷ ହେବା ପରେ ଏବେ ଦିନକୁ ଏଗାର ଘଣ୍ଟା ପ୍ରସାରଣ କରୁଛି।

## କଳା, ସଂସ୍କୃତି ଅତୀତର ସ୍ମୃତିକୁ ଉଜ୍ଜୀବିତ କରେ

ରଘୁନାଥପୁର, ୨୦।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

**ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜରେ ସାଂସ୍କୃତିକ ଉତ୍ସବ**

ରଘୁନାଥପୁର ବ୍ଲକ କୁର୍ଣ୍ଣାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ନୂଆ-ଓ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ଦୟାନିଧି ରାଉତରାୟ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଏହାର ଉଦ୍ଦେଶ୍ୟ ଓ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କଳା ଓ ସଂସ୍କୃତି ଅତୀତର ସ୍ମୃତିକୁ ଉଜ୍ଜୀବିତ କରେ ବୋଲି କହିଥିଲେ। ଏହାଛଡ଼ା ପ୍ରତ୍ୟେକ ଛାତ୍ରୀଛାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟଗୀତ, ମଞ୍ଚ ଅଭିନୟ, ଖୋଟି, ପ୍ରବନ୍ଧ, ଡିବେଟ ଓ ରଚନା ଲିଖନ ଉପରେ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମର ସହସଂଯୋଜକ ଅଧ୍ୟାପିକା ଲକ୍ଷ୍ମୀ ସାହୁ ଓ ସ୍ମିତା ମହାନ୍ତି ପରିଚାଳନା କରିଥିବାବେଳେ ପୂର୍ବତନ କ୍ରୀଡା ଶିକ୍ଷକ ରାଜକିଶୋର ସାହୁ ଓ ଅଧ୍ୟାପକ ତଥା ନୋଡାଲ ଅଫିସର ଭଗବାନ ଦାସ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷା ଡେମୋନଷ୍ଟ୍ରେଟର ଶୁଭ୍ରସଲିଳା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିବାବେଳେ ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।


ଉତ୍ସବରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

## ସିଡିପିଓ ଅନୁପସ୍ଥିତ, ବିଧାୟକଙ୍କ ଅସନ୍ତୋଷ

ନାଉଗାଁ, ୨୦।୧୨ (ସୁଧା ବେହୁରା)


ଅଧିବେଶନରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

- ନାଉଗାଁ ପଞ୍ଚାୟତ ସମିତି ପଞ୍ଚମ ଅଧିବେଶନ,
- ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ନାଉଗାଁ ପଞ୍ଚାୟତ ସମିତିର ପଞ୍ଚମ ଅଧିବେଶନ ବୁଧବାର ୧୧ମାସ ପରେ ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ସଭ୍ୟା ମମତା ପରିଡା, ଅମିତା ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଅଜୟ ମହାନ୍ତି, ବିଡିଓ ତପନ ମହାପାତ୍ର, ଜିପିଓ ଦିନେଶ ରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତ ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ବୈଠକରେ ସିଡିପିଓ ଯୋଗଦେଇ ନ ଥିବାରୁ ବିଧାୟକ ମୁଦୁଲି ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଶୌଚାଳୟରେ ଆଲୋକ ନ ଥିବା, ରୋଗୀଙ୍କ ପାଇଁ ଶୀତ ଦିନେ ଗରମ ପାଣିର ଆବଶ୍ୟକ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ସୁବିଧା ନାହିଁ, ଡାକ୍ତର କେଉଁଦିନ ଆଉଟ ଡୋରରେ ସେବା ଯୋଗାଇ ଦେବେ ତା'ର ତାଲିକା ସୂଚନା ବୋର୍ଡରେ ପ୍ରଦର୍ଶନ କରିବା, ଡାକ୍ତର ସେବା ପ୍ରଦାନ କରିବାବେଳେ ମୋବାଇଲରୁ ନିବୃତ୍ତ ରହିବାକୁ ଘୋଡାଂଶ ପଞ୍ଚାୟତ ସଭ୍ୟ ତରୁଣକାନ୍ତ ବାରିକ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ପରେ ଲାଇଟ୍ ଓ ଗରମ ପାଣିର ବ୍ୟବସ୍ଥା କରାଯିବାକୁ ବିଧାୟକ ମୁଦୁଲି ନିର୍ଦ୍ଦେଶ ଦେଇଥିଲେ। ସେହିପରି ନୂଆଗାଁ ସରପଞ୍ଚ ଦୋଳଗୋବିନ୍ଦ ରାଉଳ ବ୍ଲକ ଯୋଗାଣ ନିରୀକ୍ଷକ ପିଡିଏସ୍ ତାଲିକା ପ୍ରଦାନ ନ କରିବା, ଯେଉଁ ହିତାଧିକାରୀମାନେ ଅନ୍ନପୂର୍ଣ୍ଣା ଚାଉଳ ପାଉଥିଲେ ସେମାନେ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେବା ଆଦି ବିଷୟରେ ଅଭିଯୋଗ କରିଥିଲେ। ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ତାଲିକା ପ୍ରଦାନ କରିବା ସହ ଅନ୍ନପୂର୍ଣ୍ଣା ହିତାଧିକାରୀଙ୍କୁ ସଂଯୋଗ କରିବାକୁ ବିଧାୟକ ମୁଦୁଲି ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡାବର ପଞ୍ଚାୟତ ସମିତିସଭ୍ୟ ସୁବଳ ବେହେରା ନନ୍ଦିଗ୍ରାମ-ଦେଓପଡ଼ା ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇ କାମ କରିବା ପାଇଁ ଅଭିଯୋଗ କରିଥିଲେ। ନୂଆଗାଁ ସମିତିସଭ୍ୟା ସୁଶ୍ରୀ ଶ୍ରାବଣୀ ରାୟ ପଞ୍ଚାୟତର ଖଇରାବସ୍ତ ରାଜସ୍ୱ ଗ୍ରାମରେ ଶ୍ମଶାନ ଗୃହ ନ ଥିବା, ଶୁଦ୍ଧିକଣ୍ଠି -କୋତମାଳିପୁର ରାସ୍ତାର ମରାମତି, ଅଲଣା ପଞ୍ଚାୟତର ଅନେକ ଲୋକ ହରିଶ୍ଚନ୍ଦ୍ର ଯୋଜନାରୁ ବଞ୍ଚିତ ହେବା ଆଦି ବିଷୟରେ ୨୫ ଜାନୁୟାରୀ ୨୦୨୩ରେ ହୋଇଥିବା ବୈଠକରେ ଲିଖିତ ଭାବେ ଜଣାଇଥିଲେ ମଧ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି।

# ସରକାରୀ ସୁବିଧା ସୁଯୋଗ ଅପହଞ୍ଚ

**ନୟାଗଡ଼,୨୦।୧୨(ଲୋକନାଥ ମିଶ୍ର)**



ଶ୍ରମିକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

- ଅନ୍‌ଲାଇନ ଓ ଅଫ୍‌ଲାଇନ ଆବେଦନକୁ ଅଣଦେଖା
- ଶ୍ରମିକଙ୍କୁ ପରିଚୟପତ୍ର ଦିଆଯାଉନି
- ମୃତ୍ୟୁକାଳୀନ ସହାୟତା ଶୀତଳଭଣ୍ଡାରରେ
- ଜିଲାପାଳଙ୍କୁ ଫେରାଦ ହେଲେ ୨ ସଂଘର ସଦସ୍ୟ

ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କ ପାଇଁ ସରକାର ଯୋଜନା ପରେ ଯୋଜନା କରୁଥିଲେ ମଧ ନୟାଗଡ଼ ଶ୍ରମ ବିଭାଗର ଅପାରଗତା କାରଣରୁ ସରକାରୀ ସୁବିଧା ସୁଯୋଗ ଶ୍ରମିକଙ୍କ ପାଇଁ ସାତ ସପନ ହୋଇ ପଡିଛି । ଅନ ଲାଇନ ଓ ଅଫଲାଇନରେ ଆବେଦନ ପରେ ବି ଅଣସଙ୍ଗଠିତ ଶ୍ରମିକ ଓ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇ ପାରୁ ନାହାନ୍ତି । ପୁଣି ମୃତ୍ୟୁ କାଳୀନ ସହାୟତା ଯୋଜନା ରେ ସାଧାରଣ ମୃତ୍ୟୁ ପାଇଁ ସହାୟତା ରାଶି ୨ ଲକ୍ଷ ଟଙ୍କା ମିଳୁ ନାହିଁ । ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କର ସମସ୍ୟାର ସମାଧାନ ତୁରନ୍ତ କରାଯିବା ସହ ଶ୍ରମିକ ସଙ୍ଗଠନ ସହ ଚଳିତ ମାସ ୨୭ ତାରିଖରେ ଆଲୋଚନା କରାନଗଲେ ଆନ୍ଦୋଳନ କରାଯିବବୋଲି ବିଜୁ ଶ୍ରମିକ ସାମୁଖ୍ୟ ଓ ନୟାଗଡ ଜିଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏନେଇ ଦୁଇ ସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ବୁଧବାର ସ୍ମାରକପତ ପ୍ରଦାନ କରାଯାଇଛି ।

ଅଭିଯୋଗ ଅନୁସାରେ ଗଣିଆ ଦଶପଲ୍ଲା ଓ ନୂଆଗାଁ ପାଇଁ ଦଶପଲ୍ଲାରେ, ଭାପୁର ଓ ଖଣ୍ଡପଡା ବ୍ଲକ ପାଇଁ ବନମାଳିପୁର ଠାରେ ଓ ରଣପୁର ବ୍ଲକ ପାଇଁ ରଣପୁରରେ, ଓଡଗାଁ ଓ ନୟାଗଡ ବ୍ଲକ ପାଇ ନୟାଗଡରେ ବ୍ଲକସ୍ତରୀୟ ସହାୟତା ବଣ୍ଟନ ଶିବିର ଜିଲା ଶ୍ରମ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି। ଶ୍ରମିକଙ୍କ ପାଖକୁ ସହାୟତା ରାଶି ପଠାଯାଇଛି ବୋଲି ସଭାରେ ଘୋଷଣା କରାଯାଇଛି । ତେବେ ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକମାନେ ସେମାନଙ୍କର ସହାୟତା ରାଶି ପାଇ ନାହାନ୍ତି। ବାରମ୍ୱାର ଅପାତ୍ତି, ଅଭିଯୋଗ ପରେ ବି ସୁଫଳ ମିଳୁନି। ଅନ୍ୟପକ୍ଷେ ଅଫ୍‌ଲାଇନ୍ ଓ ଅନଲାଇନରେ ଅଣ ସଙ୍ଗଠିତ ଶ୍ରମିକ ଓ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବା ପାଇଁ ଆବେଦନ କରିଛନ୍ତି। ହେଲେ ସେମାନଙ୍କ ଆବେନଦକୁ ଜିଲା ଶ୍ରମ ବିଭାଗ ଗୁରୁତ୍ୱ ଦେଉନଥିବାର ଅଭିଯୋଗ ରହିଛି । ପୁଣି ଶିକ୍ଷା, ବିବାହ ଓ ମୃତ୍ୟୁକାଳୀନ ସହାତା ମଧ ବଣ୍ଟନ କରାଯାଉନି । ନିର୍ମାଣ ଓ ଅଣସଙ୍ଗଠିତ ଶ୍ରମିକ ଏନେଇ ବିଭନ୍ନ ସମୟରେ ଆନ୍ଦୋଳନ, ଧାରଣା, ପ୍ରତିବାଦ ପରେ କିଛି ସୁଫଳ ମିଳୁନି । ଲିଙ୍କ ଫେଲ, ଅଡିଟ୍ ଚାଲିଛି ପରି ବିଭିନ୍ନ ପ୍ରକାରର ଆଳ ଦେଖାଇ ପରିଚୟ ପତ୍ର ପାଇବାକୁ ଥିବା ଆବେଦନକାରୀ ଓ ନବୀକରଣ କରିବାକୁ ଥିବା ଆବେଦନକାରୀଙ୍କୁ ହଇରାଣ କରାଯାଉଛି। ପୁଣି ବିଭିନ୍ନ ପ୍ରକାର ସହାୟତା ପାଇଁ କେତେବେଳେ କୁହାଯାଉଛି ଜିଲାପାଳଙ୍କ ପାଖରେ ଫାଇଲ ଅଟକିଛି । ଆଉ କେତେବେଳେ ଜିଲା ଶ୍ରମ ଅଧିକାରୀଙ୍କ ପାଖଷର ଫାଇଲ ପଡି ରହିଛି । ତେବେ ଫାଇଲ କାହା ପାଖରେ ପଡୁନା କାହିଁକି ନିର୍ମାଣଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକ ମାନେ ସହାୟତା ରାଶି ପାଇ ପାରୁ ନାହାନ୍ତି ।

**ମାନବାଧିକାର କମିଶନରଙ୍କୁ ଫେରାଦ ପରେ ବି ଅଣଦେଖା :**
ମୃତ୍ୟୁ କାଳୀନ ସହାୟତା ପାଇଁ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ପରେ ଖଣ୍ଡପଡା ବ୍ଲକ ବଡବାଣପୁର ଗାଁର ସତ୍ୟଭାମା ଦାସ ମାନବାଧିକାର କମିଶନରଙ୍କୁ ଫେରାଦ୍ ହୋଇଥିଲେ। ମାନବାଧିକାର କମିଶନରଙ୍କ ହସ୍ତକ୍ଷେପ ପରେ ବି ସତ୍ୟଭାମା ମୃତତ୍ତ୍ର କାଳୀନ ସହାୟତା ରାଶି ପାଇ ପାରି ନାହାନ୍ତି। ସତ୍ୟଭାମାଙ୍କ ସ୍ୱାମି ଜଣେ ନିର୍ମାଣ ଶ୍ରମିକ। ସତ୍ୟଭାମାଙ୍କ ସ୍ୱାମି ଗତ ମାର୍ଚ୍ଚ ୭, ୨୦୨୨ରେ ପ୍ରାଣ ହରାଇଥିଲେ । ମୃତ୍ୟୁ କାଳୀନ ସହାୟତା ରାଶି ପାଇବା ପାଇଁ ପତ୍ନୀ ୨୭।୧୦୨୦୨୨ରେ ଆବଦେନ କରିଥିଲେ। ଆବେଦନର ୧୪ ମାସ ପରେ ବି ସହାୟତା ରାଶି ମିଳୁ ପାରୁନି । ଏଣୁ ସତ୍ୟଭାମା ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସରକାରୀ ଅନୁଦାନ ଯୋଗାଇବାକୁ ନିବେଦନ କରିଛନ୍ତି । ଜଣେ ନିର୍ମାଣ ଶ୍ରମିକ ସାଧାରଣ ଭାବେ ପ୍ରାଣ ହରାଇଲେ ତାଙ୍କ ପତ୍ନୀ ୨ ଲକ୍ଷ ଟଙ୍କାର ସହାୟତା ୬୦ ଦିନ ଭିତରେ ପାଇବାର ସରକାରୀ ନିୟମ ରହିଛି । ହେଲେ ନୟାଗଡ ଜିଲାରେ ୬୦ ଦିନ କଣ ୫ ବର୍ଷ ଚାଲି ଯାଇଥିଲେ ମଧ ସୁଫଳ ମିଳୁନି । ଏନେଇ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଓ ବାସୁଦେବ ମହାନ୍ତି କୁହନ୍ତି ସରକାରୀ ସୁବିଧା ସୁଯୋଗ ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକ ପାଉ ନାହାନ୍ତି । ଆଗକୁ ନିର୍ବାଚନ ଆସୁଛି । ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ସହାୟତା ରାଶି ବଣ୍ଟନ ପାଇଁ ଟଙ୍କାର ଅଭାବ ନାହିଁ । କେବଳ ମନୋବଳ ଦୃଢ଼ ନାହିଁ । ଜିଲା ଶ୍ରମ ବିଭାଗ ୨୭ ତାରିଖ ଭିତରେ ଶ୍ରମିକଙ୍କ ଦାବି ଅଣଦେଖା କଲେ ଆନ୍ଦୋଳନ ହେବବୋଲି ଧମକ ଦେଇଛନ୍ତି।

# ଆଜି ଶେଷ ଗୁରୁବାର ଓଷା



ମହାନଦୀ ପଠାରେ ମହିଳାମାନେ ମାଣ ପେଡି, ଖଟୁଲି ଆଦି ସଫା କରୁଛନ୍ତି।

**ଖଣ୍ଡପଡା,୨୦।୧୨(ଅଜୟ କୁମାର ମହାରଣା)**

ଓଡିଆମାନଙ୍କ ସୁଖ ଏବଂ ସମୃଦ୍ଧି ପାଇଁ ମା'ଲକ୍ଷ୍ମୀଙ୍କୁ ମାର୍ଗଶୀର ମାସର ପ୍ରତି ଗୁରୁବାର ଆରାଧନା କରାଯାଇଥାଏ। ୨୧ ତାରିଖ ପବିତ୍ର ମାର୍ଗଶୀର ମାସର ଶେଷ ଗୁରୁବାର। ହିନ୍ଦୁ ଘରେ ଧନଦାତ୍ରୀ ଭାବରେ ପରିଚିତ ମା'ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ଏହି ପର୍ବ ସବୁ ଓଡିଆମାନଙ୍କ ଗର୍ବ ଏବଂ ଗୌରବର ମୁକସାକ୍ଷୀ। କେଉଁ ଆବହମାନ କାଳରୁ ଉତ୍କଳୀୟ ପରମ୍ପରାରେ ସାମିଲ ହୋଇଥିବା ଏହି ପୂଜାରେ କୌଣସି ଜାତିଭେଦ ନ ଥାଏ । ଚଳିତ ଗୁରୁବାର ମାର୍ଗଶୀର ମାସର ଶେଷ ପାଳି ବ୍ରତ ମନେକରି ଅନେକ ପରିବାର ଗ୍ରାମାଞ୍ଚଳରେ ଏହି ପୂଜା ନିମନ୍ତେ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଯାଇଛି । କଣ୍ଟିଲୋ, ଖଣ୍ଡପଡା ଅଞ୍ଚଳର ଗୃହିଣୀ ତଥା ବୟସ୍କ ବ୍ୟକ୍ତିମାନେ ନଦୀ ଓ ପୁଷ୍କରିଣୀରେ ମା'ଲକ୍ଷ୍ମୀଙ୍କ ଖଟୁଲି ଓ ମାଣ ପେଡିକୁ ନେଇ ସଫା କରିବା ପରେ ଘରେ ଗୋବର ପାଣି ପକାଇ ଲିପାପୋଛା କରିଥିଲେ। ଝିଅ ବୋହୂମାନେ ଘର କାନ୍ଥ, କବାଟ, ଅଗଣା, ପିଣ୍ଡା, ଚଉରା ମୂଳରେ ଅରୁଆ ଚାଉଳର ବଟା ଦ୍ୱାରା ଓଲଟ ଶୁଆ, ଧାନ ଶିଷା ଓ ଲକ୍ଷ୍ମୀ ପାଦର ଚିତା ପକାଉଥିବା ଦେଖିବାକୁ ମିଳିଥିଲା ।

# ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ନୂଆଗାଁ,୨୦।୧୨ (ଧନେଶ୍ୱର ସାହୁ)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବର ଉଦଘାଟନୀ ଉତ୍ସବରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଖଣ୍ଡୁଗାଁ ସରପଞ୍ଚ ସସ୍ମିତା ମଳିକ ମୁଖ୍ୟବକ୍ତା ଓ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ସେଠୀ, ସିଆରସିସି ଜଗବନ୍ଧୁ ମିଶ୍ର ସ୍କୁଲ ପରିଚାଳନା ସଭାପତି ନିରଞ୍ଜନ ପାଣି, ଖଣ୍ଡୁଗାଁ ସମିତି ସଭ୍ୟା ମମତା ପାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ନିଷ୍ଠାର ସହ କାର୍ଯ୍ୟ କଲେ ନିଶ୍ଚିତ ଭାବେ ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା । ତେଣୁ ଛାତ୍ରୀଛାତ୍ରମାନଙ୍କ ଯେଉଁଥିରେ ଆଗ୍ରହ ଓ ରୁଚି ରହିଛି ସେଥିରେ ନିଷ୍ଠା ରଖି ଆଗେଇ ଯାଆନ୍ତୁ ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବ୍ଲକ ଶିକ୍ଷାଧିକାରୀ ସାହୁ କହିଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ଖେଳ, ନାଚ, ଗୀତ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୋଟ ୯୪ ପୁରସ୍କାର ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନକୁ ଆକୃଷ୍ଟ କରିପାରିଥିଲା । ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଭାତୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଣ୍ଡପଡା,୨୦।୧୨(ଅଜୟ କୁମାର ମହାରଣା)**

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧିନ ଖଣ୍ଡପଡା ଚନ୍ଦ୍ର ଶେଖର ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ୨୦୨୩ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଅନୁଷ୍ଠାନର ପ୍ରଧାନ ସେବକ ବିଶ୍ୱନାଥ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୁପେ ନୟାଗଡ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ମାଳିବେରେଣୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ସେବକ ପ୍ରମୋଦ କୁମାର ନାୟକ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା, ଜିଲା ମଙ୍ଗଳ କାର୍ଯ୍ୟାଳୟର ବରିଷ୍ଠ ସହାୟକ ବନମାଳୀ ସ୍ୱାଇଁ, ଅବସରପ୍ରାପ୍ତ ସେବିକା ରୁପ କୁମାରୀ ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଦେଶୀ ନାଏକ ପ୍ରମୁଖ ଯୋଗଦେଇଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# କଂଗ୍ରେସ ପକ୍ଷରୁ ବନମାଳୀପୁର ପଞ୍ଚାୟତ ଘେରାଉ



କଂଗ୍ରେସ କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଖଣ୍ଡପଡା,୨୦।୧୨(ଅଜୟ କୁମାର ମହାରଣା):** ଖଣ୍ଡପଡା ବ୍ଲକ ଅଧିନ ବନମାଳୀପୁର ପଂଚାୟତ ପରିସରରେ ବୁଧବାର ପୂର୍ବାହ୍ନରେ ଖଣ୍ଡପଡା ବ୍ଲକ କଂଗ୍ରେସ ପକ୍ଷରୁ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଅନିୟମିତତା ଓ ଦୁର୍ନୀତିକୁ ନେଇ ଘେରାଉ ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ଇଂ.ଦେବବ୍ରତ ବେହେରାଙ୍କ ନେତୃତ୍ୱରେ ବହୁ କର୍ମୀ ପଞ୍ଚାୟତରେ ଚାଲିଥିବା ବ୍ୟାପକ ଅନିୟମିତତା ଓ ଦୁର୍ନୀତିକୁ ବିରୋଧ କରିବା ସହିତ ଧାରଣା ଦେଇଥିଲେ । ଦଳ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ବନମାଳୀପୁର ପଂଚାୟତରେ ଥିବା ପିଇଓ କ୍ୱାର୍ଟର୍ସକୁ ବ୍ଲକ ଉପାଧ୍ୟକ୍ଷ ଏବଂ ଶାସକ ଦଳର ଲୋକେ ଅକ୍ତିୟାର କରି ଦଳୀୟ କାର୍ଯ୍ୟକ୍ରମ ମାନ କରୁଛନ୍ତି । ଏହି ଅନିୟମିତତା ଓ ଦୁର୍ନୀତି ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଉଥିବା ବେଳେ ଧାରଣା ସ୍ଥଳରେ ଶାସକ ଦଳର କିଛି କର୍ମୀ ଓ ସଂଗଠକ ଘଟଣା ସ୍ଥଳରେ ପହଁଚି ପାଟିତୁଣ୍ଡ କରିବା ସହ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ପ୍ରୟାସ କରିଥିଲେ। ଏ ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ସୃଷ୍ଟି ହୋଇଥିଲା । ଫତେଗଡ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା ।

# ପଞ୍ଚୁପାଣ୍ଡବ ମହୋତ୍ସବ ପ୍ରସ୍ତୁତି ବୈଠକ

**ନୂଆଗାଁ,୨୦।୧୨ (ଧନେଶ୍ୱର ସାହୁ)**

ନୟାଗଡ ଜିଲା ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ ସୋମବାର ନୁଆଗାଁ ବ୍ଲକ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲିଶ୍ରୀ ମେଳା ପ୍ରସ୍ତୁତି ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବିଡିଓ ବାସୁଦେବ ନାୟକ, ତହସିଲଦାର ହେମନ୍ତ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବ୍ଲକ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ମହୋତ୍ସବ କମିଟର ସଦସ୍ୟ, ବ୍ଲକର ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ପରି ଆସନ୍ତା ଫେବୃୟାରୀ ୨ରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମହୋତ୍ସବକୁ କିଭଳି ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରାଯାଇ ପାରିବ ସେଥିପ୍ରତି ସମସ୍ତଙ୍କ ସହଯୋଗ, ଉପସ୍ଥିତି ଓ ସୁଚିନ୍ତିତ ମତାମତର ଆବଶ୍ୟକତା ରହିଛି ବୋଲି ବିଧାୟକ ବେହେରା କହିଥିଲେ। ତେବେ ଚଳିତ ବର୍ଷ ବ୍ଲକ ପ୍ରଶାସନ ତରଫରୁ ଆକର୍ଷଣୀୟ ନୂଆ କାର୍ଯ୍ୟକ୍ରମ କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ବିଡିଓ ନାୟକ କହିଥିଲେ। ମହୋତ୍ସବ କମିଟର ସମସ୍ତ ସବ୍ କମିଟି ସଦସ୍ୟ ନିଜର କାର୍ଯ୍ୟାରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅବସରରେ ସ୍ମରଣିକା ପାଞ୍ଜିଳି ପାଇଁ ନୂଆଗାଁ ବ୍ଲକର ବିଭିନ୍ନ ଲୋକକଳା, ସଂସ୍କୃତି ଓ ଐତିହ୍ୟ ଉପରେ ଆଧାରିତ, ଗଳ୍ପ, କବିତା ଆଦି ଲେଖା ଜାନୁୟାରୀ ୫ ତାରିଖ ସୁଦ୍ଧା ପଠାଇବା ପାଇଁ ସ୍ମରଣିକା କମିଟି ପକ୍ଷରୁ କୁହାଯାଇଛି। ନୂଆଗାଁ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ ସଂସ୍ଥା, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଆଦିର ସଦସ୍ୟମାନେ ବାଲ୍ୟ ବିବାହ, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ପରିବେଶ, ଶିଶୁ ଶ୍ରମିକ ଆଦିକୁ ନେଇ ବିଭିନ୍ନ ସଚେତନତାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ବିଡିଓ ନାୟକ କହିଥିଲେ।

# ଖାଲ ଜମି ଧାନ ତଳେ ପଡ଼ି ଗଜା



ଗଜା ହୋଇଥିବା ଧାନ।

**ନୟାଗଡ଼,୨୦।୧୨(ଲୋକନାଥ ମିଶ୍ର)**

ଗତ ଲଘୁଚାପ ବର୍ଷାରେ ନୟାଗଡ ବ୍ଲକ ବାଲୁଗାଁ, ଶରଧାପୁର, ଯଦୁପୁର, ହରିପୁର ପ୍ରଭୃତି ଅଞ୍ଚଳରେ ଧାନ ଜମିରେ ଧାନ ପଡି ଗଛ ହୋଇଥିବା ଦେଖିବାକୁ ମିଳିଛି। ଖାଲୁଆ ଜମିରେ ଏଭଳିଆ ଦୃଶ୍ୟ ଦେଖିବାକୁ ମିଳୁଛି । ବଡ ଧାନ ହୋଇଥିବାରୁ ନୟାଗଡ ବ୍ଲକର ଅଧିକାଂଶ ଜମିରେ ଏଯାବତ ଧାନ କଟାଯାଇ ପାରି ନାହିଁ । ଧାନ ତଳେ ପଡି ଯାଇଥିବାରୁ ଯନ୍ତ୍ର କାଟି ପାରୁନି । ଶ୍ରମିକ ମଧ ଧାନ କାଟିବାକୁ ମିଳୁ ନାହାନ୍ତି । ଏଭଳିସ୍ଥଳେ ଚାଷୀର ଟେନଶନ ବଢ଼ି ଚାଲିଛି।

# ନୟାଗଡ଼ରେ ରାମନାଟକ ପ୍ରତିଯୋଗିତା

**ନୟାଗଡ଼,୨୦।୧୨(ଲୋକନାଥ ମିଶ୍ର)**

## ଲାଠିପଡ଼ା ଟାଙ୍ଗୀସାହି ବିଜୟୀ

ନୟାଗଡ ସହରର ତ୍ରିନାଥ ଛକରେ ତ୍ରିନାଥ ବଜାର ପୂଜା କମିଟି ଏବଂ ଶ୍ରୀରାମ ସେବା ପରିଷଦର ମିଳିତ ଆନୁକୂଲ୍ୟରେ ଶ୍ରୀ ତ୍ରିନାଥ ଦେବଙ୍କ ୪୨ତମ ବାର୍ଷିକ ଉତ୍ସବ ଅବସରରେ ୪ ଦିନ ବ୍ୟାପୀ ରାମ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଲାଠିପଡ଼ା (ଟାଙ୍ଗୀସାହି) ପ୍ରଥମ ସ୍ଥାନ ଅଧିକାର କରି ରଣପୁରର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ବରିଷ୍ଠ ଖବରଦାତା ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସାମାଜିକ କର୍ମୀ ପ୍ରିୟରଞ୍ଜନ ଦାଶ, ଅରୁଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ବେହେରା, ସମ୍ପାଦକ ବିଜୟ ପରିଡା, ବିଚାରକ ଦୁର୍ଗାକାନ୍ତ ଆଚାର୍ଯ୍ୟ, ବେଣୁଧର ସାହୁ, ଧନେଶ୍ୱର ପ୍ରଧାନ, ଭଗବାନ ମାଣ୍ଡୋଇ ପ୍ରମୁଖ ମଞ୍ଚାସୀନ ଥିଲେ । ନାଟକ କ୍ଷେତ୍ରରେ କୃତିତ୍ୱ ପ୍ରଦର୍ଶନ କରିଥିବା ଅନ୍ୟାନ୍ୟ ଶ୍ରେଷ୍ଠ କଳାକାରଙ୍କୁ ମଧ ପୁରସ୍କାର ମଧ ପ୍ରଦାନ କରା ଯାଇଥିଲା ।



ବିଜୟୀ ନାଟ୍ୟ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଛି।

# ସୂଚନା ପ୍ରଯୁକ୍ତି ବିଭାଗ ଉପଦେଷ୍ଟାଙ୍କ ଖଣ୍ଡପଡ଼ା ବ୍ଲକ ପରିଦର୍ଶନ

**ଖଣ୍ଡପଡା,୨୦।୧୨(ଅଜୟ କୁମାର ମହାରଣା)**



ଖଣ୍ଡପଡ଼ା ବ୍ଲକରେ ସୂଚନା ପ୍ରଯୁକ୍ତି ବିଭାଗ ଉପଦେଷ୍ଟା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରାଜ୍ୟ ସରକାରଙ୍କ ପ୍ରତିଟି ଯୋଜନା ତୃଣମୂଳ ସ୍ତରରେ ଲୋକ ମାନଙ୍କ ପାଖରେ କିପରି ସହଜ ଓ ସୁବିଧାରେ ପହଁଚିବ ତଥା ଏହାର ସୁବିଧା ସାଧାରଣ ଲୋକ ପାଇ ପାରିବେ ସେ ନେଇ ସରକାର ଏ ଦିଗରେ ଗୁରୁତ୍ୱପ୍ରଦାନ କରିଛନ୍ତି । ଏହି ଯୋଜନା ବା କାର୍ଯ୍ୟକ୍ରମ ଖଣ୍ଡପଡା ବ୍ଲକର ବିଭିନ୍ନ ଅଞ୍ଚଳରେ କିଭଳି କାର୍ଯକାରୀ ହେଉଛି ତାହାର ସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା(ଆଇ ଆଣ୍ଡଟି) ଉପଦେଷ୍ଟା ତଥା ଖଣ୍ଡପଡା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ୨ ଦିନିଆ ନୟାଗଡ ଜିଲ୍ଲା ଗସ୍ତରେ ଆସି ବୁଧବାର ଖଣ୍ଡପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକରୁଥିବା ସ୍କୁଲ ଓ ମୋ ସେବା କେନ୍ଦ୍ର ଓ ବ୍ଲକ ପରିଦର୍ଶନ କରିଛନ୍ତି। ୫-ଟି ଯୋଜନାରେ ରୁପାନ୍ତରିତ ହୋଇଥିବା ବିଦ୍ୟାଳୟର ନୂତନ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପ୍ୟୁଟର ସହ ଇଣ୍ଟରନେଟ ସେବା ଓ ସ୍ମାର୍ଟ କ୍ଲାସ ରୁମର ବ୍ୟବସ୍ଥା କରିଛନ୍ତି । ସେହିପରି ଜନସାଧାରଣ ସରକାରଙ୍କ ପ୍ରତିଟି ଯୋଜନାରେ ସାମିଲ ହେବା ପାଇଁ ନାମ ପଞ୍ଜୀକରଣ କରିବା ଠାରୁ ଆରମ୍ଭ କରି ବ୍ୟାଙ୍କ ସେବା ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ମାଧ୍ୟମରେ କରାଇବାର ବ୍ୟବସ୍ଥା କରିଛନ୍ତି । ତେବେ ସେଗୁଡିକ କିଭଳି ଭାବେ କାର୍ଯ୍ୟ କରୁଛି ତାହାର ସମୀକ୍ଷା କରିବା ପାଇଁ ଶ୍ରୀ ପଟ୍ଟନାୟକ ଉକ୍ତ ସ୍ଥାନ ମାନଙ୍କରେ ପହଁଚି ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଭୁବନେଶ୍ୱର ଡ଼ାଟା ଏଣ୍ଟ୍ରି ଅପରେଟର ବିଜୟ କୁମାର ସ୍ୱାଇଁ, ବିଡିଓ ଅଙ୍କୁର ଅଭିଳା. ଏବିଡିଓ ସୁବାସ ଚନ୍ଦ୍ର ସେଠୀ, ଜିପିଓ ଅନୀତ ବଡସେଟ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ବିଏସଏନଏଲ କାର୍ଯ୍ୟାଳୟର ଦିଗମ୍ବର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ, ଢୋଲମରା, କଣ୍ଟିଲୋ, ପଥର ଚକଡା, ଶିଖରପୁର ସରପଂଚ ପ୍ରତିନିଧି ଯଥାକ୍ରମେ ମୁକୁତା ପରିଡା, ଶ୍ରୀୟାରାଣୀ ବେହେରା, ଶିବାନୀ ଦାଶ ଓ ନବ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


କାଜଲ

# ଗାଢ଼ ଘଣ୍ଟାଏ

**କା**ଜଲ ଅଗ୍ରୱାଲଙ୍କର ଅଭିନୟ ଜୀବନରେ ଏଭଳି ଏକ ଘଟଣା ଘଟିଥିଲା, ଯାହାକୁ ଏ ପର୍ଯ୍ୟନ୍ତ ମନେରଖିଛନ୍ତି। ସେତେବେଳେ ସେ ଏକ ତେଲୁଗୁ ଫିଲ୍ମ 'ଆତାଦିସ୍ତା'ରେ ଅଭିନୟ କରୁଥାଆନ୍ତି। ଏହି ଚିତ୍ରର ଶୁଟିଂ ସେଟ୍‌ରେ ଏଭଳି ଘଟଣା ଘଟିଥିଲା। ସେହି ସମୟରେ ଏକ ଘଟଣା ନେଇ କାଜଲ କହନ୍ତି, 'ଥରେ ଗୋଟିଏ ଶଟ୍ ପାଇଁ ମୋର ବାରମ୍ବାର କଟ୍ ହେଉଥାଏ। ଏତିକି ବେଳକୁ ନୀତିନ ମୋ ପାଖକୁ ଆସି ମୋତେ କିଛି କହିଲେ। ସେପଟେ ନିର୍ଦ୍ଦେଶକ ମଧ୍ୟ ମୋତେ ଏହି ଶଟ୍ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ଘଣ୍ଟାଏ ସମୟ ଦେଲେ। ବାସ୍, ସେହି ସମୟ ଭିତରେ ଏହି ଶଟ୍‌କୁ ନେଇ ମୋ ମନରେ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ତାହାକୁ ସହଜରେ ସମାଧାନ କରିଦେଇଥିଲେ। କେବଳ ସେତିକି ନୁହେଁ, ଏହି ଶଟ୍‌ଟି ମଧ୍ୟ ଏକାଥରେ ଓକେ ହୋଇଥିଲା।' ଏହି ଫିଲ୍ମରେ ତାଙ୍କର ନାୟକ ସାଜିଥିଲେ ନିତୀନ। ଏଥିରେ ରଘୁବରଣ ଏବଂ ନାଗାବାବୁଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ସି. କଲ୍ୟାଣ ଏବଂ ଏସ. ବିଜୟାନନ୍ଦ। ନିର୍ଦ୍ଦେଶନା ଦେଇଥିଲେ ଏ.ଏସ. ରବିକୁମାର। ଖାସ୍ କଥା ହେଲା ଏହା ରଘୁବରଣଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା।

# ଏଣ୍ଣୁ ମାରିଲେ ଗୋହତ୍ୟା...

**କ**ଥା ପ୍ରସଙ୍ଗରେ କହନ୍ତି, 'ଏଣ୍ଣୁ ମାରିଲେ ଗୋ ହତ୍ୟା ତେଣ୍ଣୁ ମାରିଲେ ବ୍ରହ୍ମ ହତ୍ୟା'। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କିଆରା ଆଡୱାନୀ ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ତାଙ୍କୁ ଏକ ନୂଆ ବ୍ୟାନରରୁ ଅଫର ମିଳିଛି। ଏହା ତ ନିଶ୍ଚୟ ଖୁସିର କଥା। ହେଲେ ଏହି ଅଫରକୁ ନେଇ ତାଙ୍କର ଟେନ୍‌ସନ ବଢ଼ିଯାଇଛି। କାରଣ ଏଥିରେ ତାଙ୍କୁ ଦର୍ଶକ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ତେଣୁ ଏଭଳି ଦାୟିତ୍ୱକୁ କିପରି ତୁଲାଇବେ ସେ ନେଇ ଏବେଠାରୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏ ନେଇ କିଆରା କହନ୍ତି, 'ଡବଲ ରୋଲ୍‌କୁ ତୁଲାଇବା ଏତେ ସହଜ ନୁହେଁ-ଏକଥା ମୁଁ ଜାଣିଛି। ହେଲେ ଯେତେବେଳେ ଏହି ଅଫର ମିଳିଛି ତାହାକୁ ହାତଛଡା କରିବାକୁ ଚାହୁଁନାହିଁ। ଏଥିରୁ ଗୋଟିଏ ରୋଲ୍ ରୋମାଣ୍ଟିକ ହୋଇଥିବା ବେଳେ ଅନ୍ୟଟିରେ କିଛି ଆକ୍ସନ ଭରି ରହିଛି।' ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ତା'ସହ ଏଥିରେ କିଆରାଙ୍କ ଅପୋଜିଟ୍‌ରେ କିଏ ଅଭିନୟ କରିବ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


କିଆରା

# ଉଦଣ୍ଡୀ ସୀତା

**ଥ**ରେ ମନେ ପକାନ୍ତୁ ନା ଉତ୍ତମ-ଅପରାଜିତା ଯୋଡ଼ିଙ୍କ ଅଭିନୀତ 'ଉଦଣ୍ଡୀ ସୀତା'କୁ। ଅବତାର ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ସେହି ଏକା ଟାଇଟଲକୁ ନେଇ ନିର୍ମିତ ସିନେମାଟିଏ ରିଲିଜ ଅପେକ୍ଷାରେ ରହିଛି। ଏହାର ଶୀର୍ଷକ ଭୂମିକାରେ ଅଭିନୟ କରିଛନ୍ତି ଦେବଯାନୀ। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଅଭିନେତାରୁ ନିର୍ଦ୍ଦେଶକ ସାଜିଥିବା ଅଶ୍ୱିନୀ ତ୍ରିପାଠୀ। ଏହି ଫିଲ୍ମର ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ମଧ୍ୟ କରୁଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଚିତ୍ରଟିର ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି ଅଶ୍ୱିନୀ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ସମାଜରେ ଅନେକ ଘଟଣା ଘଟୁଛି, ଯାହାକୁ ଆଧାର କରି ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ। ସେଭଳି



ଏକ କରେଣ୍ଟ ଇସ୍ୟୁକୁ ନେଇ କାହାଣୀ ରଚନା କରାଯାଇଛି। ବିଶେଷଭାବରେ ଚାଷୀ ସମସ୍ୟାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ।' ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଯାନୀ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ପୂର୍ବରୁ 'ଉଦଣ୍ଡୀ ସୀତା'ର 'ସୀତାଲୋ ଆଜି ଜଳୁଛି ଯାହାର ଚିତାଲୋ' ଟ୍ୟାଗ୍ ଲାଇନ୍‌କୁ ନେଇ ଏହି ଫିଲ୍ମରେ ଏକ ଗୀତ କମ୍ପୋଜିଂ କରାଯାଇଛି। ଏଥିରେ ଦେବଯାନୀଙ୍କ ବ୍ୟତୀତ ସମରେଶ ରାଉତରାୟ, ଇଲୁ ବାନାର୍ଜୀ, ଶକ୍ତି ବରାଳ ଏବଂ ପିଙ୍କି ପ୍ରଧାନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ରହିଗଲା ଅବସୋସ

**ୟା**ମି ଗୌତମଙ୍କ ଜୀବନରେ ଏକ ଅବସୋସ ରହିଯାଇଛି। ଏବେ ବି ସେ କଥା ମନେପଡିଲେ ସେ ଦୁଃଖ ପ୍ରକାଶ କରନ୍ତି। ହେଲେ ଯାହା ଘଟିଯାଇଛି ତାହାକୁ ଗ୍ରହଣ କରିବାକୁ ତ ପଡିବ। କଥା କ'ଣ କି ପାଠ ପଢ଼ା ଶେଷ ହେବା ପରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। କେବଳ ସେତିକି ନୁହେଁ, ତା'ପରେ ଓକିଲାତି ପାଠ ପଢ଼ିବାକୁ ମନ ବଳାଇଥିଲେ। ହେଲେ ତାହା ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ। ଆଉ ଏବେ ତାହାକୁ ଜାରି ରଖିଛନ୍ତି। ଏ ନେଇ ୟାମି କହନ୍ତି, 'ପାଠ ପଢ଼ା ବେଳେ ପ୍ରଶାସନିକ କ୍ଷେତ୍ରରେ ଚାକିରି କରିବାକୁ ଇଚ୍ଛା ଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ଓକିଲ ହେବାକୁ ଆଶା କଲି, ତାହା ମଧ୍ୟ ପୂରଣ ହେଲା ନାହିଁ। ତେଣୁ ପରେ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଲି। ମୋର କିଛି ଆଶା ପୂରଣ ହୋଇପାରିଲା ନାହିଁ। ସେ କଥା ମନେପଡିଲେ ଦୁଃଖ ଲାଗେ।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହା ବ୍ୟତୀତ ସେ ତାମିଲ, ତେଲୁଗୁ, ମାଲୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଲା- 'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବାଦଲପୁର', 'ସନମ୍ ରେ', 'ସରକାର-୩', 'ବାଲା', 'ଗିନି ୱେଡସ ସନି', 'ଭୂତ ପୋଲିସ' ଏବଂ 'ଏ ଥର୍ସ ଡେ'।


ୟାମି

ପରଦା ପଛରେ..

# ଦେବାଶିଷ ଯାହା ଭାବିଥିଲେ..


ଦେବାଶିଷ

**ବେ**ଳେବେଳେ ମଣିଷ ଯାହା ଭାବିଥାଏ ତାହା ହଠାତ୍ ପୂରଣ ହୋଇଯାଏ। ଦେଖୁନାହାନ୍ତି, ନିଜର ଲକ୍ଷ୍ୟ ହାସଲ ପରେ କିପରି ସଙ୍ଗୀତ ନିର୍ଦ୍ଦେଶକ ତଥା ପ୍ରଯୋଜକ ଦେବାଶିଷ ମଲ୍ଲିକଙ୍କ ଖୁସି ବନ୍ଧ ବାଡ ମାନୁନି। ଏ ନେଇ ସେ କହନ୍ତି, 'ଓଡ଼ିଆ ଶ୍ରୋତାଙ୍କ ପାଇଁ ସବୁବେଳେ ଭଲ ଭଲ ଗୀତ ଭେଟି ଦେବାକୁ ଚେଷ୍ଟା କରିଆସିଛି। ଆଉ ଏଥିରେ ସଫଳ ହୋଇଛି ମଧ୍ୟ। ଏଥିଲାଗି ମୋର ପରିଶ୍ରମ ସହ ଶ୍ରୋତାଙ୍କ ଭଲ ପାଇବା, ମୋ ସହ ଜଡିତ ସହଯୋଗୀଙ୍କ ସହଯୋଗ ଏଥିପାଇଁ ଦାୟୀ। ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ। ୨୦୦୧ରୁ ମୋର ଏହି ଯାତ୍ରା ଚାଲୁ ରହିଛି। ଆଉ ନିକଟରେ ମୋ ତାଲ୍ ମ୍ୟୁଜିକ୍ ଦ୍ୱାରା ପ୍ରଯୋଜିତ ଆଲବମ୍ ଗୀତ ସଂଖ୍ୟା ୧୫,୦୦୦ ମାଇଲଷ୍ଟୋନ୍ ଛୁଇଁଛି। ଏହା ନିଶ୍ଚୟ ମୋତେ ଆଗକୁ ଆଗେଇବାକୁ ପ୍ରେରଣା ଦେବ।' ନିକଟରେ ଏହି ବ୍ୟାନରରେ ଆଉ ୮ଟି ଗୀତ ଲୋକାର୍ପିତ ହୋଇଛି। ସୁବାସ ଚନ୍ଦ୍ର ପରିଡାଙ୍କ ରଚିତ ଏହି ଗୀତଗୁଡିକୁ ସ୍ୱର ଦେଇଛନ୍ତି ନିଜେ ଦେବାଶିଷ। ମ୍ୟୁଜିକ ଆରେଞ୍ଜମେଣ୍ଟ ଦାୟିତ୍ୱ ତୁଲାଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ଅଭିଜିତ ମଜୁମଦାର, ସୌରଭ ନାୟକ, କରୁଣାକର, ରୁଦ୍ର ମହାନ୍ତି, ମାନସ ପ୍ରୀତମ, ଅଭିଜିତ ମିଶ୍ର, ଅନୁରାଗ ଦାସ, ଶ୍ରୀତମ, ସାଇନା ଏବଂ ବୈଭୀ ଗଡ଼ନାୟକ।

# ମନେପକାନ୍ତି କ୍ରୀତି

**ଜୀ**ବନର ଯେ କୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କ୍ରୀତି ବାଦ୍ ପଡନ୍ତେ କିପରି ? ପ୍ରଥମେ ବିଜ୍ଞାପନ ତା'ପରେ ସେ ର୍‌ୟାମ୍ପ ଶୋ'ରେ ଅଂଶଗ୍ରହଣ କରିଥିଲେ। ନିଜର ପ୍ରଥମ ର୍‌ୟାମ୍ପ ଶୋ' ଅନୁଭୂତିକୁ ସେ ଏପର୍ଯ୍ୟନ୍ତ ମନେପକାଉଛନ୍ତି। ଏ ନେଇ କ୍ରୀତି କହନ୍ତି, 'ଦିଲ୍ଲୀରେ ଆୟୋଜିତ ଏକ ର୍‌ୟାମ୍ପ ଶୋ'ରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଥିଲି। ଯେତେବେଳେ ଷ୍ଟେଜ୍ ଉପରକୁ ଗଲି ସେତେବେଳେ ମୁଁ ନର୍ଭସ ହୋଇପଡିଥିଲି। କେତେବେଳେ ମୁଁ ପରଫରମାନ୍ସ କରି ଗ୍ରୀନ୍ ରୁମ୍‌କୁ ଆସିଛି ତାହା ଜାଣିପାରି ନ ଥିଲି। ଶୋ' ଶେଷ ହେବା ପରେ ମୁଁ ବାହାରକୁ ଆସି ଯେତେବେଳେ ଅଟୋରେ ବସିଲି ସେତେବେଳେ କାନ୍ଦି ପକାଇଥିଲି। ସେତେବେଳେ ଖୁସିରେ ମୋ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। ଆଉ ସେହି କାନ୍ଦକୁ ମୁଁ ଆଜିଯାଏ ଭୁଲି ପାରୁନି।' ୨୦୧୪ରେ ତାଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ମିଳିଥିଲା, ଆଉ ସିନେମାଟି ଥିଲା 'ହିରୋପନ୍ତି'। ହେଲେ ଏହା ପୂର୍ବରୁ ସେ ମହେଶ ବାବୁଙ୍କ ସହ 'ନିନୋକାଡିନି'ରେ ଆକ୍ଟିଂ କରିସାରିଥିଲେ।


କ୍ରୀତି

ଛୋଟ ପରଦା

# ତୁ ଖରା ମୁଁ ଛାଇ

**ଓ**ଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣିତ ଓ ପ୍ରଗତିଶୀଳ ଓଡ଼ିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜଭୁତ କରିବା ପାଇଁ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ-ସାର୍ଥକ ସବୁବେଳେ ଚେଷ୍ଟାରତ । ଏହି ଚ୍ୟାନେଲରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ଦର୍ଶକଙ୍କ ମନ ଜିଣିବାରେ ସଫଳ ହେବା ସହ ସାଉଁଟି ଚାଲିଛି ପ୍ରଶଂସା। ଏହାର କାହାଣୀ ବିଭିନ୍ନ ଅପ୍ରତ୍ୟାଶିତ ମୋଡ ଦେଇ ଗତି କରୁଛି। କାହାଣୀର ମୁଖ୍ୟ ନାୟକ ଏଜେ ସମୟକ୍ରମେ ଜେଲରେ ପହଞ୍ଚିଛି। ଅମ୍ବିକା ଦ୍ୱାରା ପ୍ରରୋଚିତ ହୋଇ ନାୟକ କାହାଣୀର ମୁଖ୍ୟ ନାୟିକା ମାନିନୀକୁ ଦୋଷୀ ଭାବିଛି। ଅନ୍ୟପକ୍ଷରେ ପ୍ରତିଶୋଧ ନେବାକୁ ମନ କରିଛି । ସେପଟେ ମାନିନୀ ମନେ ମନେ ଭଲ ପାଇବସିଛି ଏଜେକୁ ଓ ପ୍ରପୋଜ୍ କରିବା ଦିନ ହିଁ ଏଜେ ମାନିନୀକୁ ବହୁତ ଅପମାନ ଦେଇଛି ଓ ଘରୁ ଚାଲିଯିବା ପାଇଁ କହିଛି । ଏପରିକି ତିନି ବୋହୂ ଅମ୍ବିକା, ଲକ୍ଷ୍ମୀ ଓ ସରସ୍ୱତୀ ମିଶି ମାନିନୀକୁ ହଇରାଣ କରିଛନ୍ତି । ମାନିନୀ ମଧ୍ୟ ନିଜକୁ ଦୋଷୀ ଭାବି ସେଠାରୁ ପଳେଇଛି ହେଲେ କାହାଣୀରେ ପୁଣି ଆସିଛି ଆଉ ଏକ ଅପ୍ରତ୍ୟାଶିତ ମୋଡ । ଘର ଛାଡିବା ପୂର୍ବରୁ ମାନିନୀ ଏଜେ ପାଇଁ ଲେଖିଥିବା ଚିଠିଟି ମିଳିଛି ଶାଶୁ ସୁହାସିନୀଙ୍କୁ ସେ ମାନିନୀକୁ ସତ ବୁଝାଇ ଘରକୁ ଫେରାଇ ଆଣିଛନ୍ତି ହେଲେ ଏଥର ଫେରିଥିବା ମାନିନୀ ପରିବର୍ତ୍ତନ ହୋଇଛି। ତେବେ ଆଗକୁ ମାନିନୀ କ'ଣ ପ୍ରତିଶୋଧ ନେଇପାରିବ ? ପୁଣି ନିଜ ସ୍ୱାମୀ ଏଜେକୁ ଫେରି ପାଇବ ? ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସିଛି 'ତୁ ଖରା ମୁଁ ଛାଇ'। 'ଜୀ-ସାର୍ଥକ ଚ୍ୟାନେଲକୁ ଅଗଣିତ ଓଡ଼ିଆ ଦର୍ଶକ ସବୁବେଳେ ଏକ ନମ୍ବର କରି ରଖିଛନ୍ତି। ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ଆହୁରି ନୂଆ ନୂଆ ଅପ୍ରତ୍ୟାଶିତ ମୋଡ ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲ ଲାଗିବ ବୋଲି କହନ୍ତି ଜୀ-ସାର୍ଥକର ଚ୍ୟାନେଲ ଅଫିସର ପ୍ରତୀକ ସିଲ।'


ଧାରାବାହିକ 'ତୁ ଖରା ମୁଁ ଛାଇ'ରେ ରଞ୍ଜନ-ସ୍ମୃତିରେଖା

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

Admission Open
JOIN AFTER +2 ANY STREAM
OT TECHNOLOGY ଅପରେସନ୍ ଥିଏଟର୍ ଟେକ୍ନିସିଆନ୍
MEDICAL IMAGING TECHNOLOGY ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY ଡାୟାଲସିସ୍ ଟେକ୍ନିସିଆନ
CARDIAC CARE TECHNOLOGY କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କେଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ବଜାରରେ ପ୍ରକୃତିରସ ମସଲା

ଭୁବନେଶ୍ୱର,୨୦।୧୨ (ଅଭୟ ଦାଶ)




ରାଜ୍ୟର ଅଗ୍ରଣୀ ଫୁଡ୍‌ଷ୍ଟାର୍ଟଅପ୍‌କମ୍ପାନୀ ତଥା ପ୍ରକୃତିରସ ମସଲାର ଆନୁଷ୍ଠାନିକ ଶୁଭାରମ୍ଭ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଜଣାଶୁଣା ସେଫ୍ ବିଶ୍ୱଜିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ବଜାର ଉନ୍ମୋଚନ ସହ ବଜାର ପ୍ରବେଶ କରାଇଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରି ତନୟା ଜେନା, ନିର୍ଦ୍ଦେଶକ ଅଙ୍କିତ ମହାପାତ୍ର ଓ ଶୁଭ୍ରଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକୃତିରସର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରି ତନୟା ଜେନା କହିଛନ୍ତି, ପ୍ରକୃତିରସ କେବଳ ଏକ ମସଲା କମ୍ପାନୀ ନୁହେଁ, ଶୁଦ୍ଧତା ଓ ସ୍ୱାସ୍ଥ୍ୟ ପ୍ରତି ଏହା ହେଉଛି ଏକ ପ୍ରତିବଦ୍ଧତା। ଆମେ ଏହି ଯାତ୍ରା ଆରମ୍ଭ କରିବା ଏବଂ ମସଲା ଦୃଶ୍ୟପଟକୁ ପୁନଃ ନିର୍ଦ୍ଧାରଣ କରିବାକୁ ପ୍ରତିବଦ୍ଧ ରହିଛୁ। ପ୍ରକୃତିରସର ନିର୍ଦ୍ଦେଶକ ଅଙ୍କିତ ମହାପାତ୍ର କହିଛନ୍ତି, ଆମେ ଏଭଳି ଏକ ମସଲା ଉପସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରୁଛୁ, ଯାହା କେବଳ ଆପଣଙ୍କ ଖାଦ୍ୟର ସ୍ୱାଦ ବଢ଼ାଇବ ନାହିଁ ବରଂ ଏକ ସୁସ୍ଥକର ଜୀବନଶୈଳୀ ପ୍ରତି ଯୋଗଦାନ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ପ୍ରକୃତିରସର ଗୌରବମୟ ଶୁଭାରମ୍ଭ ହୋଇଥିବା ବେଳେ ଭବିଷ୍ୟତ ଲାଗି କମ୍ପାନୀ ମହତ୍ତ୍ୱାକାଂକ୍ଷୀ ଯୋଜନା ନିର୍ଦ୍ଧାରଣ କରିଛି। ଏପରିକି ଆସନ୍ତା ୬ମାସ ମଧ୍ୟରେ ପ୍ରକୃତିରସର ସୁଗନ୍ଧଭରା ଯାତ୍ରାକୁ ସାରା ଦେଶରେ ବିସ୍ତାରକରି ଜାତୀୟସ୍ତରରେ ପରିବାରଗୁଡ଼ିକ ପାଖରେ ବିଶୁଦ୍ଧ ଓ ସୁସ୍ଥକର ମସଲାପହଞ୍ଚାଇବାକୁକମ୍ପାନୀଲକ୍ଷ୍ୟରଖିଛି।

# ଉଦୟ ଅନନ୍ତ ଏମ୍‌ସିଏଲ୍‌ର ନୂଆ ଅଧ୍ୟକ୍ଷ

ସମ୍ବଲପୁର,୨୦।୧୨(ବି.ଶଙ୍କର)


ଉଦୟ ଅନନ୍ତ କାଓଲେ

ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ନୂଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଉଦୟ ଅନନ୍ତ କାଓଲେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସମ୍ବଲପୁର ବୁର୍ଲା (ଜାଗୃତି ବିହାର) ସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟରେ କାଓଲେ ପହଞ୍ଚିବା ପରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଉଦୟଙ୍କୁ ସ୍ୱାଗତ କରିଥିଲେ। ଏପରିକି କମ୍ପାନୀର ସୁରକ୍ଷା ସେବା ଦ୍ୱାରା ଉଦୟଙ୍କୁ ଆନୁଷ୍ଠାନିକ ଗାର୍ଡ ଅପ୍ ଅନର ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ସେ ଧାନବାଦର ଭାରତ କୋକିଂ କୋଇଲା କମ୍ପାନୀର ନିର୍ଦ୍ଦେଶକ (ବୈଷୟିକ) ଭାବେ ନିଯୁକ୍ତ ହୋଇଥିଲେ। କୋଇଲା ଖଣି କ୍ଷେତ୍ରରେ ତାଙ୍କର ୩୬ ବର୍ଷର ବୈଷୟିକ ଓ ପ୍ରଶାସନିକ ଅଭିଜ୍ଞତା ରହିଛି। ୧୯୮୭ରେ ଉଦୟ ଜୁନିୟର ମାଇନିଂ ଇଞ୍ଜିନିୟର ଭାବେ କୋଲ ଇଣ୍ଡିଆ ଲିମିଟେଡ୍‌ରେ ଯୋଗଦେଇଥିଲେ। ୱେଷ୍ଟର୍ନ କୋଲଫିଲ୍ଡ ଲିମିଟେଡ୍ ସମେତ ଏସ୍‌ଇସିଏଲ୍‌ରେ ମଧ୍ୟ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ନାଗପୁର ବିଶ୍ୱବିଦ୍ୟାଳୟରୁ ସେ ଖଣିରେ ସ୍ନାତକୋତ୍ତର ଡିଗ୍ରୀ ଓ ପ୍ରଥମଶ୍ରେଣୀ ଖଣି ପରିଚାଳକ ଦକ୍ଷତା ପ୍ରମାଣପତ୍ର ହାସଲ କରିଛନ୍ତି।

# ସେପ୍ଟେମ୍ବରରେ ଜିଓର ସର୍ବାଧିକ ଗ୍ରାହକ ସଂଯୋଗ

ଭୁବନେଶ୍ୱର,୨୦।୧୨

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ୨୦୨୩ ସେପ୍ଟେମ୍ବରରେ ସର୍ବାଧିକ ସଂଖ୍ୟକ ନୂତନ ମୋବାଇଲ୍ ଗ୍ରାହକ ସଂଯୋଗ ପ୍ରଦାନ କରିଛି। ଏପରିକି ୨୦୨୩ ସେପ୍ଟେମ୍ବରରେ ନୂତନ ମୋବାଇଲ ଗ୍ରାହକ ଯୋଡ଼ିବାରେ ଜିଓ ଓଡ଼ିଶାର ଏକମାତ୍ର ସେବା ପ୍ରଦାନକାରୀ ହୋଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ବିଶେଷକରି ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଜିଓ ସେପ୍ଟେମ୍ବରରେ ପ୍ରାୟ ୯୮,୦୦୦ ରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଓଡ଼ିଶାରେ ଯୋଡ଼ିଥିବା ବେଳେ ଏୟାରଟେଲ,ବିଏସ୍‌ଏନ୍‌ଏଲ୍ ଏବଂ ଭି ଭଳି କମ୍ପାନୀ ଏହିସମୟ ମଧ୍ୟରେ ହଜାର ହଜାର ଗ୍ରାହକ ହରାଇଛନ୍ତି। ସେହିପରି ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଜିଓର ପ୍ରାୟ ୧.୪୫ କୋଟି ମୋବାଇଲ ଗ୍ରାହକ ଏବଂ ୨.୪୫ ଲକ୍ଷ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ରହିଥିବା ଉକ୍ତ ତଥରେ ପ୍ରକାଶ ପାଇଛି। ଏପରିକି ଉଭୟ ଓ୍ୱାୟାରଲେସ୍ ଏବଂ ଓ୍ୱାୟାରଲାଇନ୍ କ୍ଷେତ୍ରରେ ଜିଓ ରାଜ୍ୟରେ ନିଜର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ତେବେ ଜିଓ ବ୍ୟତୀତ ଅନ୍ୟ ସମସ୍ତ ସେବା ପ୍ରଦାନକାରୀ ସେପ୍ଟେମ୍ବରରେ ଗ୍ରାହକ ହରାଇବା ଫଳରେ ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୪ ଲକ୍ଷରୁ ଅଧିକ ହ୍ରାସ ପାଇ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ମୋଟ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୩.୩୨ କୋଟିରେ ପହଞ୍ଚିଥିବା ଜଣାପଡ଼ିଛି।

# ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୦।୧୨


ଅନୀଶ ଖାନ୍ନା

ଦେଶର ପ୍ରମୁଖ ଘରୋଇ ବୀମା ପ୍ରଦାନକାରୀ ସଂସ୍ଥା ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ 'ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ୍ ୨ ଆଚିଭ୍'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଏକ ସୁନିଶ୍ଚିତ ଜୀବନ ଜୀବନ ବୀମା ଯୋଜନା ହୋଇଥିବାବେଳେ ପ୍ରିୟଜନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର ଆର୍ଥିକ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏହା ଜରିଆରେ ଯୋଜନା କରାଯାଇଛି। ଏପରିକି ଏହା ସମ୍ପୂର୍ଣ୍ଣ ନମନୀୟ, ପ୍ରାରମ୍ଭିକ ଆୟ, ଦୀର୍ଘକାଳୀନ ଆୟ, ଲମ୍ପସମ୍ କିମ୍ବା ପିରିୟଡ୍ ଲମ୍ପସମ୍ (ଟଙ୍କା ଫେରସ୍ତ) ଭାବେ ଲାଭ ପାଇବାକୁ ହିତାଧିକାରୀ ନିଜର ଯୋଜନାକୁ କଷ୍ଟମାଇଜ୍ କରିପାରିବ।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ହେଡ୍ (ପ୍ରଡକ୍ଟସ୍ ଆଣ୍ଡ୍ ସେଗମେଣ୍ଟସ୍) ଅନୀଶ ଖାନ୍ନା କହିଛନ୍ତି, କମ୍ପାନୀ ଏହି ନୂତନ ଉତ୍ପାଦକୁ ସର୍ବଭାରତୀୟସ୍ତରରେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ସବୁକିଛି ଏକ ସ୍ୱପ୍ନରୁ ଆରମ୍ଭ ହୋଇଥାଏ ଏବଂ ସ୍ୱପ୍ନ ଯେତେ ବଡ଼ ହେଉନା କାହିଁକି, ତାହାକୁ ବାସ୍ତବ ରୂପ ଦେବା ପାଇଁ ଏକ ସୁରକ୍ଷିତ ପଦକ୍ଷେପ ସହ ଆରମ୍ଭ କରିବା ଆବଶ୍ୟକ ରହିଛି। ସେହିଭଳି ନିୟମିତ ସଞ୍ଚୟ ଏବଂ ଯୋଜନା ସହ ଜୀବନ ଲକ୍ଷ୍ୟ ପୂରଣ ହୋଇଥାଏ। ଏପରିକି ଗ୍ରାହକ ବର୍ତ୍ତମାନ ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ୍ ୨ ଆଚିଭ୍ ଉତ୍ପାଦ ସହିତ ନିଜର ସ୍ୱପ୍ନକୁ ପୂରଣ କରିବା ଦିଗରେ ଗ୍ରାହକ ପ୍ରଥମ ସୁରକ୍ଷିତ ପଦକ୍ଷେପ ନେଇ ପାରିବେ। ବିଶେଷକରି ଏହା ଏକ ବହୁ ବିଧି ଯୋଜନା ଯାହା ଗ୍ରାହକଙ୍କୁ ଅସୀମିତ ମିଶ୍ରଣ ଦେଇଥାଏ। ଏହା ଗ୍ରାହକଙ୍କୁ ଗ୍ୟାରେଣ୍ଟି ରିଟର୍ନର ସ୍ୱପ୍ନକୁ ସାକାର କରିବାକୁ ସକ୍ଷମ କରିଥାଏ।


# Classified Everyday
0674-2580101, 2549949



REAL ESTATE

## SALE

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

**Commercial Plot 29 dcml. (12632Sqft.) Sale at Puri near Mangalaghat Chhak. Suitable for Apartment/ School/ Complex etc. Call for details: 9438220432/ 8144658008, No Broker.** D-2043

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

Your classified advertisement published in Dharitri will be listed free in Dharitri online edition:
**dharitriepaper.in**




**Ashirvaad Salon and SPA get good massage for your health tha best therapy. 7077181074.** D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

Newly open Jyoti Spa positively health benefits (Expert Therapist). 8458067955. D-75179


BUSINESS

୭୦,୦୦୦/- ନିବେଶକରି ୨୦,୦୦୦/- ରୋଜଗାର କରନ୍ତୁ। ଅଟୋ ବଲ୍‌ବ, ହାଲୋଜିନ୍ ବଲ୍‌ବ ପ୍ଲାଣ୍ଟ ବସାନ୍ତୁ। ଲେବର, ମାର୍କେଟିଂ ସୁବିଧା। ୧୦୦% ପ୍ରସ୍ତୁତ ସାମଗ୍ରୀର କିଣିବାର ଏଗ୍ରିମେଣ୍ଟ । ୦୧୧-୪୫୭୨୦୧୯୯, ୯୯୧୦୪୯୨୪୮୭ । ଧ-୨୦୬୫


ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Nilima Mishra, resident of Gopinath Complex, Flat- 404, Kuha, Bhubaneswar, Odisha-751002, M-8895943799 declare by this affidavit No.68AA893784 Dt.11.12.2023 that in my Passport, vide No.L7029928 issued by Regional Passport Authority, in which my name is reflected as Nilima Misra instead of Nilima Mishra. I declare that Nilima Misra & Nilima Mishra is one and same person, who is myself. D-2066

I, Dibakar Dash, S/o Late Kashinath Dash, resident of Gopinath Complex, Flat No. 404, Kuha, Bhubaneswar, Odisha-751002, M-8895907773 declare that in my Passport vide No.K4996582 issued by Regional Passport Authority, in which my father's name is reflected as Kashinath Dash instead of Kasinath Dash. I declare that Kasinath Dash & Kashinath Das is one and same person, who is my father. D-2067

I, Basanti Kumari Raulo, W/o Lingaraj Raulo, R/o Kamapalli, Berhampur, Pin-760004, Odisha declared by this affidavit No. 9783, Dated-19.12.2023, that from now onwards I shall be known as Basanti Kumari Raulo instead of Kumari Raulo. D-2070

# ତନେଇରାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ




ଭୁବନେଶ୍ୱର,୨୦।୧୨

**୨୦,୦୦୦ଟଙ୍କାର ଶପିଂ ଉପରେ ସ୍ୱତନ୍ତ୍ର ସ୍ୱର୍ଣ୍ଣ ମୁଦ୍ରା ଅଫର**

ଟାଟା ଗ୍ରୁପ୍‌ର ସ୍ୱତନ୍ତ୍ର ପରିଧାନ ବ୍ରାଣ୍ଡ୍ ତନେଇରାର ଭୁବନେଶ୍ୱର ଆଉଟ୍‌ଲେଟ୍ ପକ୍ଷରୁ ଶୋ'ରୁମ୍‌ର ପ୍ରଥମ ବର୍ଷର ପୂର୍ତ୍ତି ଉତ୍ସବ ବୁଧବାର ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଉଟ୍‌ଲେଟ୍ ପକ୍ଷରୁ ଏକ ଖରବଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ତନେଇରାର ଆର୍‌ବିଏମ୍ ସୁମିତ ଘୋଷ ଏବଂ ଆଉଟ୍‌ଲେଟ୍ ସ୍ୱତ୍ୱାଧିକାରୀ ତଥା ବିଏ ମାଣିକ ହଂସ ଯୋଗଦେଇ ଉଭୟ ତନେଇରା ଓ ଭୁବନେଶ୍ୱର ଷ୍ଟୋର ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ଏହି ଅବସରରେ ତନେଇରା ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଷ୍ଟୋର ପକ୍ଷରୁ ଏକ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ପ୍ରତି ୨୦,୦୦୦ ଟଙ୍କାର କ୍ରୟ ବିଲିଂ କିମ୍ବା ତା'ଠାରୁ ଅଧିକ କ୍ରୟ ବିଲିଂ ଉପରେ ଗ୍ରାହକଙ୍କୁ ତନିସ୍କର ଏକ ଆକର୍ଷଣୀୟ ସ୍ୱର୍ଣ୍ଣ ମୁଦ୍ରା (୦.୦୨ ଗ୍ରାମ ମୁଦ୍ରା) ଅଫର ଆକାରର ଦିଆଯାଉଛି। ଏହି ଅଫର ୨୦୨୩ ଡିସେମ୍ବର ୨୪ ପର୍ଯ୍ୟନ୍ତ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ତନେଇରାରେ ଦେଶର ପ୍ରମୁଖ ବୁଣାକାର ସମିତି ଓ ସୋସାଇଟିର ଲୋକପ୍ରିୟ ତଥା ପ୍ରିମିୟମ ଶାଢ଼ି ସାଙ୍ଗକୁ ରେଡି ଟୁ ୱେୟର ବ୍ଲାଉଜ ଓ କୁର୍ତ୍ତା ସେଟର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ୨୨୦୦ ଟଙ୍କାରୁ ୨,୨୦,୦୦୦ ଟଙ୍କାର ଶାଢ଼ି ଏଠାରେ ରହିଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୨୦।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୯୩୧ (୯୩୦.୮୮) ପଏଣ୍ଟ ଖସି ୭୦,୫୦୬(୭୦,୫୦୬.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୦୩ (୩୦୨.୯୫) ପଏଣ୍ଟ ହ୍ରାସ ଘଟି ୨୧,୧୫୦ (୨୧,୧୫୦.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ୍, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସକାରବାରରେମଧ୍ୟହ୍ରାସହୋଇଛି।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ମହେନ୍ଦ୍ର ପ୍ରସାଦ ପଣ୍ଡା
ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ଇଛଦା, ଭଦ୍ରକ
ତିରୋଧାନ- ୧୧।୧୨।୨୦୨୩
କେଉଁ ଅଫେରା ରାଇଜେ ଚାଲିଗଲ ତୁମେ
ଭୁଲି ଘର ଦ୍ୱାର ପରିବାର,
ଝୁରୁଛନ୍ତି ଜ୍ଞାତି, ବନ୍ଧୁ, ପରିଜନ
ଝରାଇ ଲୁହର ଧାର ।
ପ୍ରଣତି ଜଣାଇ ବିନତି କରୁ
ଏତିକି କାମନା ଆମ,
ପ୍ରଭୁ କୃପାବଳେ ଶାନ୍ତି, ସ୍ୱସ୍ତି ସହ
ଲଭ ତୁମେ ସ୍ୱର୍ଗଧାମ ।
ଶୋକସନ୍ତପ୍ତ : ପଣ୍ଡା ପରିବାର
ଧ-୨୦୬୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ପ୍ରମିଳା ରାୟ
ସ୍ୱାମୀ ସ୍ୱର୍ଗତ କ୍ଷେତ୍ରମୋହନ ରାୟ
ବେଣ୍ଣୁପୁର, ବାଲିଅନ୍ତା, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୂର୍ଣ୍ଣଚନ୍ଦ୍ର ରାୟ , ହତଭାଗ୍ୟ ପୁତ୍ର- ମହେଶ, ରବୀନ୍ଦ୍ର ଓ ଅଜିତ, ରାୟ ପରିବାରବର୍ଗ, ବେଣ୍ଣୁପୁର
ଧ-୭୧୨୨୬

**ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି**



୰ ବିଜୟ କୁମାର ରଣା
ଆବିର୍ଭାବ- ୧୩।୦୫।୧୯୫୭
ତିରୋଧାନ- ୦୨।୧୨।୨୦୨୨
ବୈଶାଖର ବୈଶାଖୀରେ ଭୂମିଷ୍ଠ ହୋଇଥିବା ଧୈର୍ଯ୍ୟବାନ୍, ଦୃଢ଼ମନା ପୁରୁଷ ତୁମେ, ପୌଷର ଶାନ୍ତଭରା ପରିବେଶରେ ଚିରଶାନ୍ତ ହୋଇ ସ୍ୱର୍ଗାରୋହଣ କଲ ତୁମେ। ବାପା, ତୁମର କର୍ତ୍ତବ୍ୟ, ତ୍ୟାଗ, ସ୍ନେହ, ଦୟାଳୁ ବ୍ୟକ୍ତିତ୍ୱ ଆମ ପାଖରେ ଅବିସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇବାବାଙ୍କ ନିକଟରେ ପ୍ରାର୍ଥନା ।
ତୁମର ଶୋକସନ୍ତପ୍ତ: ସପରିବାର (ଚମ୍ପା, ବାବୁ, ଗୁଲୁ, ରଲି, ପୂର୍ଣ୍ଣେନ୍ଦୁ, କଟି, ମମ୍ମୁ, ଇପୁ, ବଗୁଲୁ ଏବଂ ପପୁନ୍)
ଧ-୨୧୬୨


# ଆକ୍ସିସ ବ୍ୟାଙ୍କ ପ୍ରିଭିଲେଜ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୨

ଆକ୍ସିସ୍ ବ୍ୟାଙ୍କ ଓ ଆମେରିକାନ୍ ଏକ୍ସପ୍ରେସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ଓ ସହଭାଗିତା ନିକଟରେ ହୋଇଯାଇଛି। ଏପରିକି ଆମେରିକାନ ଏକ୍ସପ୍ରେସ୍ ନେଟ୍‌ୱର୍କରେ ଆକ୍ସିସ୍ ବ୍ୟାଙ୍କ ପ୍ରିଭିଲେଜ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସହଭାଗିତା ଯୋଗୁ ଆକ୍ସିସ୍ ବ୍ୟାଙ୍କର ଗ୍ରାହକମାନେ ଆମେରିକାନ୍ ଏକ୍ସପ୍ରେସ୍ ନେଟ୍‌ୱର୍କରେ ସ୍ଥାନୀୟ ଓ ବିଶ୍ୱସ୍ତରୀୟ ଲାଭଗୁଡ଼ିକ ପାଇପାରିବେ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଅଧ୍ୟକ୍ଷ ତଥା କାର୍ଡସ୍ ଓ ପେମେଣ୍ଟସ୍ ମୁଖ୍ୟ ସଞ୍ଜୀବ ମୋଘେ କହିଛନ୍ତି,ଆକ୍ସିସ୍ ବ୍ୟାଙ୍କରେ ଆମେ ଗ୍ରାହକଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ନିରନ୍ତର ଅଭିନବ କାର୍ଯ୍ୟ କରୁଛୁ। ବ୍ୟାଙ୍କର ପ୍ରିମିୟମକରଣ ରଣନୀତି ଅନୁଯାୟୀ, ଆମର ଗ୍ରାହକମାନଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ପ୍ରସ୍ତାବ ବଜାରକୁ ଆଣିବା ପାଇଁ ଆମେ ଆମେରିକାନ୍ ଏକ୍ସପ୍ରେସ୍ ସହଣ୍ ଭାଗୀଦାରି କରି ବେଶ୍ ଆନନ୍ଦିତ ଅଛୁ। ଏହି ଭାଗୀଦାର ସମୃଦ୍ଧ ଏବଂ ପ୍ରିମିୟମ ଗ୍ରାହକବର୍ଗଙ୍କୁ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ସେହିଭଳି ଆମେରିକାନ୍ ଏକ୍ସପ୍ରେସ୍‌ରେ ଭାରତର ଉପାଧ୍ୟକ୍ଷ ତଥା ଗ୍ଲୋବାଲ ମର୍ଚ୍ଚାଣ୍ଟ ଆଣ୍ଡ ନେଟ୍‌ୱର୍କ ସର୍ଭିସେସ୍ ମୁଖ୍ୟ ଅନୁରାଗ ଗୁପ୍ତା କହିଛନ୍ତି,କାର୍ଡ ପ୍ରଦାନ ଦିଗରେ ଆକ୍ସିସ୍ ବ୍ୟାଙ୍କ ସହିତ ଆମର ଭାଗୀଦାରକୁ ଆହୁରି ବିସ୍ତାର କରିବାକୁ ଆମେ ଉତ୍ସାହିତ।

ଆଉ କେତୋଟି ଦିନ ପରେ ଶେଷ ହେବ ୨୦୨୩ ମସିହା। ପୁରୁଣା ବର୍ଷକୁ ବିଦାୟ ସହ ନୂତନ ବର୍ଷ ୨୦୨୪କୁ ସ୍ୱାଗତ କରାଯିବ। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲା ପାଇଁ ୨୦୨୩ ମସିହା କେତେକ ଘଟଣା ଲାଗି ଚର୍ଚ୍ଚାରେ ରହିଥିଲା। ଏଭଳି କେତେକ ଘଟଣା, ଦୁର୍ଘଟଣା ଓ ଅପରାଧକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ସ୍କ୍ରାପ୍, ପ୍ଲାଷ୍ଟିକ୍ ବୋତଲରେ ହାତୀ

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ବର୍ଜ୍ୟବସ୍ତୁ ଓ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଆଇଟିଆଇର ଫିଟର, ଏଗ୍ରିକଲଚର ମେଶିନାରି ଛାତ୍ରୀଛାତ୍ର ସ୍କ୍ରାପ୍ ଓ ପ୍ଲାଷ୍ଟିକ୍ ବୋତଲରେ ୨୨ ଫୁଟ ଉଚ୍ଚତା, ୨୪ ଫୁଟ ଲମ୍ବ ଓ ୬.୬ ଫୁଟ ଓସାରର ଏକ ହାତୀ ପ୍ରତିକୃତି ନିର୍ମାଣ କରିଥିଲେ, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ମିଶନ ଅବସରରେ ଉଦ୍‌ଘାଟନ କରାଯାଇଛି। ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ସହରର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦ ହଜାର ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଥିଲା।





## ଚାଲିଗଲା ୧୨ କନ୍ୟାଯାତ୍ରୀଙ୍କ ଜୀବନ

ଗଞ୍ଜାମ ଜିଲା ଦିଗପହଣ୍ଡି ଖେମୁଣ୍ଡି ମହାବିଦ୍ୟାଳୟ ନିକଟରେ ଜୁନ୍ ୨୫ ତାରିଖ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। କନ୍ୟାଯାତ୍ରୀଙ୍କୁ ନେଇ ଯାଉଥିବା ମିନିବସ୍‌କୁ ସାମ୍ନାପଟୁ ଏକ ସରକାରୀ ବସ୍ ଧକ୍କା ଦେବାରୁ ୧୨ ଜଣଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୮ ଜଣ ଥିଲେ। ଏହି ଘଟଣା କେବଳ ଗଞ୍ଜାମ ନୁହେଁ ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଥିଲା। କନ୍ୟାପକ୍ଷ ବ୍ରହ୍ମପୁର ବ୍ୟାଙ୍କ କଲୋନୀ ବାପୁଜୀନଗରରେ ବରପକ୍ଷ ଘରୁ ଭୋଜି ଖାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସାନଖେମୁଣ୍ଡି ବ୍ଲକ ଖଣ୍ଡଦେଉଳି ଗ୍ରାମରେ କନ୍ୟାପକ୍ଷଙ୍କ ବାହାଘର ଖୁସି ଲୁହରେ ଭିଜିଥିଲା।

## ଗଞ୍ଜେଇକୁ ନେଇ ଥାନାପୋଡ଼ି

ଗଞ୍ଜେଇ ଚାଲାଣରେ ପୋଲିସର ସମ୍ପୃକ୍ତି ଦର୍ଶାଇ ଅଗଷ୍ଟ ୫ ତାରିଖରେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାରେ ଲୋକେ ନିଆଁ ଲଗାଇ ଦେଇଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଆସିଥିବା ପୋଲିସକୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଫିରିଙ୍ଗିଆ ଥାନାର କେତେଜଣ କର୍ମଚାରୀ ଏକ ବୋଲେରୋରେ ଗଞ୍ଜେଇ ନେଇ ଯାଉଥିବା ବେଳେ ଫିରିଙ୍ଗିଆର କେତେଜଣ ଜନପ୍ରତିନିଧି ଅଟକାଇ ପଚାରିବାରୁ ଏହା ବିକ୍ରି ପାଇଁ ନିଆଯାଉଥିବା ସେମାନେ କହିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଅଞ୍ଚଳବାସୀ ଲଙ୍କାକାଣ୍ଡ କରିଥିଲେ। ପରେ ପୋଲିସ ୧୯ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରିଥିଲା।



## ନିଜ ପାଇଁ ନିଜେ ସମାଧି ତିଆରି କଲେ



ବଞ୍ଚି ଥାଉ ଥାଉ ନିଜ ପାଇଁ ଓ ସ୍ତ୍ରୀଙ୍କ ଲାଗି ମାର୍ବଲରେ ସୁନ୍ଦର ସମାଧି ତିଆରି କରି ଚର୍ଚ୍ଚାରେ ଥିଲେ ଗଜପତି ଜିଲା ନୂଆଗଡ଼ ବ୍ଲକ ସୌରିଗାଁର ଲକ୍ଷ୍ମଣ ଭୂୟାଁ। ମୃତ୍ୟୁ ପରେ ପୁଅ ଝିଅ ଭଲ ସମାଧି ତିଆରି କରିବେ କି ନାହିଁ ବୋଲି ଚିନ୍ତା କରି ସେ ଏପରି କରିଥିଲେ। ନିଜେ ଅମଳ କରିଥିବା ଧାନ, କୋଳଥ, କାଜୁ ଓ ଘରେ ଥିବା ଗାଈ ବିକ୍ରି କରି ପ୍ରାୟ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚରେ ଲକ୍ଷ୍ମଣ ଦୁଇଟି ସମାଧି ତିଆରି କରିଛନ୍ତି।

## ବଡ଼ ମେଡିକାଲରୁ ଇଞ୍ଜେକ୍ସନ୍ ଚୋରି

ଜୁଲାଇ ୬ ତାରିଖ ରାତିରେ ଏମ୍‌କେସିଜି ମେଡିକାଲ ଫାଣ୍ଡି ପୋଲିସ ମେଡିକାଲ ପୁରୁଣା ଶିଶୁ ବିଭାଗର ଇନ୍‌ଡୋର କୋଠାରେ ଥିବା ଏକ ପ୍ଲାଷ୍ଟିକ ଅଖାରୁ ଇଞ୍ଜେକ୍ସନ୍ ଜବତ କରିଥିଲା। ସେଥିରୁ ସେଫଟ୍ରିଆକ୍ସନ୍ ଆଣ୍ଡ ସୁଲବାକ୍ଟମ୍ ନାମକ ୨୫ ପ୍ୟାକେଟ୍(୬୦୦ ଭାଏଲ୍) ଇଞ୍ଜେକ୍ସନ୍ ରହିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ଉକ୍ତ ଇଞ୍ଜେକ୍ସନ୍‌ଗୁଡ଼ିକୁ ଷ୍ଟୋରରୁ ଚୋରି ହୋଇଥିବା ଜଣାପଡିଥିଲା। ଅନ୍ୟ ଏକ ଚୋରି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଖୋଜିବା ବେଳେ ଇଞ୍ଜେକସନ ମିଳିଥିଲା। ଯାହାକି ଚର୍ଚ୍ଚାର ବିଷୟ ପାଲଟିଥିଲା। ବଡ ମେଡିକାଲରେ ଏପରି ପୂର୍ବରୁ ମଧ୍ୟ ଔଷଧ ଚୋରି ହୋଇଛି।

## ସଂସାର ଉଜାଡ଼ିଲା ପରକୀୟା ପ୍ରୀତି

୩ ଜିଲାରେ ପୁଞ୍ଜିପୁତ ଅଶାନ୍ତି, ରାଜନୈତିକ ବିବାଦ, ଅସହ୍ୟ ନିର୍ଯାତନା, ପରକୀୟା ପ୍ରୀତି ଆଦି କାରଣରୁ ଅନେକ ଜୀବନ ଚାଲିଯାଇଛି। ଏପରିକି ଆତ୍ମୀୟ ମଧ୍ୟ ନିଜ ରକ୍ତର ସମ୍ପର୍କକୁ ହତ୍ୟା କରିବା ଭଳି ଘଟଣା ଘଟିଯାଇଛି। ପରକୀୟା ପ୍ରେମକୁ ନେଇ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ନିଜ ପ୍ରେମିକ ସହ ମିଶି ଜଣେ ମା’ ତାଙ୍କ ଶିଶୁପୁତ୍ରକୁ ମାରି ଦେଇଥିଲେ। ବ୍ରହ୍ମପୁରରେ ପୁଅକୁ ପୋଖରୀକୁ ଠେଲି ହତ୍ୟା କରିବାକୁ ମା’ ପଛାଇ ନ ଥିଲେ। ସେହିପରି ବ୍ରହ୍ମପୁରରେ ଶିଶୁ କଲ୍ୟାଣ ସମିତି ସଦସ୍ୟା ସୌଦାମିନୀ ରଥଙ୍କୁ ଘର ଭିତରେ ତାଙ୍କ ଡ୍ରାଇଭର ଲୁଟ୍ ଉଦ୍ଦେଶ୍ୟରେ ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

## କ୍ୟାମେରାରେ କଏଦ ମହାବଳ



ଗଜପତି ଜିଲା ରାୟଗଡ଼ ବ୍ଲକ କୁମୁଲିସିଙ୍ଗ ପଞ୍ଚାୟତ ଅଁଳାବର ଜଙ୍ଗଲରେ ନଭେମ୍ବର ୨୨ରେ ଏକ ମହାବଳ ବାଘ ଗୋଟିଏ ଗାଈକୁ ଘୋଷାରି ନେଇ ଦରଖିଆ ଛାଡ଼ିଦେବା ଘଟଣା ସାମ୍ନାକୁ ଆସିଥିଲା। ବନ ବିଭାଗ ପକ୍ଷରୁ ଲାଗିଥିବା ଟ୍ରାପ୍ କ୍ୟାମେରାରେ ଗାଈକୁ ବାଘ ଖାଉଥିବା ଫଟୋ କଏଦ ହୋଇଥିଲା। ବାଘଟି ମହାରାଷ୍ଟ୍ରରୁ ଅନୁକୂଳ ପରିବେଶ ଖୋଜି ଜଙ୍ଗଲରେ ପ୍ରାୟ ଦୁଇ ହଜାର କି.ମି. ରାସ୍ତା ଅତିକ୍ରମ କରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଜିଲାରେ ଆତଙ୍କ ସୃଷ୍ଟି କରିଥିଲା।



## ପୂର୍ବତନ ବିଧାୟକଙ୍କୁ ଆଜୀବନ ଜେଲ



ଗଞ୍ଜାମ ଜିଲା ଛତ୍ରପୁରର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀଙ୍କୁ ସେପ୍ଟେମ୍ବର ୩୧ ତାରିଖରେ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଛତ୍ରପୁର ଥାନା ଅଞ୍ଚଳରେ ଟାଟା କମ୍ପାନୀର ଜମି ଅଧିଗ୍ରହଣ ସମୟରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କୁ ବୋମା ଫିଙ୍ଗି ହତ୍ୟା ଘଟଣାରେ ସେ ସମ୍ପୃକ୍ତ ଥିଲେ। ଘଟଣାର ୨୫ ବର୍ଷ ପରେ କୋର୍ଟ ପୂର୍ବତନ ବିଧାୟକଙ୍କ ସମେତ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

## ରହସ୍ୟରେ ନବୋଦୟ ଛାତ୍ରୀଙ୍କ ମୃତ୍ୟୁ

ଗଜପତି ଜିଲା ପାରଳାଖେମୁଣ୍ଡି ନବୋଦୟ ବିଦ୍ୟାଳୟର ନାବାଳିକା ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ଘଟଣା ରହସ୍ୟ ଉପରୁ ପରଦା ଉଠିଲାନି। ସୌଦାମିନୀ ବିଦ୍ୟାଳୟ ହଷ୍ଟେଲରେ ରହି ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଫେବୃୟାରୀ ୨୦ରେ ହଷ୍ଟେଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରାଯାଇଥିଲା। ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଥିଲା। ଅଭିଯୁକ୍ତଙ୍କ ଗିରଫ ଦାବିରେ ଦୀର୍ଘଦିନ ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହିତ ବିଭିନ୍ନ ସଂଗଠନ ଧାରଣାରେ ବସିଥିଲେ। ଘଟଣାକୁ ୧୦ମାସ ବିତିଯାଇଥିଲେ ମଧ୍ୟ ଘଟଣା ଉପରୁ କ୍ରାଇମ୍‌ବ୍ରାଞ୍ଚ ପରଦା ଉଠାଇପାରିନାହିଁ।

## ସ୍କୁଲ ଯିବ ଜଗା




କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା ଏବେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ସ୍କୁଲରେ ତା’ର ନାମ ଲେଖାଇ ପାଠ ପଢ଼ାଇବାକୁ ଦିଲ୍ଲୀ ଏମ୍‌ସର ନ୍ୟୁରୋସର୍ଜରି ବିଭାଗ ପ୍ରଫେସର ଦୀପକ ଗୁପ୍ତା ଡିସେମ୍ବର ୧୬ ତାରିଖରେ ଜଗାକୁ ଦେଖିବାକୁ ଆସିଥିବା ବେଳେ ଏହି ପରାମର୍ଶ ଦେଇଛନ୍ତି। ଶୀଘ୍ର ଜଗାର ମୁଣ୍ଡରେ ଦ୍ୱିତୀୟ ଅସ୍ତ୍ରୋପଚାର କରାଯିବ। ଏହା ଦିଲ୍ଲୀ କିମ୍ବା ଭୁବନେଶ୍ୱରରେ ହୋଇପାରେ ବୋଲି ସେ କହିଛନ୍ତି। ୬ବର୍ଷ ତଳେ ଦିଲ୍ଲୀ ଏମ୍‌ସରେ ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ସଫଳ ଅସ୍ତ୍ରୋପଚାର କରାଯାଇ ଉଭୟଙ୍କୁ ଅଲଗା କରାଯାଇଥିଲା। ସେଠାରୁ ଫେରିବା ପରେ କାଳିଆଙ୍କ ମୃତ୍ୟୁ ଘଟିଥିଲା।

## ଡରାଇଲା ଟ୍ରେନ୍ ଧୂଆଁ

ବ୍ରହ୍ମପୁର ରେଳ ଷ୍ଟେଶନ ନିକଟରେ ଦୁଇଥର ଚଳନ୍ତା ଟ୍ରେନ୍‌ରେ ଅଗ୍ନିକାଣ୍ଡ ହୋଇଥିଲା। ଜୁନ୍ ୬ ତାରିଖରେ ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍ ଟ୍ରେନରୁ ଧୂଆଁ ବାହାରୁଥିବା ଦେଖି ଯାତ୍ରୀମାନେ ଆତଙ୍କିତ ହୋଇପଡିଥିଲେ। ଶର୍ଟ ସର୍କିଟରୁ ଏସି କ୍ୟାବିନରେ ନିଆଁ ଲାଗିଥିଲା। ସେହିପରି ଜୁଲାଇ ୧୧ ତାରିଖରେ ଡିବ୍ରୁଗଡ଼- କନ୍ୟାକୁମାରୀ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନର ଏକ ବଗି ତଳେ ବ୍ରେକ୍ ସୁ’ରେ ଜରି ଲାଗି ପୋଡିଯାଇ ଧୂଆଁ ବାହାରିବା ଯୋଗୁ ଚେନ୍ ଟାଣି ଯାତ୍ରୀମାନେ ପ୍ରାଣ ବିକଳରେ ଓହ୍ଲାଇ ପଡ଼ିଥିଲେ।




## ଘାତକ ସାଜିଲା ଜେନେରେଟର

ଗଜପତି ଜିଲା ଆର.ଉଦୟଗିରି ଥାନା ଶିଆଳିଲଟି ପଞ୍ଚାୟତ ବେତାର ସିଂ ଗ୍ରାମରେ ଫେବୃୟାରୀ ୧୮ରେ ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ କକା ଗଣେଶ ନାୟକ ଓ ଝିଆରୀ ଅମ୍ବିକା ନାୟକଙ୍କ ମୃତ୍ୟୁ ଘଟିଥିଲା। ଭୋଜି ଖାଇ ଘରେ ଶୋଇଥିବା ବେଳେ ବର୍ଷା ଆସିବାରୁ ଜେନେରେଟରକୁ ଲୋକେ ଘର ଭିତରକୁ ନେଇଯାଇଥିଲେ। ଫଳରେ ଜେନେରେଟର ଧୂଆଁରେ ଏହି ଅଭାବନୀୟ ଘଟଣା ଘଟିଥିଲା।





## ପ୍ରଥମ ସରପଞ୍ଚଙ୍କୁ ମାଓବାଦୀଙ୍କ ଗୁଳି

କନ୍ଧମାଳରେ ମାଓବାଦୀ କିଛି ମାସ ବ୍ୟବଧାନରେ ସେମାନଙ୍କ ଉପସ୍ଥିତି ଜାହିର କରିଥିଲେ। ପୋଲିସ ଇନ୍‌ଫର୍ମର ସନ୍ଦେହରେ ମେ ୧୦ ତାରିଖ ରାତିରେ ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତର ପ୍ରଥମ ସରପଞ୍ଚ ସୁବଳ କହଁରଙ୍କୁ ଗୁଳି କରି ହତ୍ୟା କରିଥିଲେ। ୨୦୧୭ରେ ସୁମରବନ୍ଧକୁ ନୂତନ ପଞ୍ଚାୟତ ଘୋଷଣା କରାଯାଇଥିଲା। ସାମାଜିକ କର୍ମୀ ସାଉଲିପଡା ଗାଁର ସୁବଳ ସେହିବର୍ଷ ହୋଇଥିବା ପଞ୍ଚାୟତ ନିର୍ବାଚନ ଲଢ଼ି ପ୍ରଥମ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପୋଲିସ ଇନ୍‌ଫର୍ମରର ସନ୍ଦେହରେ ମାଓବାଦୀମାନେ ତାଙ୍କୁ ପ୍ରଜାକୋର୍ଟରେ ଗାଁ ଛାଡି ଚାଲିଯିବାକୁ ତାଗିଦ୍ କରିଥିଲେ।

# ଓଏଫ୍‌ସିର କ୍ରମାଗତ ବିଜୟ



ଗୋଲ ଦେବା ପରେ ଖୁସି ମନାଉଛନ୍ତି ପ୍ୟାରୀ ଖାଖା ଓ ଏସ୍ ଲିଣ୍ଡା କମ୍।

ଭୁବନେଶ୍ୱର,୨୦।୧୨
(ସରୋଜ ଜେନା)

ଇଣ୍ଡିଆନ୍ ଓମେନ୍ସ ଲିଗ୍ ଫୁଟବଲରେ କ୍ରମାଗତ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଦଳ ୨-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ କେରଳକୁ ପରାସ୍ତ କରିଛି। ଓଏଫ୍‌ସି ପକ୍ଷରୁ ପ୍ୟାରୀ ଖାଖା(୩୨) ଓ ଏସ୍ ଲିଣ୍ଡା କମ୍ (୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

ଉଭୟ ଦଳ ପ୍ରାରମ୍ଭରୁ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲେ। ପଞ୍ଚମ ମିନିଟରେ ଓଏଫ୍‌ସି ପକ୍ଷରୁ ଅସ୍ତମ ଓରାଓଁ ଏକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ତେବେ ଏହାକୁ ଗୋକୁଲମ୍ ଡିଫେଣ୍ଡର ଅଟକାଇବାରେ ସଫଳ ହୋଇଥିଲେ। ୧୦ମ ମିନିଟରେ ଗୋକୁଲମ ପ୍ରୟାସକୁ ନିଷ୍ଫଳ କରିଥିଲେ ସ୍ୱିଟି। ପ୍ରଥମାର୍ଦ୍ଧର ୩୨ ତମ ମିନିଟରେ ଓଏଫ୍‌ସିକୁ ଅଗ୍ରଣୀ ପ୍ରଦାନ କରିଥିଲେ ପ୍ୟାରୀ ଖାଖା। ଲେଫ୍ଟ ଫ୍ଲାଙ୍କରୁ ସଞ୍ଜୁ ଓ ଯଶୋଦା ମୁଣ୍ଡା ଚମତ୍କାର ତାଳମେଳ ଦେଖାଇବା ସହିତ ପ୍ୟାରୀଙ୍କୁ ପାଶ୍ କରିଥିଲେ। ଏହାକୁ ଗୋଲରେ ପରିଣତ କରି ପ୍ୟାରୀ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୪୫+୩ ମିନିଟରେ ୱିନ ଓ ୫୩ ମିନିଟରେ ଇନ୍ଦୁମତୀ କାଥିରସେନଙ୍କ ନିକଟରେ ସ୍କୋରିଂ ରହିଥିଲେ ମଧ୍ୟ ଶଟ୍ ପୋଷ୍ଟ ବାହାରକୁ ଯାଇଥିଲା। ୮୩ ତମ ମିନିଟରେ ଯଶୋଦାଙ୍କ ପାଶ୍‌କୁ ଗୋଲରେ ପରିଣତ କରି ଲିଣ୍ଡା କମ୍ ଓଏଫ୍‌ସିର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଏହି ବିଜୟ ସହିତ ଓଏଫ୍‌ସି ବର୍ତ୍ତମାନ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ଜାନୁୟାରୀ ୫ ତାରିଖରେ ସେଥୁ ଏଫ୍‌ସି ବିପକ୍ଷରେ ଖେଳିବ।



ଓଡ଼ିଶା ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଟପ୍ ଅର୍ଡର ବ୍ୟାଟିଂରେ ସୁଧାର ଆଶାରେ ଭାରତ

ପାର୍ଲ୍,୨୦।୧୨(ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଗୁରୁବାର ଖେଳାଯିବ। ଏହି ମ୍ୟାଚ୍‌ରେ ସିରିଜ୍ ବାଜିରେ ଲାଗିଥିବା ବେଳେ ଭାରତ ସିରିଜ୍ ବିଜୟୀ ହେବାକୁ ଚେଷ୍ଟା କରିବ। ଭାରତ ଶେଷ ଥର ପାଇଁ ୨୦୧୮ରେ ଦକ୍ଷିଣ ଆଫ୍ରିକାରେ ଏକ ଦିନିକିଆ ସିରିଜ୍ ଜିତିଥିଲା। ଏହା ସହିତ ଦକ୍ଷିଣ ଆଫ୍ରିକାରେ ଏହା ଭାରତର ଏକମାତ୍ର ଦିନିକିଆ ସିରିଜ୍ ବିଜୟ। ଏପରି ସ୍ଥିତିରେ ଭାରତୀୟ ଟପ୍ ଅର୍ଡର ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ଦୁଇ ଦିନିକିଆରେ ଭାରତୀୟ ଟପ୍ ଅର୍ଡର ବିଫଳ ହୋଇଛି। ବି. ସାଇ ସୁଦର୍ଶନ ଦୁଇଟି ଯାକ ମ୍ୟାଚ୍‌ରେ ଯଥାକ୍ରମେ ୫୫ ଓ ୬୨ ରନ୍ ସ୍କୋର କରିଥିବା ବେଳେ ଅନ୍ୟତମ ଓପନର ଋତୁରାଜ ଗାଏକ୍ୱାଡ ବିଫଳ ହୋଇଛନ୍ତି। ଉଭୟ ମ୍ୟାଚ୍‌ରେ ସେ ଯଥାକ୍ରମେ ୫ ଓ ୪ ରନ୍ କରିବାରେ ସମର୍ଥ ହୋଇଛନ୍ତି। ଏହା ବ୍ୟତୀତ ଟପ୍ ଅର୍ଡରରେ ବ୍ୟାଟିଂ କରିଥିବା ତିଲକ ବର୍ମା ମଧ୍ୟ ବିଫଳ ହୋଇଛନ୍ତି। କ୍ୟାରିୟର ଆରମ୍ଭରୁ ବର୍ମାଙ୍କୁ ସବୁଆଡୁ ପ୍ରଶଂସା କରାଯାଉଥିବା ବେଳେ ବିଗତ କିଛି ମାସରେ ତାଙ୍କର ପ୍ରଦର୍ଶନ ଆଖିଦୃଶିଆ ରହିନାହିଁ। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଓପନର ଟୋନି ଡି ଜୋର୍ଜି ଚମତ୍କାର ଶତକ ହାସଲ କରିଥିଲେ। ଅନ୍ତିମ ମ୍ୟାଚ୍‌ରେ ଉଭୟ ଟପ୍ ଅର୍ଡର ବ୍ୟାଟରଙ୍କ ବ୍ୟାଟରୁ ରନ୍ ଆସିବା ନେଇ ଆଶା କରିବ ଭାରତୀୟ ମ୍ୟାନେଜମେଣ୍ଟ। ଏହା ସହିତ ଭାରତ ତିଳକ ବର୍ମାଙ୍କ ସ୍ଥାନରେ ରଜତ ପାଟିଦାରଙ୍କୁ ଦଳରେ ସାମିଲ କରିପାରେ। ରଜତ ମଧ୍ୟପ୍ରଦେଶ ପାଇଁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରନ୍ତି। ବୋଲାଣ୍ଡ ପାର୍କର ପିଚ୍ ସର୍ବଦା ବ୍ୟାଟରଙ୍କୁ ସୁହାଉଥିବା ବେଳେ ଭାରତୀୟ ଖେଳାଳି ଏଥିରୁ ଫାଇଦା ଉଠାଇବାକୁ ପ୍ରୟାସ କରିବେ। ସେହିପରି ଦ୍ୱିତୀୟ ଦିନିକିଆରେ ବିଫଳ ହୋଇଥିବା ସଞ୍ଜୁ ସାମସନଙ୍କୁ ମଧ୍ୟ ଦଳ ଆଉ ଏକ ସୁଯୋଗ ପ୍ରଦାନ କରିବା ନେଇ ଆଶା କରାଯାଉଛି। ତେବେ ଭାରତର ବ୍ୟାଟିଂ ଅପେକ୍ଷା ବୋଲିଂକୁ ନେଇ ସମାନ ଭାବରେ ଚିନ୍ତା ଲାଗି ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ଏହାର ଟପ୍ ଅର୍ଡର ଓ ପେସରଙ୍କ ଉପରେ ଅଧିକ ନିର୍ଭରଶୀଳ ରହିବ।

**ଆଜି ଅନ୍ତିମ ଦିନିକିଆ**
ସ୍ଥାନ: ବୋଲାଣ୍ଡ ପାର୍କ
ସମୟ: ଅପରାହ୍ନ ୪.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ

# ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ଲକ୍ଷ୍ୟ

ମୁମ୍ବାଇ,୨୦।୧୨(ପି.ଟି.)

ଏକ ସପ୍ତାହ ମଧ୍ୟରେ ଭାରତୀୟ ମହିଳା କ୍ରିକେଟ ଦଳ ଏହାର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛି। ଇଂଲଣ୍ଡକୁ ପରାସ୍ତ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି ଭାରତ। ୪୬ ବର୍ଷର ଇତିହାସରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରିନାହିଁ। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଦଳ ଏହି ରେକର୍ଡ ଭାଙ୍ଗିବାକୁ ଚାହିଁବ। ଏହା ସହିତ ପୁନର୍ବାର ଭାରତ ନିଜ ସ୍ପିନରଙ୍କ ଉପରେ ଅଧିକ ନିର୍ଭରଶୀଳ ରହିବ। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଫ୍ ସ୍ପିନର ଦୀପ୍ତି ଶର୍ମା ଚମତ୍କାର ବୋଲିଂ କରି ବିଜୟର କର୍ଣ୍ଣଧାର ସାଜିଥିଲେ। ମହିଳା ଟେଷ୍ଟ ଇତିହାସରେ ସର୍ବବୃହତ୍ ବିଜୟ ରେକର୍ଡ କରିବା ସହିତ ଭାରତ ୩୪୭ ରନ୍‌ରେ ବିଜୟୀ ହୋଇଥିଲା। ଡି ୱାଇ ପାଟିଲ ଷ୍ଟାଡିୟମର ସଫଳତା ଭାରତ ୱାଙ୍ଖେଡେରେ ଦୋହରାଇବାକୁ ପ୍ରୟାସ କରୁଥିବା ବେଳେ କେବଳ ଦୀପ୍ତି ନୁହନ୍ତି ବରଂ ଅନ୍ୟ ଖେଳାଳିଙ୍କ ଉପରେ ମଧ୍ୟ ନଜର ରହିବ। ପେସ୍ ବୋଲର ରେଣୁକା ସିଂ ଠାକୁର ନୂଆ ବଲ୍‌ରେ ଚମତ୍କାର ବୋଲିଂ କରୁଥିବା ବେଳେ ପୂଜା ବସ୍ତ୍ରକାର ମଧ୍ୟ ଚମତ୍କାର ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି।

ତେବେ ଭାରତୀୟ ବ୍ୟାଟିଂ ମ୍ୟାଚ୍‌ରେ ସବୁଠାରୁ ସକାରାତ୍ମକ ରହିଥିଲା। ଅଧିନାୟିକା ହରମନ୍‌ପ୍ରୀତ୍ କୌର(୪୯ ଓ ୪୪*) ଉଭୟ ଇନିଂସରେ ଚମତ୍କାର ବ୍ୟାଟିଂ କରିଥିବା ବେଳେ ଜେମିମା ରୋଡ୍ରିଗୁଏଜ୍(୬୮) ଓ ଯାସ୍ତିକା ଭାଟିଆ(୬୬) ଉପଯୋଗୀ ଅବଦାନ ଦେଇଥିଲେ। ସମସ୍ତ ଖେଳାଳିଙ୍କ ବ୍ୟାଟରୁ ଭଲ ରନ୍ ଆଶା କରିବ ଭାରତ। ଏହା ବ୍ୟତୀତ ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ମଧ୍ୟ ରନ୍ ସ୍କୋର କରିବାକୁ ଚାହିଁବେ। ତେବେ ଇଂଲଣ୍ଡ ବିପକ୍ଷ ପଦାର୍ପଣ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଶୁଭା ସତୀଶ ଆହତ କାରଣରୁ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ସତୀଶଙ୍କ ସ୍ଥାନରେ ପ୍ରିୟା ପୁନିଆଙ୍କୁ ଭାରତୀୟ ଦଳକୁ ଡାକରା ମିଳିଛି। ତେବେ ପୁନିଆଙ୍କ ଅପେକ୍ଷା ହରଲିନ୍ ଦେଓଲଙ୍କ ଖେଳିବା ସମ୍ଭାବନା ଅଧିକ। ମଙ୍ଗଳବାର ହରଲିନ୍ ନେଟ୍ସରେ ଅଭ୍ୟାସ କରିଥିବା ବେଳେ ତାଙ୍କୁ ସୁଯୋଗ ମିଳିପାରେ।

ଉଭୟ ଦଳ ମଧ୍ୟରେ ଦୁଇ ବର୍ଷ ତଳେ ଶେଷ ମ୍ୟାଚ୍ ଖେଳାଯାଇଥିଲା। ସ୍ମୃତି ମନ୍ଧାନାଙ୍କ ଲଢୁଆ ୧୨୭ ରନ୍ ବଳରେ ଭାରତ ଏହି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ୧୯୮୪ରେ ୱାଙ୍ଖେଡେରେ ଉଭୟ ଦଳ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳା ଯାଇଥିବା ବେଳେ ସମାନ ଷ୍ଟାଡିୟମରେ ଭାରତ ବିଜୟୀ ହେବାକୁ ପ୍ରୟାସ କରିବ। ମେଗ୍ ଲାନିଙ୍ଗଙ୍କ ଅବସର ପରେ ଆଲିସା ହିଲୀ ଅଧିନାୟକ ଭାବରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଏହା ବ୍ୟତୀତ ଏଲିସ ପେରୀ, ଆସ୍‌ଲେ ଗାର୍ଡନର, ବେଥ୍ ମୁନି ଓ ଟାଲିଆ ମ୍ୟାକ୍‌ଗ୍ରାଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ଉପରେ ଦଳ ନିର୍ଭର କରିବ। ତେବେ ଭାରତୀୟ ପରିସ୍ଥିତିରେ ସ୍ଲୋ ଟର୍ନିଂ ଟ୍ରାକ୍ ଅଷ୍ଟ୍ରେଲିଆକୁ ସମସ୍ୟାରେ ପକାଇପାରେ।



ଏକ ହାଲୁକା ମୁହୂର୍ତ୍ତରେ ସାଥି ଖେଳାଳିଙ୍କ ସହ ଅଧିନାୟିକା ହରମନପ୍ରୀତ କୌର।

**ଆଜିଠୁ ମହିଳା ଟେଷ୍ଟ**
ସ୍ଥାନ: ୱାଙ୍ଖଡେ, ମୁମ୍ବାଇ
ସମୟ: ସକାଳ ୯.୦୦
ପ୍ରସାରଣ : ସ୍ପୋର୍ଟ୍ସ ୧୮

# ଜାନୁୟାରୀ ୯ରେ ଜାତୀୟ କ୍ରୀଡ଼ା ପୁରସ୍କାର

**କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ତାଲିକା ଅନୁମୋଦିତ**

ନୂଆଦିଲ୍ଲୀ, ୨୦।୧୨ (ପି.ଟି.)

ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ମନୋନୀତ ଖେଳାଳିଙ୍କ ନାମ ଉପରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମୋହର ଲାଗିଛି। ଫଳରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସମ୍ମାନଜନକ ଖେଳରତ୍ନ ଓ ୨୬ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇବା ସ୍ପଷ୍ଟ ହୋଇଯାଇଛି। ଏହା ମଧ୍ୟରେ ଟିମ୍ ଇଣ୍ଡିଆ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ନାମ ସାମିଲ। ଜାନୁୟାରୀ ୯ରେ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ। ଚିରାଗ-ସାତ୍ତ୍ୱିକ ହେଉଛନ୍ତି ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ, ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲକାରୀ। ଅର୍ଜୁନ ପୁରସ୍କାର ପାଇଁ ପୂର୍ବରୁ ସୁପାରିସ କରାଯାଇଥିବା ତାଲିକାରେ ଶାମିଙ୍କ ନାମ ନ ଥିଲା। ଗତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶାମିଙ୍କ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ବିଶ୍ୱକପ୍‌ରେ ଶାମି ୭ଟି ମ୍ୟାଚ ଖେଳି ୨୪ ଉଇକେଟ ନେଇ ଅଗ୍ରଣୀ ବୋଲରଙ୍କ ତାଲିକାରେ ସାମିଲ ହୋଇଥିଲେ।

## ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା ତାଲିକା

**ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର:** ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ (ବ୍ୟାଡ୍‌ମିଣ୍ଟନ)।

**ଅର୍ଜୁନ ପୁରସ୍କାର:** ଓଜସ ପ୍ରବୀଣ ଦେଓତାଲେ ଓ ଅଦିତି ଗୋପୀଚାନ୍ଦ ସ୍ୱାମୀ (ଉଭୟ ଆର୍ଚେରୀ), ପାରୁଲ ଚୌଧାରୀ ଓ ମୁରଲୀ ଶ୍ରୀଶଙ୍କର (ଆଥ୍‌ଲେଟିକ୍ସ), ଆର. ବୈଶାଳୀ (ଚେସ୍), ମହମ୍ମଦ ହୁସାମୁଦ୍ଦିନ (ବକ୍ସିଂ), ମହମ୍ମଦ ଶାମି (କ୍ରିକେଟ), ଦିବ୍ୟକୀର୍ତ୍ତି ସିଂ ଓ ଅନୁଷ ଅଗ୍ରୱାଲା (ଇକ୍ୱେଷ୍ଟ୍ରେନ), ଦୀକ୍ଷା ଡଗର(ଗଲ୍ଫ), କ୍ରିଷନ୍ ବାହାଦୁର ପାଠକ ଓ ସୁଶୀଳା ଚାନୁ (ହକି), ପୱନ କୁମାର ଓ ରିତୁ ନେଗି (କବାଡ଼ି), ନସରିନ (ଖୋ ଖୋ), ପିଙ୍କି (ଲନ୍ ବଲ୍), ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଓ ଇଶା ସିଂ (ଶୁଟିଂ), ହରିନ୍ଦର ପାଲ୍ ସିଂ ସାନ୍ଧୁ (ସ୍କ୍ୱାଶ୍), ଆହିକା ମୁଖାର୍ଜୀ (ଟେବୁଲ ଟେନିସ୍), ସୁଶୀଲ କୁମାର ଓ ଅନ୍ତିମ ପଂଘାଲ (କୁସ୍ତି), ନାଓରେମ ରୋଶିବିନା ଦେବୀ (ଉଷୁ), ଶୀତଲ ଦେବୀ (ପାରା ଆର୍ଚେରୀ), ଅଜୟ ରେଡ୍ଡୀ (ଦୃଷ୍ଟିବାଧିତ କ୍ରିକେଟ) ଓ ପ୍ରାଚୀ ଯାଦବ (ପାରା କାନୋଇଂ)।

**ଧ୍ୟାନଚାନ୍ଦ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ:** କବିତା ସେଲଭାରାଜ (କବାଡି), ମଞ୍ଜୁଷା କନୱର (ବ୍ୟାଡ୍‌ମିଣ୍ଟନ), ଭିନିତ କୁମାର ଶର୍ମା (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ରେଗୁଲାର ବର୍ଗ/ଶ୍ରେଷ୍ଠ କୋଚ୍):** ଗଣେଶ ପ୍ରଭାକର ଦେଭରୁଖକର (ମାଲଖମ୍ବ), ମହାବୀର ପ୍ରସାଦ ସଇନି (ପାରା ଆଥ୍‌ଲେଟିକ୍ସ), ଲଳିତ କୁମାର (କୁସ୍ତି), ଆର୍. ବି. ରମେଶ (ଚେସ୍), ଶିବେନ୍ଦ୍ର ସିଂ (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍-ଟାଇମ୍ କାଟେଗୋରି/ଶ୍ରେଷ୍ଠ କୋଚ୍):** ଜସକୀରଟ ସିଂ ଗ୍ରେୱାଲ (ଗଲ୍ଫ), ଇ. ଭାସ୍କରନ (କବାଡ଼ି), ଜୟନ୍ତ କୁମାର ପୁଶିଲାଲ (ଟେବୁଲ ଟେନିସ)।

# ସୋଆରେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବ



ଆୟୋଜକଙ୍କ ପକ୍ଷରୁ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ଜାନୁୟାରୀ ୨୮ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ପ୍ରଥମ ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବ ଅନୁଷ୍ଠିତ ହେବ। ସୋଆ, ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ୍ (ଆଇସିଏଫ୍), ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍), ସ୍ପୋର୍ଟ୍ସଅଥରିଟିଅଫ୍ ଇଣ୍ଡିଆ(ସାଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ (ଏଓସିଏ) ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହି ମେଗା ପ୍ରତିଯୋଗିତା ପାଇଁ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହି ୮ ଦିନିଆ ଟୁର୍ନାମେଣ୍ଟରେ ପାଖାପାଖି ୨୦ଟି ଦେଶରୁ ପ୍ରାୟ ୧୫୦୦ ଖେଳାଳି ଯୋଗ ଦେବା ସମ୍ଭାବନା ଅଛି ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ନନ୍ଦ ସୂଚନା ଦେଇଛନ୍ତି।

୨୦୦୮ରେ ତୁର୍କୀରେ ଆୟୋଜିତ ଜୁନିୟର ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍‌ର ବିଜେତା ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା (୨୫୯୬ ରେଟିଂ) ଏ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାର ଟପ୍ ସିଡ୍ ଖେଳାଳି ବିବେଚିତ ହେଉଛନ୍ତି। ଡେନ୍‌ମାର୍କ, ନେଦରଲାଣ୍ଡ୍ସ, ଇରାନ୍, ଶ୍ରୀଲଙ୍କା, ଭିଏତ୍‌ନାମ, ଆର୍ମେନିଆ, ବେଲାରୁଷ, ଇଜିପ୍ଟ, ଫିଲିପାଇନ୍ସ, ରୁଷିଆ, ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ, ସ୍ଲୋଭାକିଆ, କିମ୍ବାୱେ ଓ ଭାରତର ଚେସ୍ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ସମ୍ମତିପ୍ରଦାନ କରିସାରିଛନ୍ତି। ୩ ବର୍ଗରେ ପ୍ରତିଯୋଗିତା ହେବ। କାଟେଗୋରି-ଏ ପାଇଁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି। କାଟେଗୋରି 'ବି' ଓ 'ସି' ପାଇଁ ୭.୫ ଲକ୍ଷ ଟଙ୍କା ମୋଟ ପୁରସ୍କାର ରାଶି ରଖାଯାଇଛି। ଏ ଓ ବି' ବର୍ଗର ପ୍ରତିଯୋଗିତା ୧୦ ରାଉଣ୍ଡ, ସି' ବର୍ଗରେ ୯ ରାଉଣ୍ଡ ଖେଳ ହେବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଉପସଭାପତି ବସନ୍ତ କୁମାର ଦାସ, ସମ୍ପାଦକ ଦେବବ୍ରତ ଭଞ୍ଜ ଓ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ଥିଲେ।

# ଓଡ଼ିଶାରେ ପ୍ରଥମଥର ପିକଲବଲ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୧୨
(ତପନ ସ୍ୱାଇଁ)

ଓଡ଼ିଶାରେ ପ୍ରଥମଥର ପାଇଁ ପିକଲବଲ୍ ଚାମ୍ପିୟନଶିପ୍ ରୁଦ୍ରପୁରସ୍ଥିତ ହାଇୱେ ହୋଣ୍ଡା କମ୍ପ୍ଲେକ୍ସରେ ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଏଣ୍ଟ୍ରି ଫି' ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ୨୪ ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ୧୬ ବର୍ଷରୁ କମ୍ ବାଳିକା ଓ ବାଳକ, ମହିଳା ଓ ପୁରୁଷ ବର୍ଗରେ ସିଙ୍ଗଲ୍ସ ଓ ଡବଲ୍ସ ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ମହିଳା ଓ ପୁରୁଷ ବିଭାଗରେ ପ୍ରତିଯୋଗିତା ହେବ। ଜଣେ ପ୍ରତିଯୋଗୀ ସର୍ବାଧିକ ୨ଟି ଇଭେଣ୍ଟରେ ଭାଗ ନେଇପାରିବେ। ବିଜେତାଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ ବୋଲି ଓଡ଼ିଶା ପିକଲବଲ୍ ଆସୋସିଏଶନ ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

**ନଗେଶ ଟ୍ରଫି ଦୃଷ୍ଟିବାଧିତ କ୍ରିକେଟ**

# ସୁପର-୮କୁ ଓଡ଼ିଶା ଉନ୍ନୀତ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

କେରଳର କୋଚିନଠାରେ ଚାଲିଥିବା ଦୃଷ୍ଟିବାଧିତ ଜାତୀୟ ନଗେଶ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଏଥିସହ ଓଡ଼ିଶା ସୁପର-୮ରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ବିହାରକୁ ପରାସ୍ତ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ୧୪.୫ ଓଭରରେ ୯୦ ରନକରି ଅଲ୍‌ଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଲିଙ୍ଗରାଜ ରାଉତରା ୨ଟି ଏବଂ ସୁଖରାମ ମାଝି, ପଙ୍କଜ ଭୁଏ, ଦେବରାଜ ବେହେରା ଓ ଅନିଲ ମଲିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୯୧ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୯.୫ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ସୁଖରାମ ମାଝି ୨୭ ଓ ଲାଲ ପ୍ରସାଦ ସୋରେନ ୧୬ ରନକରି ଓଡ଼ିଶାକୁ ସହଜ ବିଜୟ ଦେଇଥିଲେ। ଲିଙ୍ଗରାଜ ରାଉତରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ୪ର୍ଥ ଲିଗ୍ ମ୍ୟାଚରେ ଶୁକ୍ରବାର ଉତ୍ତର ପ୍ରଦେଶକୁ ଭେଟିବ।



ଲିଙ୍ଗରାଜ ରାଉତରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।




ପଦକ ଓ ପୁରସ୍କାର ସହ ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ।

**ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍**

# କିଟ୍ ଓଭରଅଲ୍ ଚାମ୍ପିୟନ

**ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ):** ପୁରୀଠାରେ ୪୦ତମ ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ଜୁନିୟର ବର୍ଗ ସମେତ ସବ୍‌ଜୁନିୟର ଓ ସିନିୟର ବର୍ଗରେ ମିଳିତଭାବେ ଗ୍ରୁପ୍ ଚାମ୍ପିୟନ ହୋଇଥିବାରୁ କିଟ୍‌କୁ ଓଭରଅଲ୍ ଚାମ୍ପିୟନ ଘୋଷଣା କରାଯାଇଛି। କିଟ୍ ଦଳକୁ ଏହାର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




ବଡ଼ ସଞ୍ଚୟ

ALTO K10 ₹64 000* WAGONR ₹64 000*

S-PRESSO ₹64 000* CELERIO ₹59 000*

SWIFT ₹59 000*

10 DAYS TO GO

OFFER VALID TILL STOCK LASTS.

100%*^ ON-ROAD FUNDING AVAILABLE

SCAN TO CHAT WITH US

ALTO K10 S-PRESSO SWIFT WAGONR CELERIO

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

Black glass on the vehicle is due to lighting effect.

**JYOTE MOTORS**
**BHUBANESWAR:** LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
**BHUBANESWAR:** PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

**NARAYANI MOTORS**
**BHUBANESHWAR:** RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
**ANGUL:** 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
**CUTTACK:** 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/variants. Above mentioned savings amount is the value of maximum savings on selected models. ^*Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31st December 2023.